ସାଧାରଣ ଲୋକଙ୍କ ଖବରକାଗଜ
ପର୍ଯ୍ୟବେକ୍ଷକ 25
PARYABEKHYAK   पर्यवेक्षक
Vol.26 . No.23 Bhubaneswar Tuesday February 28 2023   ୨୬ତମ ବର୍ଷ ସଂଖ୍ୟା–୨୩ ଭୁବନେଶ୍ୱର, ମଙ୍ଗଳବାର, ଫେବୃଆରୀ ୨୮, ୨୦୨୩ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹1.50 (Air Surcharge - 0.50P) Member-INS

# ବାହୁଡା ମତ: ତ୍ରିପୁରା ଓ ନାଗାଲାଣ୍ଡରେ ବିଜେପି ସରକାର




ଭୁବନେଶ୍ୱର, ୨୭।୨(ପି.ଏନ): ଉତ୍ତର-ପୂର୍ବ ରାଜ୍ୟ ତ୍ରିପୁରା, ମେଘାଳୟ ଓ ନାଗାଲାଣ୍ଡରେ ଭୋଟଗ୍ରହଣ ଶେଷ ହୋଇଛି । ଏସବୁ ନିର୍ବାଚନ ଶେଷ ହେବା ପରେ ଏସବୁ ରାଜ୍ୟରେ କିଏ ସରକାର ଗଢିବ ତାହାକୁ ନେଇ କଳ୍ପନା ଜଳ୍ପନା ଆରମ୍ଭ ହୋଇଛି । ମେଘାଳୟ ଓ ନାଗାଲାଣ୍ଡରେ କିଏ ଜିତିବ ଏସବୁ ପ୍ରଶ୍ନର ଉତ୍ତର ଆସନ୍ତା ଗୁରୁବାର ଭୋଟଗଣତି ପରେ ଜଣାପଡିବ । ତେବେ ଭୋଟ ଗଣତି ପୂର୍ବରୁ ଏକଜିଟ୍ ପୋଲ ଫଳାଫଳ ପ୍ରକାଶ ପାଇଛି । ଏକଜିଟ୍ ପୋଲ ପୂର୍ବାନୁମାନ ଅନୁଯାୟୀ ତ୍ରିପୁରାରେ ପୁଣିଥରେ ବିଜେପି କ୍ଷମତାକୁ ଫେରିପାରେ । ସେହିପରି ନାଗାଲାଣ୍ଡରେ ମଧ୍ୟ ବିଜେପିର ମେଣ୍ଟ ଦଳ ଚମକିବ । ଇଣ୍ଡିଆଟୁଡେ ଏକଜିଟ୍ ପୋଲ ଅନୁଯାୟୀ ତ୍ରିପୁରାରେ ପୁଣି ଥରେ ମାନିକ ଶା'ଙ୍କ ନେତୃତ୍ୱାଧୀନ ବିଜେପି କ୍ଷମତାକୁ ପ୍ରତ୍ୟାବର୍ତ୍ତନ କରିବ । ଇଣ୍ଡିଆଟୁଡେ-ଆକ୍ସିସ ମାଇଁ ଇଣ୍ଡିଆ ରିପୋର୍ଟ ଅନୁଯାୟୀ, ତ୍ରିପୁରାରେ ବିଜେପି ୩୬ଟିରୁ ୪୫ଟି ସିଟ୍ ହାତେଇବ । ସେହିପରି ତିପାମୁଥା ୯ରୁ ୧୬ଟି ସିଟ୍ ହାତେଇପାରେ । ସେହିପରି ବାମପନ୍ଥୀ-କଂଗ୍ରେସ ମିଳିତ ଖାତାକୁ ୬ରୁ ୧୧ ସିଟ୍ ଯାଇପାରେ । ଗୋଟେ ସମୟରେ ତ୍ରିପୁରା ବାମପନ୍ଥୀଙ୍କ ଗଡ ଥିଲା । ପ୍ରାୟ ୨୫ ବର୍ଷ ଧରି ଶାସନ କରିବା ପରେ ଗତ ୨୦୧୮ ନିର୍ବାଚନରେ ବିଜେପି ପାଖରୁ ଧରାଶାୟୀ ହୋଇଥିଲା । ସେହିପରି ତ୍ରିପୁରାରେ ବିଜେପି ୪୫ ପ୍ରତିଶତ ଭୋଟ ସେୟାର ପାଇବ । ବିଜେପିର ପ୍ରତିଦ୍ୱନ୍ଦୀ କଂଗ୍ରେସ ଓ ବାମପନ୍ଥୀ ମେଣ୍ଟ ୩୨ ପ୍ରତିଶତ ଏବଂ ତ୍ରିପାମୋ ଦଳ ୨୦ ପ୍ରତିଶତ ଭୋଟ ସେୟାର ପାଇବ । ତ୍ରିପୁରାରେ ଶେଷ ହୋଇଥିବା ନିର୍ବାଚନରେ ୮୮ ପ୍ରତିଶତ ମତଦାନ ହୋଇଛି । ଭୋଟ ଶାନ୍ତିଶୃଙ୍ଖଳାର ସହ ଶେଷ ହୋଇଥିଲା । ଏତେ ପରିମାଣରେ ମତଦାନ ହେବା ବିଧାନସଭା ନିର୍ବାଚନରେ ଏକ ରେକର୍ଡ ବୋଲି କୁହାଯାଉଛି । ୨୦୧୮ରେ ତ୍ରିପୁରା ବିଧାନସଭା ପାଇଁ ହୋଇଥିବା ନିର୍ବାଚନରେ ୮୯.୩୮ ପ୍ରତିଶତ ଭୋଟ୍ ହୋଇଥିଲା । ୬୦ ଆସନ ବିଶିଷ୍ଟ ତ୍ରିପୁରା ବିଧାନସଭାରେ ବିଜୟୀ ପାଇଁ ମ୍ୟାଜିକ ନମ୍ବର ରହିଛି ୩୧ । ଜି ନ୍ୟୁଜ୍-ମାଟ୍ରିଜ୍ ପୂର୍ବାନୁମାନ କରିଛି ଯେ, ତ୍ରିପୁରାରେ ବିଜେପି ୨୯-୩୬ ସିଟ୍ ପାଇବ । ବାମପନ୍ଥୀ ୧୩-୨୧ ସିଟ୍ ହାତେଇବ । ସେହିପରି ନାଗାଲାଣ୍ଡରେ ମଧ୍ୟ ବିଜେପି-ଏନଡିପିପି ପୁଣି ଥରେ କ୍ଷମତା ବଜାୟ ରଖିବ । ନାଗାଲାଣ୍ଡରେ ବିଜେପି-ଏନଡିପିପି ମେଣ୍ଟ ୬୦ଟି ଆସନରୁ ୩୫ରୁ ୪୩ ଆସନ ଅକ୍ତିଆର କରିପାରେ । ସେହିପରି ମେଘାଳୟରେ କନରାଡ ସାଙ୍ଗମାଙ୍କ ନେତୃତ୍ୱାଧୀନ ଏନପିପି ଏକକ ସଂଖ୍ୟାଗରିଷ୍ଠତା ଦଳ ଭାବେ ଉଭା ହୋଇପାରେ । ଜି ନ୍ୟୁଜ୍-ମାଟ୍ରିଜ୍‌ର ସର୍ଭେ ଅନୁଯାୟୀ ଏନପିପି ୨୧ରୁ ୨୬ଟି ଆସନ ଦଖଲ କରିପାରେ । ୨୦୧୮ରେ ରାଜ୍ୟରେ କେବଳ ଦୁଇଟି ଆସନ ଜିତିଥିବା ବିଜେପି ଏଥର ୬ରୁ ୧୧ଟି ସିଟ୍ ନିଜ ମୁଣିକୁ ଆଣିପାରେ । ନୂଆ କରି ରାଜ୍ୟରେ ଡେବ୍ୟୁ କରିଥିବା ଟିଏମସି ୮ରୁ ୧୩ଟି ସିଟ୍ ଆସନ ପାଇପାରେ । ଗୁରୁବାର ତ୍ରିପୁରା ସମେତ ମେଘାଳୟ ଏବଂ ନାଗାଲାଣ୍ଡରେ ଭୋଟ ଗଣତି ରହିଛି ।

# ଡାକ୍ତର ମାନଙ୍କର ଅଭାବକୁ ନେଇ ବିଧାନସଭାରେ ଉଦବେଗ

ଭୁବନେଶ୍ୱର, ୨୭।୨(ପି.ଏନ):– ରାଜ୍ୟରେ ବିଭିନ୍ନ ଡାକ୍ତରଖାନାରେ ଆବଶ୍ୟକୀୟ ସଂଖ୍ୟାରେ ଶଯ୍ୟା ନ ରହିବା, ଡାକ୍ତରଖାନା ମାନଙ୍କରେ ମଂଜୁରୀ ପ୍ରାପ୍ତ ପଦବୀ ଠାରୁ ଢେର କମ ସଂଖ୍ୟାରେ ଡାକ୍ତର ରହିବା ଆଦି ପ୍ରସଙ୍ଗକୁ ନେଇ ବିଧାନସଭାରେ ଆଜି ବିଧାୟକ ମାନେ ଗଭୀର ଭାବେ ଉଦବେଗ ପ୍ରକାଶ କରିଥିଲେ । ପ୍ରଶ୍ନକାଳରେ ସ୍ୱାସ୍ଥ୍ୟ ବିଭାଗ ସହିତ ଜଡିତ ଏକ ପ୍ରଶ୍ନ ଉପରେ ଆଲୋଚନା ବେଳେ ବେଡ୍ ଓ ଡାକ୍ତର ଅଭାବ ବିଷୟକୁ ନେଇ ଅସନ୍ତୋଷ ପ୍ରକାଶ କରିଥିଲେ । ଅନ୍ୟ ପକ୍ଷରେ ସ୍ୱାସ୍ଥ୍ୟ ମନ୍ତ୍ରୀ ନିରଂଜନ ପୁଜାରୀ କହିଛନ୍ତି ଯେ ରାଜ୍ୟରେ ବିଭିନ୍ନ ଡାକ୍ତରଖାନା ମାନଙ୍କରେ ବେଡ୍ ସଂଖ୍ୟା ବୃଦ୍ଧି କରିବା ସହ ଆଗାମୀ ଦିନରେ ପାଂଚ ହଜାର ଡାକ୍ତରଙ୍କୁ ନିଯୁକ୍ତି ଦେବାକୁ ପ୍ରକ୍ରିୟା ଜାରୀ ରହିଛି । ପ୍ରଶ୍ନକାଳରେ ବିଧାୟକ ମୋହନ ଚରଣ ମାଝୀଙ୍କ ମୂଳ୍ ପ୍ରଶ୍ନର ଉତ୍ତର ବେଳେ ଆଲୋଚନାରେ ଅଂଶଗ୍ରହଣ କରି ରାଇରଙ୍ଗପୁର ବିଧାୟକ ନବ ଚରଣ ମାଝୀ କହିଥିଲେ ରାଇରଙ୍ଗ ସବଡିଭିଜନ ହସପିଟାଲରେ ୩୭ଟି ମଂଜୁରୀ ପ୍ରାପ୍ତ ଡାକ୍ତର ପଦ ରହିଛି । ଏଥି ମଧ୍ୟରୁ କେବଳ ୬ ଜଣ ଡାକ୍ତର ଅଛନ୍ତି । ସମସ୍ତ ରୋଗୀଙ୍କୁ ବାରିପଦା ରେଫର କରି ଦିଆଯାଉଛି । ବାରିପଦା ସେଠାରୁ ଶହେ କିମି ଦୂର । ତେଣୁ ଏହି ପ୍ରସଙ୍ଗରେ ସେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ସ୍ୱାସ୍ଥ୍ୟ ସଚିବ, ଜିଲ୍ଲାପାଳ ଓ ସିଡିଏମଓଙ୍କୁ ପତ୍ର ଲେଖି ସାରିଛନ୍ତି । ଏହା ସତ୍ୱେ କିଛି ହେଉ ନାହିଁ । ତେଣୁ ସେ ଆମରଣ ଅନଶନ କରିବାକୁ ବାଧ୍ୟ ହେବେ ବୋଲି ଧମକ ଦେଇଛନ୍ତି । ଏହାର ଉତ୍ତରରେ ସ୍ୱାସ୍ଥ୍ୟ ମନ୍ତ୍ରୀ କହିଛନ୍ତି, ଆଗାମୀ ଦିନରେ ରାଜ୍ୟରେ ୫ହଜାର ଡାକ୍ତରଙ୍କୁ ନିଯୁକ୍ତି ଦେବାକୁ ଯାଉଛନ୍ତି ରାଜ୍ୟ ସରକାର । ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟରେ ପ୍ରାଥମିକତା ଭିତ୍ତିରେ ଡାକ୍ତର ପଦବି ପୂରଣ କରାଯିବ । ସ୍ୱାସ୍ଥ୍ୟ ମନ୍ତ୍ରୀ ଆହୁରି କହିଛନ୍ତି ଯେ ଶଯ୍ୟା ଅଭାବରୁ କାହାକୁ ଫେରାଇ ଦିଆଯାଉ ନାହିଁ । ୨୦୧୭-୨୦୧୮ରୁ ୨୦୨୨-୨୦୨୩ ମଧ୍ୟରେ ୧୭ ହଜାର ୧୩୦ରୁ ୨୫ ହଜାର ୬୫୦ ବେଡ ବୃଦ୍ଧି କରାଯାଇଛି । ଆଗାମୀ ଆର୍ଥିକ ବର୍ଷରେ ୨୧ ହଜାର ୩୪୨ ବେଡ ବଢ଼ାଇବାକୁ ନୀତିଗତ ନିଷ୍ପତ୍ତି ହୋଇଛି ।

# କେତେ ପାରଙ୍ଗମ କ୍ରାଇମବ୍ରାଞ୍ଚ: ୫ ବର୍ଷରେ ମାତ୍ର ୧୫% ମାମଲାରେ ଚାର୍ଜଶିଟ୍




ଭୁବନେଶ୍ୱର, ୨୭।୨(ପି.ଏନ): ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସ ହତ୍ୟା ମାମଲାରେ କ୍ରାଇମବ୍ରାଞ୍ଚ ତଦନ୍ତ ଓ ପାରିବାପଣିଆକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଥିବା ବେଳେ କ୍ରାଇମବ୍ରାଞ୍ଚର ଟ୍ରାକ୍ ରେକର୍ଡ ଏବେ ପଦାରେ ପଡିଛି । ବିଭିନ୍ନ ଅପରାଧ ମାମଲାରେ ରାଜନୀତିକ ସମ୍ପୃକ୍ତି ଓ ବିବାଦ ବଢ଼ିବା ପରେ କ୍ରାଇମବ୍ରାଞ୍ଚକୁ ତଦନ୍ତ ଭାର ଦେଇ ରାଜ୍ୟ ସରକାର ନିରପେକ୍ଷ ତଦନ୍ତ କଥା କହୁଥିବାବେଳେ ତଦନ୍ତର ମନ୍ଥର ଗତି ଓ ସଫଳତା ହାର ଏବେ କ୍ରାଇମବ୍ରାଞ୍ଚର ବିଶ୍ୱସନୀୟତା ଓ ନିରପେକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଯେଉଁଥିପାଇଁ ଗତ ୫ବର୍ଷ ମଧ୍ୟରେ କ୍ରାଇମବ୍ରାଂଚ୍ ମୋଟ ୯୧ଟି ମାମଲାର ତଦନ୍ତ ଭାର ହାତକୁ ନେଇଥିବାବେଳେ ସେଥିରୁ ମାତ୍ର ୧୫% ମାମଲାରେ ଚାର୍ଜଶିଟ୍ ଦାଖଲ କରିଛି ଓ ଆଉ ୧୫% ମାମଲାରେ ଫାଇନାଲ ରିପୋର୍ଟ ଦେବାରେ ସକ୍ଷମ ହୋଇଛି । ରାଜ୍ୟ ସରକାର ଫାଇଭ-ଟି ଉପରେ ଗୁରୁତ୍ୱ ଦେଉଥିବାବେଳେ କ୍ରାଇମବ୍ରାଞ୍ଚ ତଦନ୍ତର ମନ୍ଥର ଗତି ଯୋଗୁ ପ୍ରଭାବିତ ଲୋକେ ନ୍ୟାୟ ପାଇବାରୁ ବଂଚିତ ହେଉଥିବା ଜଣାପଡିଛି । ଆଜି ବିଧାନସଭାରେ କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ଓ ବିଜେପି ମୁଖ୍ୟ ସଚେତକ ମୋହନ ମାଝୀଙ୍କ ଭିନ୍ନ ଭିନ୍ନ ପ୍ରଶ୍ନର ଲିଖିତ ଉତ୍ତରରେ ଗୃହ ରାଷ୍ଟ୍ରମନ୍ତ୍ରୀ ତୁଷାରକାନ୍ତି ବେହେରା କହିଛନ୍ତି ଯେ ୨୦୧୮ରୁ ୨୦୨୨ ମସିହା ମଧ୍ୟରେ କ୍ରାଇମବ୍ରାଞ୍ଚ ମୋଟ ୯୧ଟି ମାମଲା ତଦନ୍ତ ପାଇଁ ହାତକୁ ନେଇଛି । ସେଥିରୁ ୧୩ଟିର ଚାର୍ଜଶିଟ୍ ଦାଖଲ କରିଥିବାବେଳେ ଆଉ ୧୪ଟିର ଫାଇନାଲ ରିପୋର୍ଟ ଦାଖଲ କରିଛି । ୨୦୧୮ରେ ମୋଟ ୩୨ଟି ମାମଲାରୁ ୫ଟିରେ ଚାର୍ଜଶିଟ୍ ଓ ୮ଟିରେ ଫାଇନାଲ ରିପୋର୍ଟ ଦାଖଲ କରିଥିବା କ୍ରାଇମବ୍ରାଞ୍ଚ ୨୦୧୯ରେ ୨୦ଟି ମାମଲାର ତଦନ୍ତ ଭାର ନେଇଛି । ସେଥିରୁ ୨ଟିରେ ଚାର୍ଜଶିଟ୍ ଓ ୩ଟିରେ ଫାଇନାଲ ରିପୋର୍ଟ, ୨୦୨୦ରେ ୧୫ଟି ମାମଲାରୁ ୨ଟିରେ ଚାର୍ଜଶିଟ୍ ଓ ଗୋଟିଏରେ ଫାଇନାଲ ରିପୋର୍ଟ, ୨୦୨୧ ମସିହାରେ ୧୮ଟି ମାମଲାର ତଦନ୍ତ ହାତକୁ ନେଇଥିବା କ୍ରାଇମବ୍ରାଞ୍ଚ ୩ଟି ମାମଲାରେ ଚାର୍ଜଶିଟ୍ ଓ ୨ଟି ମାମଲାର ଫାଇନାଲ ରିପୋର୍ଟ, ୨୦୨୨ରେ ମୋଟ ୬ଟି ମାମଲାରୁ ଗୋଟିଏରେ ଚାର୍ଜଶିଟ୍ ଦାଖଲ କରିବାରେ ସକ୍ଷମ ହୋଇଛି ।

## ୨ ଦିନିଆ ମୁମ୍ବାଇ ଗସ୍ତରେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୭।୨(ପି.ଏନ): ଆଜି (ସୋମବାର)ଠାରୁ ଦୁଇ ଦିନିଆ ମୁମ୍ବାଇ ଗସ୍ତରେ ଯାଇଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । କ୍ରୀଡ଼ାର ବିକାଶରେ ଓଡ଼ିଶାର ଅବଦାନ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୁମ୍ବାଇରେ ସମ୍ମାନିତ ହୋଇଛନ୍ତି । ସୋମବାର ସଂଧ୍ୟାରେ ମୁମ୍ବାଇରେ ଆୟୋଜିତ ସ୍ପୋଟର୍ସ ଷ୍ଟାର ଆସେସ୍ ଆୱାର୍ଡ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କୁ ସମ୍ମାନିତ କରାଯାଇଥିଲା । ଏହାସହ ମୁମ୍ବାଇରେ ବିଶିଷ୍ଟ ଶିଳ୍ପପତି ତଥା ରିଲାଏନ୍ସ ସିଏମଡି ମୁକେଶ ଅମ୍ବାନୀଙ୍କୁ ଭେଟିବେ ମୁଖ୍ୟମନ୍ତ୍ରୀ । ଆସନ୍ତାକାଲି ମୁଖ୍ୟମନ୍ତ୍ରୀ ଭୁବନେଶ୍ୱର ଫେରିବାର କାର୍ଯ୍ୟକ୍ରମ ରହିଛି ।

## ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ମୁକେଶ ଅମ୍ବାନୀ

ମୁମ୍ବାଇ/ଭୁବନେଶ୍ୱର, ୨୭।୨(ପି.ଏନ): ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ର ସିଏମଡି ମୁକେଶ ଅମ୍ବାନୀ ଓଡିଶା ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କୁ ସୋମବାର ମୁମ୍ବାଇରେ ଭେଟିଛନ୍ତି । ପୁଞ୍ଜି ବିନିଯୋଗ ଲକ୍ଷ୍ୟସ୍ଥଳ ଭାବରେ ଓଡିଶାର ଦକ୍ଷତା ତଥା ରାଜ୍ୟକରେ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ ର ଭବିଷ୍ୟତ ବିନିଯୋଗ ଯୋଜନା ବିଷୟରେ ଉଭୟଙ୍କ ମଧ୍ୟରେ ଆଲୋଚନା ହୋଇଥିବା ଜଣାପଡିଛି ।

## ଘୋଷଣା

ଯାନ୍ତ୍ରିକ ତ୍ରୁଟି ଯୋଗୁଁ 'ପର୍ଯ୍ୟବେକ୍ଷକ' ୨୭ ତାରିଖ ସଂସ୍କରଣଟି ପ୍ରକାଶ ପାଇ ପାରିନଥିଲା । ଏହି ଅନିଚ୍ଛାକୃତ ତ୍ରୁଟି ପାଇଁ ଆମେ ଦୁଃଖିତ ।

–ପ୍ରକାଶକ

# ଆଜି ବିଧାନସଭା ଘେରିବ ଯୁବମୋର୍ଚ୍ଚା

ଭୁବନେଶ୍ୱର, ୨୭।୨(ପି.ଏନ): ନବ ଦାସ ହତ୍ୟାକାଣ୍ଡର ସତ୍ୟାସତ୍ୟ ଉନ୍ମୋଚନ, ଘଟଣାର ସିବିଆଇ ତଦନ୍ତ ଏବଂ ଓଡିଶାର ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ପରିସ୍ଥିତିକୁ ନେଇ ଆସନ୍ତାକାଲି (ମଙ୍ଗଳବାର)ବିଜେପି ଯୁବମୋର୍ଚ୍ଚା ତରଫରୁ ବିଧାନସଭା ଘେରାଓ କରାଯିବ ବୋଲି ବିଜେପି ରାଜ୍ୟ ସାଧାରଣ ସଂପାଦକ ଗୋଲକ ମହାପାତ୍ର ସୂଚନା ଦେଇଛନ୍ତି । ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ସେ କହିଛନ୍ତି ଯେ ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ଦିନକୁ ଦିନ ବିଗିଡିବାରେ ଲାଗିଛି । ପ୍ରତି ବର୍ଷ ଅପରାଧ ସଂଖ୍ୟା ବଢିବାରେ ଲାଗିଛି । ଗତ ୫ ବର୍ଷରେ ୬୫.୯୦ ପ୍ରତିଶତ ଅପରାଧ ବୃଦ୍ଧି ପାଇଛି । ୨୦୧୮ରେ ୧୦୭୪୦୮; ୨୦୧୯ରେ ୧୨୧୫୨୫; ୨୦୨୦ରେ ୧୩୪୨୩୦; ୨୦୨୧ରେ ୧୫୫୪୨୦; ୨୦୨୨ରେ ୧୭୮୧୯୦ଟି ଅପରାଧ ରେକର୍ଡ ହୋଇଥିବାର ଗୃହ ରାଜ୍ୟ ମନ୍ତ୍ରୀ ବିଧାନସଭାରେ କହିଛନ୍ତି । ହତ୍ୟା, ଚୋରୀ, ଡକାୟତି, ଧର୍ଷଣ, ଠକାମି ଭଳି ଅପରାଧ ଉପରେ ରୋକ୍ ଲଗାଇବାରେ ବିଫଳ ହୋଇଛନ୍ତି ରାଜ୍ୟ ସରକାର । ବହୁ ଚର୍ଚ୍ଚିତ ସ୍ୱାସ୍ଥ୍ୟ ମନ୍ତ୍ରୀ ନବ ଦାସ ହତ୍ୟା ପ୍ରସଙ୍ଗରେ ଆଜି ବିଧାନସଭାରେ ବିଧାୟିକା ଶ୍ରୀମତୀ କୁସୁମ ଟେଟେ ଙ୍କର ପ୍ରଶ୍ନର ଉତରରେ ଗୃହ ରାଜ୍ୟମନ୍ତ୍ରୀ ତୁଷାରିକାନ୍ତ ବେହେରା ଯେଉଁଭଳି ଉତର ଦେଇଛନ୍ତି ଏହା ପ୍ରକୃତରେ ଓଡିଶାବାସୀଙ୍କ ସନ୍ଦେହକୁ ଆହୁରି ଘନୀଭୂତ କରୁଛି । ନବ ଦାସ ହତ୍ୟାକାଣ୍ଡ ଏକ ଯୋଜନାବଦ୍ଧ ହତ୍ୟା । ଏହି ହତ୍ୟାକାଣ୍ଡର ଷଡଯନ୍ତ୍ରକାରୀ ଓ ମୁଳ କାରଣକୁ ନଖୋଜି ସତ୍ୟାସତ୍ୟକୁ ଚପେଇ ଦେବା ପାଇଁ ସୁଚିନ୍ତିତ ଯୋଜନା କରୁଛି ଶାସକ ଦଳ । ପ୍ରକୃତରେ ବିଜେଡି ଷଡଯନ୍ତ୍ର କରି ଗୋପାଳ ଦାସକୁ ମୋହରା ବନାଇ ନବ ଦାସଙ୍କୁ ହତ୍ୟା କରିଛନ୍ତି । ଏ ପ୍ରସଙ୍ଗରେ ଓଡିଶାବାସୀଙ୍କୁ ରାଜ୍ୟ ସରକାର ଅନ୍ଧକାର ଭିତରେ ରଖିଛନ୍ତି ବୋଲି ଶ୍ରୀ ମହାପାତ୍ର କହିଛନ୍ତି । ଅଭିଯୁକ୍ତ ଗୋପାଳ ଦାସ ଝାରସୁଗୁଡା ଜିଲ୍ଲାରେ ୧୩ ଦିନ କି ୧୩ ମାସ ନୁହେଁ ବରଂ ନିରନ୍ତର ଭାବେ ୧୩ବର୍ଷର ସମ୍ପର୍କ ରହିଛି । ଗତ ୧୩ ବର୍ଷରେ ପୋଲିସ ବିଭାଗ ଓ ରାଜ୍ୟ ସରକାରଙ୍କ ତରଫରୁ ୧୮ଟି ପ୍ରଂଶସାପତ୍ର, ୯ଟି ଆର୍ଥିକ ପ୍ରୋତ୍ସାହନ, ୧୮ଟି ପୁରସ୍କାର ପାଇଛନ୍ତି । ଅର୍ଥାତ ପ୍ରତ୍ୟେକ ବର୍ଷ ଗୋପାଳ ଦାସ ହାରାହାରି ୪ଥର ପୁରସ୍କୃତ ହୋଇଛନ୍ତି । ଗୋପାଳ ଦାସ ୧୦ ବର୍ଷ ପୂର୍ବରୁ ମାନସିକ ରୋଗୀ ଭାବେ ଚିହ୍ନଟ ହୋଇ ମେଡିସିନ ଖାଉଥିଲେ ବୋଲି ତାଙ୍କ ପତ୍ନୀ ଓ ଚିକିତ୍ସା କରୁଥିବା ଡାକ୍ତର ପ୍ରକାଶ କରିଛନ୍ତି । ଯଦି ଏହା ସତ୍ୟ, ତାହେଲେ ଗୋପାଳ ଦାସଙ୍କୁ ଏତେ ମାତ୍ରାରେ ପୁରସ୍କାର ଓ ସମ୍ମାନ କିପରି ମିଳିଥିଲା ବୋଲି ଶ୍ରୀ ମହାପାତ୍ର ପ୍ରଶ୍ନ କରିଛନ୍ତି । ସେହିଭଳି ଏଭଳି ଘଟଣାରେ ଏଫବିଆଇ ତଦନ୍ତର ଆଦୌ ଆବଶ୍ୟକତା ନାହିଁ ବୋଲି ପୂର୍ବତନ ପୋଲିସ ଡିଜି ତଥା ବରିଷ୍ଠ ନେତା ଶ୍ରୀ ପ୍ରକାଶ ମିଶ୍ର କହିଲେ । ହତ୍ୟାକାରୀ ଘଟଣାସ୍ଥଳରୁ ଧରାପଡିଥିବାବେଳେ, ହତ୍ୟାକାଣ୍ଡର ମୁଳ କାରଣ ଆଜି ପର୍ଯ୍ୟନ୍ତ ଜଣାପଡିଲା ନାହିଁ । ତଦନ୍ତ କେବଳ ଗୋପାଳ ଚାରି ପଟେ ବୁଲୁଛି ଏବଂ ତାକୁ ପାଗଳ ବୋଲି ଚିତ୍ରଣ କରିବା ପାଇଁ ଶାସକ ଦଳ ସବୁ ପ୍ରକାର ଉଦ୍ୟମ କରୁଛନ୍ତି । ଏହି ଅବସରରେ ଯୁବମୋର୍ଚ୍ଚା ରାଜ୍ୟ ସଭାପତି ଶ୍ରୀ ଇରାଶିଶ୍ ଆଚାର୍ଯ୍ୟ, ଯୁବମୋର୍ଚ୍ଚା ସାଧାରଣ ସମ୍ପାଦକ ଦୀପକ କୁମାର ଗୋଚ୍ଛାୟତ, ବିଶ୍ୱଜିତ୍ ଷଡଙ୍ଗୀ ଏବଂ ପ୍ରିତେଶ ବହିଦାର ପ୍ରମୁଖ ଉପସ୍ଥିତ ଥିଲେ ।

# ବିଜେଡିକୁ ଭାବମୂର୍ତ୍ତି ଚିନ୍ତା: ଦିଲ୍ଲୀରେ ମିଡିଆ ସଂଯୋଜକଙ୍କୁ ମାସିକ ୨ଲକ୍ଷ ଟଙ୍କା ଦରମା




ଭୁବନେଶ୍ୱର, ୨୭।୨(ପି.ଏନ): ସାଧାରଣ ନିର୍ବାଚନ ପାଖେଇ ଆସୁଥିବାବେଳେ ଜାତୀୟସ୍ତରରେ ବିଜେଡି ତଥା ବିଜେଡି ସୁପ୍ରିମୋଙ୍କ ଭାବମୂର୍ତ୍ତି ସଜାଡିବା ଓ ଗୁରୁତ୍ୱ ବୃଦ୍ଧି ନିମନ୍ତେ ଦଳ ପକ୍ଷରୁ ରଣନୀତି ଚୂଡାନ୍ତ ହୋଇଛି । ନିର୍ବାଚନ ପୂର୍ବରୁ ଜଣେ ସାମ୍ବାଦିକଙ୍କୁ ଦିଲ୍ଲୀରେ ମିଡିଆ ସଂଯୋଜକଙ୍କୁ ନିଯୁକ୍ତି ଦେଇ ତାଙ୍କ ମାଧ୍ୟମରେ ଜାତୀୟସ୍ତରରେ ଦଳ ଓ ସରକାରର ଭାବମୂର୍ତ୍ତି ବଢ଼ାଇବା ନିମନ୍ତେ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଏଥିପାଇଁ ସମ୍ପୃକ୍ତ ମିଡିଆ ସଂଯୋଜକଙ୍କୁ ମାସିକ ୨ଲକ୍ଷ ଟଙ୍କା ଦଳ ପକ୍ଷରୁ ଦିଆଯିବ । ଆଜି ତାଙ୍କୁ ଏ ସଂକ୍ରାନ୍ତ ନିଯୁକ୍ତି ପତ୍ର ଦିଆଯାଇଛି । ସମ୍ପୃକ୍ତ ସାମ୍ବାଦିକ ଏବେ ଦିଲ୍ଲୀସ୍ଥିତ ମୁଖ୍ୟ ଆବାସିକ କମିଶନରଙ୍କ କାର୍ଯ୍ୟାଳୟରେ ମିଡିଆ ଉପଦେଷ୍ଟା ଭାବେ କାର୍ଯ୍ୟ କରୁଛନ୍ତି । ମିଳିଥିବା ସୂଚନା ଅନୁସାରେ, ଗତ ପ୍ରାୟ ଦେଢ଼ବର୍ଷରୁ ଅଧିକ ସମୟ ଧରି ଦିଲ୍ଲୀସ୍ଥିତ ମୁଖ୍ୟ ଆବାସିକ କମିଶନରଙ୍କ କାର୍ଯ୍ୟାଳୟର ମିଡିଆ ଉପଦେଷ୍ଟା ଭାବେ ସାମ୍ବାଦିକ ସୌରଭ ଶ୍ରୀବାସ୍ତବ କାର୍ଯ୍ୟ କରୁଛନ୍ତ । ଆଜି ତାଙ୍କୁ ବିଜେଡି ପକ୍ଷରୁ ମାସିକ ୨ଲକ୍ଷ ଟଙ୍କା ଦରମାରେ ନିଯୁକ୍ତି ଦିଆଯାଇଛି । ବିଜେଡି ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ତାଙ୍କୁ ଏ ସଂକ୍ରାନ୍ତରେ ଚିଠି ଲେଖି ତାଙ୍କୁ ମାସିକ ୨ଲକ୍ଷ ଟଙ୍କା ଦରମାରେ ବର୍ଷକ ପାଇଁ ନିଯୁକ୍ତି ଦିଆଯାଇଥିବା ସମ୍ପର୍କରେ ସୂଚନା ଦେବା ସହ ପ୍ରଦର୍ଶନ ଭିତ୍ତିରେ ତାଙ୍କର ନିଯୁକ୍ତି ନବୀକରଣ କରାଯିବ ବୋଲି କହିଛନ୍ତି । ଏହାସହିତ ତାଙ୍କୁ ଦିଲ୍ଲୀରେ ଦଳର ତୁଣ୍ଡ ହୋଇ କାର୍ଯ୍ୟ କରିବା, ଜାତୀୟସ୍ତରରେ ଦଳର ରଣନୀତି ପ୍ରସ୍ତୁତ, ଗଣମାଧ୍ୟମ ନିମନ୍ତେ ଦଳକୁ ସୁହାଇବା ଭଳି ତଥ୍ୟ ତଥା ଦସ୍ତାବିଜ ପ୍ରସ୍ତୁତ, ଦଳ ପକ୍ଷରୁ ସାମ୍ବାଦିକ ସମ୍ମିଳନୀ ଓ ପ୍ରେସ ବିବୃତି ଜାରି, ମିଡିଆ ହାଉସ୍ ଓ ଦଳ ମଧ୍ୟରେ ସମ୍ପର୍କ ବୃଦ୍ଧି ପାଇଁ ପଦକ୍ଷେପ, ଦିଲ୍ଲୀରେ ଦଳର ପ୍ରଚାରପ୍ରସାର, ଦଳର ବିଭିନ୍ନ କାର୍ଯ୍ୟକ୍ରମ ଓ ସୂଚନା ଜାତୀୟସ୍ତରରେ ଗଣମାଧ୍ୟମରେ ପ୍ରକାଶିତ ହେବା, ଦଳ ଉପରେ ତା'ର ପ୍ରଭାବ ଆଦି ସମ୍ପର୍କରେ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।

# ଅଧ୍ୟାପକ ଜିଦ୍‌ରେ ଅଟଳ, ବିଧାୟକଙ୍କୁ ଭେଟି ଶିକ୍ଷକ କହିଲେ ଆମ କଥା ଅଲୋଚ଼ନା ହେଉ

ଭୁବନେଶ୍ୱର, ୨୭।୨(ପି.ଏନ): ବିଧାନସଭା ଚାଲିଥିବା ବେଳେ ସରକାରଙ୍କ ମୁଣ୍ଡବିନ୍ଧାର କାରଣ ସାଜିଛି ଶିକ୍ଷକ ଆନ୍‌ଦୋଳନ । ପରୀକ୍ଷା ପରିଚ଼ାଳନା ଟେନସନଠୁ ବଳିଗଲାଣି ପରୀକ୍ଷକଙ୍କ ଟେନସନ୍ । କାହିଁକି ନା ଦିନକ ପରେ ଯୁକ୍ତ ଦୁଇ ପରୀକ୍ଷା । ଏପଟେ ଜିଦରେ ଅଟଳ ଅଧ୍ୟାପକ । ରାଜ୍ୟ ସରକାର ଦାବି ପୂରଣ ନକଲେ ସେମାନେ ଆନ୍‌ଦୋଳନରୁ ହଟିବେନି, ପରୀକ୍ଷାକୁ ଯିବେନି କି ଖାତା ଦେଖିବେନି ବୋଲି ଚେତାବନୀ ଦେଇଛନ୍ତି । ସେପଟେ ଆଲୋଚ଼ନା ଆଉ ସମାଧାନ ନକରି ପିଲାଙ୍କ ଭବିଷ୍ୟତକୁ ଆଖି ଆଗରେ ରଖି ଆନ୍‌ଦୋଳନରୁ ଓହରି ଯିବାକୁ ନିବେଦନ କରିଛନ୍ତି ଗଣ ଶିକ୍ଷାମନ୍ତ୍ରୀ । ଅନ୍ୟପଟେ ଆଜି ସମସ୍ତ ବିଧାୟକ ଏବଂ ମନ୍ତ୍ରୀମାନଙ୍କୁ ଭେଟି ଦାବି ପତ୍ର ପ୍ରଦାନ କରିଛି ମିଳିତ ପ୍ରାଥମିକ ଶିକ୍ଷକ ସଂଘ । ନିବେଦନ କରିଛି ଆମ ସମସ୍ୟା ଆଲୋଚ଼ନା ହେଉ । ଅଧ୍ୟାପକମାନଙ୍କ ବିକ୍ଷୋଭ ୧୫ ଦିନରେ ପହଞ୍ଚିଛି । ୩ଥର ସମାବେଶ ପରେ ଶେଷରେ ପରୀକ୍ଷା ବର୍ଜନ ନିଷ୍ପତ୍ତି ନିଆଯାଇଛି । ନ୍ୟାୟ ଆଉ ଅଧିକାର ପାଇଁ ଅଧ୍ୟାପକମାନେ ଏହି ଚ଼ରମ ନିଷ୍ପତ୍ତି ନେଇଛନ୍ତି । ହେଲେ ସରକାର ନିରବ । ନା ଆଲୋଚ଼ନା କରୁଛନ୍ତି, ନା ସମାଧାନର ବାଟ ଖୋଲୁଛନ୍ତି । ଫଳରେ ସରକାର ଆଉ ୬୬୨ ବର୍ଗ କଲେଜ ଅଧ୍ୟାପକ ଓ କର୍ମଚ଼ାରୀ ମହାସଂଘ ମଧ୍ୟରେ ଏକପ୍ରକାର ମୁକାବିଲା ପରିସ୍ଥିତି ଉପୁଜିଛି । ସେପଟେ ଦିନକ ପରେ ଯୁକ୍ତ ଦୁଇ ପରୀକ୍ଷା । କଲେଜଗୁଡିକରେ ପ୍ରଶ୍ନ ପତ୍ର ମଧ୍ୟ ପହଞ୍ଚି ସାରିଛି । ହେଲେ ପରୀକ୍ଷକ ବା ଅଧ୍ୟାପକମାନେ କିନ୍ତୁ ଏବେ ବି ରାଜରାସ୍ତାରେ । ସମାନ ଗ୍ରେଡ୍ ?କୁ ସମାନ ଦରମା, ସପ୍ତମ ବେତନ କମିଶନ ଲାଗୁ, ପେନସନ ଲାଗୁ ଭଳି ୪ଦଫା ଦାବିରେ ଆନ୍‌ଦୋଳନରେ ବସିଛନ୍ତି । ଅନ୍ୟପଟେ ଗଣଶିକ୍ଷା ମନ୍ତ୍ରୀ ନିବେଦନ କରିଛନ୍ତି ଯେ, ଛାତ୍ରଛାତ୍ରୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଅଧ୍ୟାପକମାନେ ସହଯୋଗ କରନ୍ତୁ ।

# ଆରଟିଓ ଅଫିସର ନୂଆ କାରସାଦି : ବେପାରୀ ସାଜିଛନ୍ତି ଆରଟିଓ ଦଲାଲ, ଲୋକେ ଶୋଷଣର ଶୀକାର

ରାଉରକେଲା, ୨୭।୨(ପି.ଏନ): ରାଉରକେଲା ସହରରେ ଏବେ ଦିର୍ଘ ଦିନ ହେଲା ଚାଲିଥିବା ଆରଟିଓ ଅଫିସ ର ନୂଆ କାରସାଦି ସମ୍ପର୍କରେ ଜଣାପଡିଛି । ପୁଲିସ ଲଗାଇ ଆରଟିଓ ଅଫିସ ସମ୍ମୁଖରୁ ଦଲାଲ ମାନଙ୍କୁ ହଟାଇବା ପରେ ନୂଆ ଗାଡି ସୋ ରୁମ ମାଲିକ ଓ ସେମାନଙ୍କ ପାଖରେ କାମ କରୁଥିବା ପିଲା ମାନଙ୍କୁ ସୁରକ୍ଷିତ ଆରଟିଓ ଦଲାଲ ଭାବେ କାମ କରାଯାଇ ମୋଟା ଅଙ୍କର ଅର୍ଥ ରୋଜଗାର ଚାଲିଛି । ଏଥିରେ ଗାଡି ମାଲିକ ତ୍ରାହି ତ୍ରାହି ଡାକ ଦେଉଥିଲେ ମଧ୍ୟ ବିଭାଗୀୟ ଉଚ୍ଚ ଅଧିକାରୀ ଜିଲ୍ଲା ପ୍ରଶାସନ ଓ ସ୍ଥାନୀୟ ଭିଜିଲାନ୍ସ ନୀରବଦ୍ରଷ୍ଟା ସାଜିଛନ୍ତି । ଖବରରୁ ଜଣାପଡିଛି ଯେ, ବର୍ତ୍ତମାନର ଆରଟିଓ ଦିର୍ଘ ଦିନ ତଳେ ଏଠାରେ ଯୋଗଦାନ କରିବା ପରେ ଆରଟିଓ ଅଫିସରେ ଦଲାଲି କରି ଚଳୁଥିବା ଲୋକ ମାନଙ୍କୁ ଏଠାରୁ ଉଠାଇ ଏକ ପରିବର୍ତନ କରିବାଲାଗି ଚାହୁଁଛନ୍ତି ଓ ଲୋକେ ଏଥିରେ ଉପକୃତ ହେବେ, ଦଲାଲିକରଣ ବନ୍ଦ ହୋଇଯିବ ବୋଲି ବାର୍ତା ଲୋକ ଲୋଚନରେ ଆଲୋଚନା ହେଲା । ଦେଖାଗଲା ଏସପି ରାଉରକେଲା ବାରମ୍ବାର ଚଢଉ କରି ଦଲାଲ ମାନଙ୍କୁ ଗିରଫ କଲେ, ଅନେକ ଦଲାଲ ଫେରାର ହେଲେ, ନିଜ ଟେବୁଲ ଧରି ଘରକୁ ଗଲେ । ତା ପରେ ଦେଖିବା ବେଳେକୁ ସାଧାରଣ ଲୋକଟିଏ ଦୁଇ ଚକିଆ ଠାରୁ ୧୨ ଚକିଆ କିଣିଲା ବେଳେ ଗାଡି ସୋ ରୁମରେ ଆରଟିଓଙ୍କ ଲାଗି ଏକ ମୋଟା ଅଙ୍କର ପାଉଣା ଦେବାକୁ ପଡୁଛି । ସେହି ଅର୍ଥ ନଦେଲେ ଗାଡି କାଗଜ ପତ୍ରରେ ଅସୁବିଧା ହେବ ବୋଲି ସୋରୁମରେ କାମ କରୁଥିବା ବାବୁ ମାନେ ବୁଝାଇ ଦେଉଛନ୍ତି । ଦୁଇ ଚକିଆ ଗାଡି କିଣିଲେ ଗାଡିର ନମ୍ବର ବୀମା ଆଦି ଲାଗି ଯାହା ଲାଗିବ ତାଠାରୁ ଅଧିକ ୨ ହଜାର ଦେବାକୁ ପଡୁଛି ତାହା ଆରଟିଓ ରାଉରକେଲାଙ୍କ ନାମରେ ଦେବାକୁ ପଡୁଛି, ଯାହାର ରସିଦ ସୋ ରୁମ ମାଲିକ ଦେଉନାହାନ୍ତି । ସେହିଭଳି ଏକ ଅଟୋ କିଣିବାକୁ ଯାଇଥିବା ଲୋକଙ୍କୁ ଅଟୋର ମୂଲ୍ୟ କୁହାଜିବା ସହ ଆରଟିଓ କାମ ଲାଗି ୩୦ ହଜାର୨୦୦ ଦେବାକୁ କୁହାଗଲା । ଏନେଇ ପ୍ରଶ୍ନ ହେବାରୁ ତାଙ୍କୁ କୁହାଗଲା, ବୀମା, ଫିଟନେସ, ପରମିଟ ପରେ ଆରଟିଓ ଖର୍ଚ୍ଚ ଦେବାକୁ ପଡିବ ଯାହାର ରସିଦ ମିଳିବ ନାହିଁ, ରସିଦ ନେଇ ଯୁକ୍ତିତର୍କ ହେବାରୁ ସେ ଖର୍ଚ୍ଚର ରସିଦ ମଧ୍ୟ ମିଳିଜିବ ବୋଲି ବିହାର ଅଂଚଳର ସେ ଯୁବକ ଦାମ୍ଭିକତାର ସହ କହିଲେ, ଏହି କଥାରୁ ଅଧିକ ସନ୍ଦେହ ହେବା ସହ ଆରଟିଓ ଖର୍ଚ୍ଚ ନେଇ ଏମାନେ ନକଲି ରସିଦ ମଧ୍ୟ ଦେଉଥାଇପାରନ୍ତି ବୋଲି ଆଲୋଚନା ଚାଲିଛି । ତେବେ ଏନେଇ ଅଧିକ ତଥ୍ୟ ନେବାରେ ଜଣାପଡିଥିଲା ଯେ, ଏଥିରେ ପ୍ରାୟ ୭ ହଜାର ଟଙ୍କା ଆରଟିଓ ଏମଭିଆଇ ଓ ଗାଡି ବିକୁଥିବା ମାଲିକ ଭାଗ କରିନେଉଛନ୍ତି । ଠିକ ସେହିଭଳି ଯେତେ ବଡ ଦାମୀ ଗାଡି ସେହି ଅନୁଶାରେ ସୋରୁମ ରୁ ଲାଂଚ ଅର୍ଥ ନେଇ ଦଲାଲ ଆରଟିଓ ଅଫିସରେ ଦେବା ପରେ କାମ ହେଉଥିବା ଖବର ମିଳିଛି । ଆଜିକାଲି ସବୁକିଛି ଅନଲାଇନ କାମ ଚାଲିଛି, କିନ୍ତୁ ନିଜ କାରବାର ଲାଗି ଏହି ଅନଲାଇନକୁ ନିଜ ଲାଇନ କରାଯାଇ ଆରଟିଓ ରାଉରକେଲା ଲୁଟୁଥିବା ଅଭିଯୋଗ ହେଉଛି । ଖାଲି ସେତିକି ନୁହେଁ, ଟ୍ରାନ୍ସପୋର୍ଟିଂ ଲାଇସେନ୍ସ, ଫଇନାନ୍ସ ରେଜିଷ୍ଟ୍ରେସନ ସାର୍ଟିଫିକେଟ ଆଦିରେ ଲାଂଚ ନଦେଲେ କାମ ହେଉନାହିଁ, ପ୍ରତି କାମ ଲାଗି ଏଠି ଖୋଲା ଖୋଲି ଲାଂଚ କାରବାର ଚାଲିଛି । ମୋଟା ମୋଟି ଆଗରୁ ଯାହା ଚାଲିଥିଲା ତାହା ଚାଲିଛି କେବଳ ବାହାରେ ବସିଥିବା ଏଜେଂଟ ମାନଙ୍କୁ ହଟାଇ ଦିଆଯାଇଛି । କିଛି ଏଜେଂଟ ଯେଉଁମାନଙ୍କୁ ଆଗରୁ ନିଜର କରି ରଖାଯାଇଥିଲା ସେମାନେ ଆଜିବି ସକ୍ରିୟ ରହିଛନ୍ତି । ବାହାରେ ବସୁଥିବା ଏଜେଂଟ ମାନଙ୍କୁ ପୁଲିସ ଜଗିବା ଲାଗି ଯାହାକୁ ଦାୟିତ୍ୱ ଦେଇଛି ସେ ବାବୁ କୁଆଡେ କହୁଛନ୍ତି ମାସିକିଆ ଦେଲେ ବସେଇ ଦେବି ନଚେତ ଏସପିଙ୍କୁ ରିପୋର୍ଟ କରିଦେବି । ଏଥିରୁ ଜନସାଧାରଣ ବୁଝିଗଲେଣି ଆରଟିଓ ଅଫିସରେ ମିଳୁଥିବା ସେବା କଣ, ସରକାରୀ ବ୍ୟବସ୍ଥାରେ ଚାଲିଛି କଣ, ଏହା ହେଉଛି ତାହାର ଜ୍ୱଳନ୍ତ ଉଦାହରଣ । ଏନେଇ ଭିଜିଲାନ୍ସର ଦୃଷ୍ଟି ଆକର୍ଷଣ କରାଜିବାରୁ ଉତର ମିଳୁଛି ଦେଖିବା ଆଜ୍ଞା ।

## ୫୦ ହଜାର ଲାଂଚ ନେବା ବେଳେ ବନ୍ଧାହେଲେ ସହକାରୀ ପୋଷ୍ଟ ମାଷ୍ଟର ଓ ଏଜେଂଟ

ରାଉରକେଲା, ୨୭।୨(ପି.ଏନ): ଜଣେ ବିଧବା ମହିଳାଙ୍କୁ ତାଙ୍କ ସ୍ୱାମୀ ପୋଷ୍ଟାଲ ବିଭାଗରେ ରଖିଥିବା ଟଙ୍କା ଦେବା ଲାଗି ନାନା କାରସାଦି କରି ଜମା ଟଙ୍କା ଦେବାଲାଗି ଲାଂଚ ନେଉଥିବା ବେଳେ ରାଉରକେଲା ମୁଖ୍ୟ ପୋଷ୍ଟ ଅଫିସ ର ସହକାରୀ ପୋଷ୍ଟ ମାଷ୍ଟର ଓ ଏଜେଂଟଙ୍କୁ ରାଉରକେଲା ସିବିଆଇର ଅଧିକାରୀ ମାନେ ବାନ୍ଧିଥିବା ଖବର ମିଳିଛି । ସେମାନେ ହେଲେ ସହକାରୀ ପୋଷ୍ଟ ମାଷ୍ଟର ବିଶ୍ୱ ରଂଜନ ବେହେରା ଓ ଏଜେଂଟ ବିମଳ କୁମାର ମୁଦୁଲି । ଖବରରୁ ପ୍ରକାଶ ଯେ, ପ୍ରଭାସିନୀ ସୁତାର ନାମକ ମହିଳା ତାଙ୍କ ସ୍ୱର୍ଗତ ସ୍ୱାମୀ ରଖିଥିବା ଜମା ରାଶିକୁ ନେବା ଲାଗି ସମସ୍ତ ପ୍ରକାର କାଗଜପତ୍ର ପୋଷ୍ଟାଲ ବିଭାଗରେ ନିଜର ପରିଚିତ ଏହି ଏଜେଂଟଙ୍କ ମାଧ୍ୟମରେ ଦାଖଲ କରିଥିଲେ । ତେବେ କାଗଜ ପତ୍ର ଦେଖି ସହକାରୀ ପୋଷ୍ଟ ମାଷ୍ଟର ଅଭିଯୁକ୍ତ ଶ୍ରୀ ବେହେରା ୨ ଲକ୍ଷ ଟଙ୍କା ଲାଂଚଦେବାକୁ କହିଥିଲେ । ତେବେ ପୋଷ୍ଟାଲ ଭଳି ବିଭାଗରେ ନିଜ ସ୍ୱାମୀ ରଖିଥିବା ଅର୍ଥକୁ ନେବାଲାଗି ପୁଣି ଲାଂଚ ଦେବାକୁ ପଡିବ ସେଇ ଚିନ୍ତା କରିବା ସହ ସିବିଆଇକୁ ଯୋଗାଯୋଗ କରିଥିଲେ । ପରେ ଲାଂଚ ଅର୍ଥ ଟିକେ କମାଇବା ଲାଗି ଶ୍ରୀମତୀ ସୁତାର ଅନୁରୋଧ କରିବାରୁ କଥା ୫୦ ହଜାରରେ ଛିଣ୍ଡିଥିଲା । ତେବେ ଆଜି ଏହି ଲାଂଚ ଅର୍ଥ ମୁଖ୍ୟ ପୋଷ୍ଟ ଅଫିସ ପରିସରରେ ଏଜେଂଟ ବାବୁଙ୍କ ଦ୍ୱାରା ପୋଷ୍ଟାଲ ବାବୁଙ୍କୁ ଦେବା ବେଳେ ଜଗି ରହିଥିବା ସିବିଆଇ ଅଧିକାରୀ ଓ କର୍ମଚାରୀ ମାନେ ଉଭୟ ଏଜେଂଟ ଓ ସହକାରୀ ପୋଷ୍ଟ ମାଷ୍ଟର ବେହେରାଙ୍କୁ ମାଡି ବସିଥିଲେ । ପରେ ସେମାନଙ୍କ ଠାରୁ ଲାଂଚ ବାବଦ ଅର୍ଥ ଜବତ କରାଯିବା ସହ ହାତରୁ କେମିକାଲ ବୋଳା ରଙ୍ଗର ପ୍ରମାଣ ମିଳିଥିଲା । ପରେ ଉଭୟ ଅଧିକାରୀ ଓ ଏଜେଂଟଙ୍କୁ ସିବିଆଇ ଅଫିସକୁ ନେଇ ପଚରା ଉଚରା ଜାରୀ ରହିଛି ।








# ଟି ଟାଇମ୍

## ବର ମାରେ ୩ଥର ଶର



ବିଭିନ୍ନ ଦେଶରେ ଭିନ୍ନ ଭିନ୍ନ ଜାତିର ଲୋକ ବାସ କରନ୍ତି । ଏଥିପାଇଁ ସମସ୍ତଙ୍କର ରୀତିନୀତି ମଧ୍ୟ ଭିନ୍ନ ଭିନ୍ନ । ବିବାହ ସମୟରେ ପାଳନ କରାଯାଉଥିବା ପରମ୍ପରା ମଧ୍ୟ ଅନେକ ପ୍ରକାର ରହିଥାଏ । ବିବାହକୁ ନେଇ ଚୀନ୍‌ରେ ଏକ ଭିନ୍ନ ପରମ୍ପରା ରହିଛି । ଚୀନ୍‌ର ୟୁଗୁର ସମ୍ପ୍ରଦାୟରେ ଦୁଇ ଦିନ ପର୍ଯ୍ୟନ୍ତ ଚାଲିଥିବା ଏହି ବିବାହ ମହୋତ୍ସବରେ ପ୍ରଥମେ ପ୍ରଥମେ ବଡ଼ ଧୁମ୍‌ଧାମ୍‌ରେ ବର ବଧୂଙ୍କର ବିବାହ କରାଯାଇଥାଏ । ପରେ ଏଠାରେ ରୀତିନୀତି ଅନୁସାରେ ବରକୁ ତିନିଥର ନିଜ ବଧୂକୁ ଧନୁଶରରେ ମାରିବାକୁ ପଡିଥାଏ । ଭଲକଥା ଏହା ହେଉଛି କି ତୀରର ଅଗ୍ରଭାଗରେ ଲାଗିଥିବା ଲୁହାକୁ କଢାଯାଇଥାଏ । କାରଣ ଏହାଫଳରେ ବଧୂ କିମ୍ବା ଅନ୍ୟ କାହାରିକୁ ଆଘାତ ନଲାଗେ । ଏହାପରେ ବର ଏହି ତୀର ଏବଂ ଧନୁକୁ ଭାଙ୍ଗି ଦେଇଥାଏ । ଏସବୁ ଏଥିପାଇଁ କରାଯାଇଥାଏ କାରଣ ବର ଏବଂ ବଧୂ ବୈବାହିକ ଜୀବନ ସୁଖମୟ ହେବା ସହିତ ସମ୍ପର୍କ ମଜଭୁତ ହୋଇଥାଏ ।

## ମଧୁମେହଜନିତ ଦୃଷ୍ଟିହୀନ ଚିକିତ୍ସାର ନୂଆ ଦିଗ

ମଧୁମେହ ଯୋଗୁଁ ଦୃଷ୍ଟିହୀନତାର ଶିକାର ହେଇଥିବା ରୋଗୀଙ୍କ ଦୃଷ୍ଟିଶକ୍ତି ଫେରାଇ ଆଣିବା ଦିଗରେ ଆମେରିକାର ଗବେଷକମାନେ ନୂଆ ଉପାୟ ବାହାର କରିଛନ୍ତି। ମଧୁମେହ ଯୋଗୁଁ ଚକ୍ଷୁର ଦୃଶ୍ୟପଟଳ (ରେଟିନା) ପ୍ରଭାବିତ ହୋଇ ରୋଗୀ ଦୃଷ୍ଟିଶକ୍ତି ହରାଇଥାଏ। ଦୁର୍ବଳ ରକ୍ତ ଧମନୀରୁ



ରକ୍ତ କିମ୍ବା ଫ୍ଲୁଇଡ ନିର୍ଗତ ହୋଇ ରେଟିନାକୁ କ୍ଷତି ପହଞ୍ଚାଇଥାଏ। ଚକ୍ଷୁର ରକ୍ତ ଧମନୀକୁ (ଲେଜର ସିଲିଂ) ପ୍ରୋଟିନ ଚର୍ବିର ଆବରଣ ଦ୍ୱାରା ସୁରକ୍ଷିତ ରଖିବା ସହିତ ଏହାକୁ ପରିବର୍ତ୍ତନ କରାଗଲେ ଦୃଷ୍ଟିଶକ୍ତି ଫେରିପାରିବ। ଆମେରିକାର ଏକ ଜର୍ଣ୍ଣାଲରେ ପ୍ରକାଶ ପାଇଥିବା ତଥ୍ୟ ଅନୁଯାୟୀ ଜନ ହପକିନ୍ସ ବିଶ୍ୱବିଦ୍ୟାଳୟ ଓ ୟୁନିଭରସିଟି ଅଫ ମେରିଲାଣ୍ଡର ଗବେଷକମାନେ ଏହି ସଫଳତା ପାଇଛନ୍ତି। ଆମେରିକାର ୪୫% ମଧୁମେହ ରୋଗୀ ଦୃଷ୍ଟିହୀନତାର ଶିକାର ହୋଇଥାନ୍ତି। ଲେଜର ସିଲିଂ ଦ୍ୱାରା ଏହାର ଚିକିତ୍ସା କରାଯିବା ସମ୍ଭବ। ନିକଟରେ ବାହାର କରାଯାଇଥିବା କେତେକ ଔଷଧ ଯଥା ବେଭାସିଜୁମାବ, ରାନିବିଜୁମାବ ଓ ଆଫଲିବେରସେପ୍ଟ ଏହି ଚିକିତ୍ସା ପାଇଁ କିଛିଟା ସହାୟକ ହୋଇପାରିଛି।

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ



ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

## ପୁରାଣ କାହାଣୀ

# ମା’କାଳୀ ଓ ରାମକୃଷ୍ଣ ପରମହଂସ



ହିନ୍ଦୁ ଧର୍ମରେ କାର୍ତ୍ତିକ ମାସକୁ ଧର୍ମର ମାସ ବୋଲି କୁହାଯାଏ । କାହିଁକିନା ଏହି ମାସରେ ନାନା ପର୍ବପର୍ବାଣି ପଡ଼ିଥାଏ ଓ ସମସ୍ତେ ଓଷା ବ୍ରତ କରି ପୁଣ୍ୟ ଅର୍ଜନ କରିବାକୁ ଚାହିଁଥାନ୍ତି । ଇତିମଧ୍ୟରୁ କାର୍ତ୍ତିକ ଅମାବାସ୍ୟା ଅନ୍ୟତମ । କାର୍ତ୍ତିକ ଅମାବାସ୍ୟାକୁ ବଡ଼ ଦୀପାବଳି ବୋଲି କୁହାଯାଏ । କାରଣ ଏହି ଦିନ ଲକ୍ଷ୍ମୀ ଓ ଗଣେଷଙ୍କୁ ପୂଜା କରାଯାଏ । ଏହି ଦିନ ମା’ଦୁର୍ଗାଙ୍କ ଚାମୁଣ୍ଡା ବା ଚଣ୍ଡି ରୂପ ଧାରଣ କରି ଚଣ୍ଡ, ମୁଣ୍ଡ ଓ ରକ୍ତବୀର୍ଯ୍ୟ ଇତ୍ୟାଦିଙ୍କୁ ବିନାଶ କରି ଦେବଗଣଙ୍କୁ ମୁକ୍ତ କରିଥିଲେ ଓ ଶାନ୍ତି ଫେରାଇ ଆଣିଥିଲେ । ଏଥିପାଇଁ ବାଣ, ରୋଷଣି ଓ ଦୀପାବଳିର ଉତ୍ସବ ମାଧ୍ୟମରେ ଏହି ପର୍ବ ପାଳନ କରାଯାଏ ।

ଚଣ୍ଡିପୁରାଣ ଓ ମାର୍କଣ୍ଡେୟ ପୁରାଣ ଅନୁଯାୟୀ ଶୁମ୍ଭ, ନିଶୁମ୍ଭ, ଚଣ୍ଡ, ମୁଣ୍ଡ ଓ ରକ୍ତବୀର୍ଯ୍ୟ ଇତ୍ୟାଦି ଅସୁରମାନେ ଦେବୀ ଦୁର୍ଗାଙ୍କୁ ଧରିବା ପାଇଁ ସୈନ୍ୟ ସାମନ୍ତ ଧରି ଆସିଥିଲେ । ସେମାନଙ୍କର ଦେବୀ ଦୁର୍ଗାଙ୍କ ସହ ଯୁଦ୍ଧ ମଧ୍ୟ ହେଲା । ସବୁ ରାକ୍ଷସ ମଧ୍ୟରେ ଥିବା ରକ୍ତବୀର୍ଯ୍ୟ ରାକ୍ଷସ ବ୍ରହ୍ମାଙ୍କଠାରୁ ବରଦାନ ପ୍ରାପ୍ତ କରିଥିଲା । ତା’ଶରୀରର ଗୋଟିଏ ରକ୍ତବିନ୍ଦୁ ଭୂମିଷ୍ଠ ହେଲେ ସେଥିରୁ ତା’ ଭଳି ଅନେକ ରାକ୍ଷସ ଜନ୍ମନେବେ । ଏପରି ସ୍ଥଳରେ ରକ୍ତବୀର୍ଯ୍ୟର ଉତ୍ପାତକୁ ବିନାଶ କରିବା ପାଇଁ ମା’ଦୁର୍ଗା କାଳୀ ରୂପ ଧାରଣ କରିଥିଲେ ଓ ରକ୍ତବୀର୍ଯ୍ୟର ଗୋଟିଏ ବି ରକ୍ତ ବିନ୍ଦୁ ଭୂମିଷ୍ଠ ହେବାକୁ ଦେଇନଥିଲେ । ସେତେବେଳେ ସେ ଏତେ କ୍ଷୁବ୍ଧ ଥିଲେ ଯେ, ଯେପରି ସବୁ ସୃଷ୍ଟି ଧ୍ୱଂସ ପାଇଯିବ । ଏ ବିଷୟ ମହାଦେବ ଜାଣିପାରି ତାଙ୍କୁ ଅଟକାଇବା ପାଇଁ ତାଙ୍କ ସମ୍ମୁଖରେ ପଡ଼ିଗଲେ । ତଥାପି ସେ ରାଗରେ ଥିବାରୁ ମହାଦେବଙ୍କ ଉପରେ ପାଦ ରଖିଦେଇଥିଲେ । ଯେତେବେଳେ ସେ ଶିବଙ୍କୁ ତାଙ୍କ ପାଦ ତଳେ ଦେଖିବାକୁ ପାଇଲେ ସେତେବେଳେ ହଠାତ ଜିଭ କାମୁଡ଼ି ଦେଇଥିଲେ । ପରେ ସେ ପ୍ରକୃତିସ୍ଥ ଏବଂ ସ୍ଥିତପ୍ରଜ୍ଞ ହୋଇଗଲେ । ମା’ଙ୍କର ସେହି ମହାକାଳୀ ରୂପକୁ ଆଜିର ଦିନରେ ପୂଜା କରାଯାଏ । ସେହି ମା’ ହିଁ ଆଦ୍ୟାଶକ୍ତି, ସେ ହିଁ ସୃଷ୍ଟି ଓ ପ୍ରଳୟ । ଯୁଗେ ଯୁଗେ ଦୁଷ୍ଟ ଶକ୍ତିକୁ ସଂହାର କରିବା ପାଇଁ ମା’କାଳୀ ରୂପ ଧାରଣ କରି ଧରା ପୃଷ୍ଠରେ ଅବତରଣ କରନ୍ତି।

## ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ



ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାବ୍ରୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ବା ୨୦ମିନିଟ୍‌ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ୍ୟ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।

## ସବୁଠାରୁ ଛୋଟିଆ ଗାଁ



ଦୁଇ ତିନି ଜଣ ଲୋକଙ୍କୁ ନେଇ ଗ୍ରାମ ଗଠିତ ହେବା କେବେ ଜାଣିଛନ୍ତି । ସେଭଳି ଏକ ଗ୍ରାମ ଦେଖିବାକୁ ମିଳିଛି ସ୍ପେନ୍‌ରେ । ବିଗତ ୪୫ବର୍ଷ ହେବ ସ୍ୱାମୀ-ସ୍ତ୍ରୀ ହିଁ ରହିଆସୁଛନ୍ତି ସେ ଗ୍ରାମରେ । ସ୍ପେନ୍‌ରେ ୧୯୩୬ ମସିହାରେ ଏକ ଗୃହଯୁଦ୍ଧ ଦ୍ୱାରା ହଜାର ହଜାର ସଂଖ୍ୟାର ଲୋକ ସହରକୁ ପଳାଇଥିଲେ । ସେତେବେଳେ ଏହି ଛୋଟ ଗ୍ରାମରେ କେବଳ ଏହି ଦମ୍ପତି ହିଁ ଏକଲା ରହିଯାଇଥିଲେ । ଏହି ଗ୍ରାମରେ ପୂର୍ବରୁ ପାଖାପାଖି ୨୦୦ଲୋକ ରହୁଥିଲେ । କିନ୍ତୁ ଏବେ ପୂରା ଗ୍ରାମରେ କେବଳ ଦୁଇ ଲୋକ ରହୁଛନ୍ତି । ଏହି ଦମ୍ପତି ହେଉଛନ୍ତି ୮୨ବର୍ଷୀୟ ସ୍ପେନିଆର୍ଡ୍ସ ଜୁଆନ ମାର୍ଟିନ୍ ଏବଂ ୭୯ବର୍ଷୀୟା ସିନ୍‌ଫେରେସା କୋଲୋମର । ଏମାନଙ୍କ ପାଖରେ କିଛି ଡଜନ କୁକୁର ଏବଂ ବିଲେଇ ମଧ୍ୟ ରହିଛନ୍ତି । ଏହି ଦୁଇଜଣ ଚାଷ କରି ନିଜର ଗୁଜୁରାଣ ମେଣ୍ଟାନ୍ତି । ଏହି ଦମ୍ପତିଙ୍କ କାହାଣୀକୁ ନେଇ ‘ଜଙ୍ଗଲ୍ସ ଇନ୍ ପ୍ୟାରିସ’ ନାମକ ଏକ ଲଘୁ ଫିଲ୍ମ ମଧ୍ୟ ପ୍ରସ୍ତୁତ ହୋଇଗଲାଣି । ଦମ୍ପତିଙ୍କର ଗ୍ରାମ ସହିତ ଭାବନାତ୍ମକ ସମ୍ପର୍କ ଯୋଡ଼ି ହୋଇଯାଇଛି । ଯେଉଁ କାରଣରୁ ସେମାନେ ଗାଁ ଛାଡ଼ି କୁଆଡ଼େ ଯାଉନାହାନ୍ତି । ପୂର୍ବେ ଏ ଗ୍ରାମରେ ଜଣେ ମେୟର, ପୂଜାରୀ ଏବଂ ଶିକ୍ଷକ ସମସ୍ତେ ଥିଲେ । ଏକ ପ୍ରାକୃତିକ ଦୁର୍ବିପାକ ଘଟିବାରୁ ଅନେକ ମରିଗଲେ ଏବଂ ଅନେକ ସହରକୁ ଚାଲିଗଲେ, ସେବେଠାରୁ ସେ ଗାଁର ପୂର୍ବ ପରିସ୍ଥିତି ଫେରିନାହିଁ ।

## ଆସିୟୁରେ ହେଲା ବିବାହ



ପୁଣେ ସହରର ଏକ ଡାକ୍ତରଖାନା ଆସିୟୁରେ ବାହାଘର ସମ୍ପନ୍ନ ହେବା ସହରରେ ବଡ଼ ଚର୍ଚ୍ଚାର ବିଷୟ ପାଲଟିଛି। ଭେଣ୍ଟିଲେଟରରେ ମୃତ୍ୟୁ ସହ ସଂଗ୍ରାମ କରୁଥିବା ବାପାଙ୍କ ଶେଷ ଇଚ୍ଛା ପୂରଣ ପାଇଁ ପୁଅ ଏହି ପଦକ୍ଷେପ ନେଇଥିଲେ। ୩୪ବର୍ଷିୟ ଧାନେସ ଏନ୍.ଦେବ ପେଶାରେ ଜଣେ ବ୍ୟବସାୟୀ ହୋଇଥିଲା ବେଳେ ତାଙ୍କ ବାପାଙ୍କର ଇଚ୍ଛା ଥିଲା ଧାନେସ ଏବଂ ସୁବର୍ଣ୍ଣାଙ୍କ ବିବାହ ଦେଖିବେ। ବାହାଘର ପାଇଁ ସମସ୍ତ ପ୍ରସ୍ତୁତି ଚାଲିଥିଲା ବେଳେ ହଠାତ୍ ଅସୁସ୍ଥ ହୋଇପଡିଥିଲେ ଧାନେସଙ୍କ ବାପା ନନ୍ଦ କୁମାର ଦେବ। ତୁରନ୍ତ ନନ୍ଦ କୁମାରଙ୍କୁ ଦିନାନାଥ ମଙ୍ଗେସକର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ହେଲେ ସେଠାରେ ତାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭେଣ୍ଟିଲେଟରରେ ରଖାଯାଇଥିଲା। ବାପାଙ୍କ ସ୍ୱାସ୍ଥ୍ୟବସ୍ଥାକୁ ଦୃଷ୍ଟିରେ ରଖି ଧାନେସ ସୁବର୍ଣ୍ଣାଙ୍କ ପରିବାର ସହ ଡାକ୍ତରଖାନାରେ ବିବାହ କରିବା ସମ୍ପର୍କରେ ଆଲୋଚନା କରିଥିଲେ। ଦୁଇ ପରିବାରର ସହମତି ପରେ ଏହି ଇଚ୍ଛାକୁ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଥିଲା। ଆଉ ଏଥିରେ କର୍ତ୍ତୃପକ୍ଷ ମଧ୍ୟ ସହମତି ଦେଇଥିଲେ। ଦୁଇ ପରିବାରର କିଛି ସଦସ୍ୟଙ୍କ ଉପସ୍ଥିତିରେ ଆଇସିୟୁ ଭିତରେ ନନ୍ଦ କୁମାରଙ୍କ ଆଗରେ ଧାନେସ୍ ବରଣମାଳା ପିନ୍ଧାଇଥିଲେ ସୁବର୍ଣ୍ଣାଙ୍କୁ। ବିବାହର ୧୨ଘଣ୍ଟା ପରେ ଆଖି ବୁଜିଥିଲେ ନନ୍ଦ କୁମାର।

## ଆଜିର ଭାଗ୍ୟ

**ମେଷ** — କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** — ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** — କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** — ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** — ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** — ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** — ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** — ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** — ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** — କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** — ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** — କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...

ଋଗ୍ ବେଦ ୧୦/୧୯୧-୨-୪




ଭୁବନେଶ୍ୱର, ୨୦୨୩, ଫେବୃଆରୀ ୨୮

# ସମ୍ବଲପୁର ବିଶ୍ୱବିଦ୍ୟାଳୟର ପ୍ରଥମ କୁଳପତି

୧୯୬୭ରେ ସ୍ଥାପିତ ସମ୍ବଲପୁର ବିଶ୍ୱବିଦ୍ୟାଳୟର ପ୍ରଥମ କୁଳପତି ଭାବେ ନିଯୁକ୍ତି ପାଇଥିଲେ ପଦ୍ମଶ୍ରୀ ଡ.ପରଶୁରାମ ମିଶ୍ର। ସେ ଗୋଟିଏ ବର୍ଷ ଏହି ଦାୟିତ୍ୱ ତୁଲାଇଥିଲେ। ଉଚ୍ଚ ଶିକ୍ଷା ସମାପ୍ତି ପରେ ରାଭେନ୍‌ସା ମହାବିଦ୍ୟାଳୟରେ ଅସ୍ଥାୟୀ ଡେମନ୍‌ଷ୍ଟ୍ରେଟର ଭାବେ ତାଙ୍କର କର୍ମମୟ ଜୀବନ ଆରମ୍ଭ ହୋଇଥିଲା। ନିଜର ପ୍ରତିଭା, ନିଷ୍ଠା ଓ ସାଧନା ବଳରେ ସେ ଏହି ମହାବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନର ମୁଖ୍ୟ, ଗଙ୍ଗାଧର ମେହେର ମହାବିଦ୍ୟାଳୟର ଅଧ୍ୟକ୍ଷ, ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ହୋଇପାରିଥିଲେ। ସେ ଇଂଲଣ୍ଡର ଲିଡ୍‌ସ ବିଶ୍ୱବିଦ୍ୟାଳୟରୁ ଉଦ୍ଭିଦ ବିଜ୍ଞାନରେ ଡକ୍‌ଟରେଟ୍ ଉପାଧି ପାଇଥିଲେ। ତାଙ୍କ ଉଦ୍ୟମରେ ବୁର୍ଲାରେ ଓଡ଼ିଶାର ପ୍ରଥମ ଇଂଜିନିୟରିଂ କଲେଜ ପ୍ରତିଷ୍ଠା ହୋଇଥିଲା। ରେଭେନ୍ସା ଭୂତତ୍ତ୍ୱ ବିଜ୍ଞାନ ବିଭାଗ ଖୋଲିଥିଲା। ଡ.ପରଶୁରାମ ଥିଲେ ନିଜ ସମୟର ବିଶିଷ୍ଟ ଶିକ୍ଷାବିତ୍ ତଥା ଛାତ୍ରବତ୍ସଳ ଅଧ୍ୟାପକ। ବହୁ ଛାତ୍ରଙ୍କ ସହ ବ୍ୟକ୍ତିଗତ ସ୍ତରରେ ସଂପର୍କ ରଖିଥିଲେ। ପୁଅ, ନାତି ଆଦି କହି ସମ୍ବୋଧିତ କରୁଥିଲେ। ଦରିଦ୍ର ମେଧାବୀ ଛାତ୍ରଙ୍କୁ ଆର୍ଥିକ ସହାୟତା ଦେଉଥିଲେ। ଏହି ବିଜ୍ଞାନୀ ଅବସର ସମୟରେ କବିତା ଲେଖୁଥିଲେ। ତାଙ୍କର ବିବର୍ତ୍ତନ କବିତା ସଂକଳନ ଓଡ଼ିଶା ସାହିତ୍ୟ ଏକାଡେ଼ମୀ ପୁରସ୍କାର ଲାଭ କରିଥିଲା। ସରଳ ଓଡ଼ିଆରେ ସେ ଗୁଡ଼ଏ ବୈଜ୍ଞାନିକ ନିବନ୍ଧ ଲେଖିଯାଇଛନ୍ତି। ତାଙ୍କର ବିଜ୍ଞାନ ଦୃଷ୍ଟିକୋଣ ଓ ଭୂତତ୍ତ୍ୱ ବିଜ୍ଞାନକୁ ନେଇ ଅନେକ ଗବେଷଣାଧର୍ମୀ ପୁସ୍ତକ ପ୍ରଚୁର ପାଠକୀୟ ଆଦୃତି ପାଇଛି ଓ ଏହା ଓଡ଼ିଆ ଇଂରାଜୀ ତଥା ହିନ୍ଦୀ ଭାଷା ବ୍ୟତୀତ



ଡ଼ଃ.ଅରୁନ୍ଧତୀ ଦେବୀ

ଅନେକ ପ୍ରାନ୍ତୀୟ ଭାଷାରେ ମଧ୍ୟ ପ୍ରକାଶିତ ହୋଇଛି। ସେ କିଛି ବର୍ଷ କିଛି ନିୟମିତ ଦୈନିକ ଖବରକାଗଜରେ ଲେଖାଲେଖି ମଧ୍ୟ କରୁଥିଲେ। ସେ ଜଣେ ସମ୍ପୂର୍ଣ୍ଣ କର୍ମବାଦୀ ଓ ଈଶ୍ୱରବିଶ୍ୱାସୀ ବ୍ୟକ୍ତିତ୍ୱ ରହିଥିଲେ। ଆଜିର ଛାତ୍ର ସମାଜ ଭିତରେ ନୈତିକ ମୂଲ୍ୟବୋଧ ପ୍ରତିଷ୍ଠା ଦିଗରେ ସେ ପ୍ରତିଟି ସମୟ ଅତିବାହିତ କରିବାରେ ବେଶ ପାରଙ୍ଗମ ଥିଲେ। ବ୍ୟକ୍ତିଗତ ଜୀବନରେ ସେ ଥିଲେ ସରଳ, ଅମାୟିକ। ଅଧିକ କହିବା ଗପିବା ତାଙ୍କ ନୀତି ବିରୋଧୀ ଥିଲା। ୧୮୯୪ ଜାନୁଆରୀ ଆଜିର ଦିନରେ ବରପାଲିର ତୁଲଣ୍ଡି ଗ୍ରାମରେ ସେ ଜନ୍ମ ହୋଇଥିଲେ।

*ନିର୍ଦ୍ଦେଶିକା-ସମ୍ପାଦିକ, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ,*
*ଦୂରଭାଷ : ୯୯୩୭୧୭୨୮୧୦*

# ହୀରାଖଣ୍ଡର ହୀରା ବୀରସୁରେନ୍ଦ୍ର ସାଏ

ଇତିହାସ ପୃଷ୍ଠାରେ ଆମ ଦେଶ ଜାତି ପାଇଁ ସଂଗ୍ରାମ କରିଥିବା ବହୁ ବୀର ପୁରୁଷଙ୍କ ବୀରତ୍ୱର ଗାରିମା ଦେଖିବାକୁ ପାଉ । ଭାରତମାତାର ବୀର ସଂଗ୍ରାମୀମାନଙ୍କ ଦେଶପ୍ରେମ, ବୀରତ୍ୱଯୋଗୁଁ ଗର୍ବିତ ଓ ଗୌରବାନ୍ୱିତ । ପୃଥ୍ୱୀରାଜ,ମିବାରର ରାଣା ପ୍ରତାପ, ମରହଟ୍ଟା ବୀର ଛତ୍ରପତି ଶିବାଜୀ,ବକ୍‌ସି ଜଗବନ୍ଧୁଙ୍କ ସଂଗ୍ରାମର ଯେଉଁ ଦେଶପ୍ରେମ ଧାରାରେ ପ୍ଳାବିତ, ବୀରତ୍ୱ ଯେଉଁ ଜାତିର ସ୍ୱାଭିମାନର ପ୍ରତୀକ । ସେହି ଜାତିର ପ୍ରଥମ ଜନଜାଗରଣ ସିପାହୀ ବିଦ୍ରୋହର ନାୟକ ମଙ୍ଗଳ ପାଣ୍ଡେ, ଝାନ୍‌ସୀରାଣୀ ଲକ୍ଷ୍ମୀବାଈ,ନାନା ସାହେବ, ତାନ୍ତିଆଟୋପେ, ଅଯୋଧ୍ୟାର ବେଗମ୍, ପୁରୀର ଚନ୍ଦନ ହଜୁରୀ ଓ ହୀରାଖଣ୍ଡ ସାମ୍ରାଜ୍ୟ (ସମ୍ବଲପୁର ରାଜ୍ୟ)ର ହୀରୋ ମହାନ୍ ସଂଗ୍ରାମୀ, ବୀର, ବିପ୍ଳବୀ, ଦେଶପ୍ରେମୀ, ଚୌହାଣ ପରମ୍ପରାର ପ୍ରତୀକ ସମଲେଶ୍ୱରୀ ଧର୍ମସିଂହଙ୍କ ପୁତ୍ର ସୁରେନ୍ଦ୍ର ସାଏଙ୍କ ସଂଗ୍ରାମ ଏହି ଜନ୍ମମାଟିକୁ ବିଦେଶୀ କବଳରୁ ମୁକ୍ତ କରିବାର ସଂକଳ୍ପକୁ ଋଦ୍ଧିମନ୍ତ କରିଛି ।

ସମ୍ବଲପୁର ରାଜ୍ୟ ତଥା ଐତିହ୍ୟପୂର୍ଣ୍ଣ ଚୌହାନ୍‌ରାଜତ୍ୱ ଖ୍ରୀ:୧୫୫୨ରେ ନରସିଂହ ଦେବଙ୍କ ସାନଭାଇ ରାଜା ବଳରାମ ଦେବଙ୍କ ଦ୍ୱାରା ପ୍ରତିଷ୍ଠିତ ହୋଇଥିଲା । ବଳରାମ ଦେବଙ୍କ ପରେ ହ୍ରିଦେ ନାରାୟଣ ଦେବ, ବଳଭଦ୍ର ଦେବ, ମଧୁକର ସାଏ, ବଳୀୟାର ସିଂହ ଓ ଚୌହାଣ ବଂଶର ଶେଷରାଜା ମହାରାଜ ଛତ୍ର ସାଏ । ଚୌହାଣ ରାଜାମାନେ ୨୭୫ ବର୍ଷ ସମ୍ବଲପୁର ରାଜ୍ୟ ଶାସନ କରିଥିଲେ । ମଧୁକର ସାଏଙ୍କ ଛଅରାଣୀ ଏବଂ ପାଂଚ ପୁତ୍ର ଥିଲେ । ପ୍ରଥମ ପୁତ୍ର ବଳୀୟାର ସିଂହ ଅନ୍ୟମାନେ ହେଲେ ଅନିରୁଦ୍ଧ ସାଏ, ମଦନ ଗୋପାଳ, ବଂଶୀ ଗୋପାଳ ଓ ଅନନ୍ତ ସାଏ (କୃଷ୍ଣସିଂହ) । ମଧୁକର ସାଏ ବାନପ୍ରସ୍ଥ ଯିବାରୁ ଜ୍ୟେଷ୍ଠପୁତ୍ର ବଳୀୟାର ସିଂହ ସିଂହାସନ ଆରୋହଣ କଲେ । ରାଜା ବଳୀୟାର ସିଂହ ଅଠରଗଡ କରାୟତ କରି ହୀରାଖଣ୍ଡର ଛତ୍ରପତି ଉପାଧିରେ ଭୂଷିତ ହେଲେ ।

ଅନିରୁଦ୍ଧ ସାଏ ସମ୍ବଲପୁର ରାଜା ମଧୁକର ସାଏଙ୍କ ଠାରୁ ଖିଣ୍ଡା ଓ ରାଜପୁର ଅଂଚଳ ପାଇଥିଲେ ମଧ୍ୟ ସମ୍ବଲପୁରରେ ରହୁଥିଲେ । ଅନିରୁଦ୍ଧ ସାଏଙ୍କ ପାଂଚ ପୁତ୍ର ଥିଲେ । ସେମାନେ ହେଲେ ରାମସିଂ, ଜଗନ୍ନାଥ ସିଂହ, ମଧୁସିଂହ, ଯଦୁସିଂହ ଓ ଅରୂପ ସିଂହ । ଅନିରୁଦ୍ଧ ସାଏଙ୍କ ତୃତୀୟ ପୁତ୍ର ମଧୁ(ମାଧବ) ସିଂହ ଖିଣ୍ଡା ଓ ରାଜପୁର ପ୍ରଗଣା ଦାୟିତ୍ୱ ବୁଝାସୁଝା କରୁଥିଲେ ମଧ୍ୟ ଅନିରୁଦ୍ଧଙ୍କ ବଂଶଧରମାନେ ସମ୍ବଲପୁର ପ୍ରାସାଦରେ ବସବାସ କରୁଥିଲେ । ମଧୁସିଂହଙ୍କର ତିନିପୁଅ, ସେମାନେ ହେଲେ ବାଲା ସିଂହ, ନରହରି ସିଂହ ଓ ଦିବ୍ୟସିଂହ । ଦିବ୍ୟସିଂହ (ଦ୍ରିପ୍ ସିଂହ)ଙ୍କର ତିନୋଟି ପୁତ୍ର ଥିଲେ । ସେମାନେ ହେଲେ ତେଜସିଂହ, କଲ୍ୟାଣ ସିଂହ ଓ ଗୁମାନ ସିଂହ, ତେଜସିଂହଙ୍କ ସମୟରେ ତାଙ୍କ ପରିବାର ଖିଣ୍ଡାକୁ ସ୍ଥାନାନ୍ତରିତ ହୋଇଥିଲେ । ତେଜସିଂହଙ୍କ ପାଂଚ ପୁଅଥିଲେ, ସେମାନେ ହେଲେ ଜରାବର, ମନୋହର, ବଳରାମ, ଅମରସିଂହ ଓ ଧର୍ମସିଂହ । ମନୋହର ସିଂହ ପ୍ରେମଜନିତ ଘଟଣାରୁ ନିହତ ହେଲେ । ଜରାବର, ବଳରାମ ଓ ଅମରସିଂହଙ୍କର ସନ୍ତାନସନ୍ତତି ନଥିବାରୁ ଧର୍ମସିଂହଙ୍କ ପ୍ରତି ଖିଣ୍ଡା ପରିବାରର ସ୍ନେହ ଓ ସଦିଚ୍ଛା ରହିଥିଲେ । ଅନିରୁଦ୍ଧ ସାଏଙ୍କ ଦ୍ୱିତୀୟ ପୁତ୍ର ଜଗନ୍ନାଥ ସିଂହଙ୍କ ଦୁଇପୁଅ ହେଲେ କୀର୍ତି ଓ ପୃଥ୍ୱୀ । ପୃଥ୍ୱୀଙ୍କ ତିନୋଟି ପୁଅଥିଲେ । ସେମାନେ ହେଲେ ରାଜ ସିଂହ, ସୁବଳ ସିଂହ ଓ ଅଜିତ ସିଂହ । ଅଜିତ୍ ସିଂହଙ୍କ ରାଜତ୍ୱ ସମୟରେ ଖିଣ୍ଡା ବଂଶୀୟମାନେ ଥିଲେ ବିଶେଷ ପ୍ରଭାବଶାଳୀ ।

ଧର୍ମସିଂହ ୧୮୦୦ ଖ୍ରୀ:ରେ ଦରଗାଁ ଜମିଦାରଙ୍କ କନ୍ୟା ରେବତୀ ଦେବୀଙ୍କୁ ବିବାହ କରିଥିଲେ । ଧର୍ମସିଂହଙ୍କ ଔରସରୁ ଓ ରେବତୀ ଦେବୀଙ୍କ ଗର୍ଭରୁ ୧୮୦୯ ଖ୍ରୀଷ୍ଟାବ୍ଦ ଜାନୁଆରି ୨୩ ତାରିଖ ଦିନ ବୀର ସୁରେନ୍ଦ୍ର ସାଏ ଜନ୍ମଗ୍ରହଣ କରିଥିଲେ । ସୁରେନ୍ଦ୍ର ସାଏଙ୍କ ଛଅଗୋଟି ଭାଇ ଓ ଗୋଟିଏ ଭଉଣୀ ଥିଲେ । ସେମାନେହେଲେ ଉଦନ୍ତ ସାଏ, ଧ୍ରୁବସାଏ, ଉଜ୍ଜ୍ୱଳ ସାଏ, ଛବିଳ ସାଏ, ଜାଜ୍ୱଳ ସାଏ, ମେଦିନୀ ସାଏ,ଭଉଣୀ ଅଞ୍ଜନା ।

ଅଜିତ୍ ସିଂହଙ୍କ ରାଜତ୍ୱ ସମୟରେ ପ୍ରଭାବଶାଳୀ ଦେୱାନ୍ ଆକବର ରାୟ ରାଜସୁପକାରଙ୍କୁ ହାତକରି ଖାଦ୍ୟରେ ବିଷ ଦେଇ ରାଜା ଅଜିତ୍ ସିଂହ ଓ ରାଜପୁତ୍ର ପ୍ରଦ୍ୟୁମ୍ନ ସିଂହଙ୍କୁ ହତ୍ୟା କରିଥିଲେ । ଅଜିତସିଂହଙ୍କ ରାଣୀ 'ରାମ ଖୁଆସିନା'ଙ୍କୁ ହତ୍ୟା କରାଗଲା । ଖିଣ୍ଡା ବଂଶୀୟମାନେ ଆକବର ରାୟଙ୍କ ବିପକ୍ଷରେ ଅସ୍ତ୍ରଧାରଣ କରି ଥିଲେ । ସମ୍ବଲପୁର ରାଜଦରବାରର ଶେଷ ଚୌହାଣ ରାଜା ସାଏଙ୍କ ୧୮୨୭ ସ୍ୱର୍ଗାରୋହଣ ପରେ ରାଣୀ ମୋହନ କୁମାରୀ ଗାଦୀସୀନ ହେଲେ । ଖିଣ୍ଡା ପରିବାରର ପ୍ରଭାବଶାଳୀ, ସ୍ୱାଧୀନଚେତା ଓ ବିଚକ୍ଷଣ ବ୍ୟକ୍ତିତ୍ୱ ବଳରାମ ସାଏ ଦେବାନ ପଦରେ ନିଯୁକ୍ତ ହେଲେ । ଇଂରେଜମାନେ କୌଶଳକ୍ରମେ ବଳରାମ ସାଏଙ୍କୁ ଦେବାନ ପଦବୀରୁ ହଟାଇ ରାଜ୍ୟ ଶାସନ କଲେ ।



ଅକ୍ଷୟ କୁମାର ରାଉତ

୧୯୨୭ ରୁ ୧୮୩୩ ପର୍ଯ୍ୟନ୍ତ ରାଣୀମୋହନ କୁମାରୀଙ୍କ ନାମରେ ଶାସନ କାର୍ଯ୍ୟ ପରିଚାଳନା କଲେ । ଏହି ସମୟରେ ପିତୃବ୍ୟ ବଳରାମ ସାଏ ନିଜ ପୁତୁରା ସୁରେନ୍ଦ୍ର ସାଏଙ୍କ ପାଇଁ ଏକ ଭିତିଭୂମି ପ୍ରତିଷ୍ଠା କଲେ । ଇଂରେଜମାନଙ୍କ ବିରୁଦ୍ଧରେ ପ୍ରଥମେ ଲଖନପୁରର ଜମିଦାର ବଳଭଦ୍ର ସିଂହଦାଓ ଆନ୍ଦୋଳନ ଆରମ୍ଭ କରିଦେଲେ ଓ ଏହାର ନେତୃତ୍ୱ ନେବାପାଇଁ ସୁରେନ୍ଦ୍ରସାଏଙ୍କୁ ପ୍ରବର୍ତ୍ତାଇଥିଲେ ।

ସୁରେନ୍ଦ୍ରସାଏ ତତ୍କାଳୀନ ଛୋଟାନାଗପୁର ଅଧୀନରେ ଥିବା ହାତୀବାରି ଜମିଦାରଙ୍କ କନ୍ୟା ସୁବର୍ଣ୍ଣ କୁମାରୀଙ୍କୁ ବିବାହ କରିଥିଲେ । ୧୮୩୯ ଖ୍ରୀ:ରେ ସୁରେନ୍ଦ୍ର ସାଏଙ୍କର ଏକ ପୁତ୍ର ଜନ୍ମ ହୋଇଥିଲା ତାର ନାମ ମିତ୍ରଭାନୁ ସାଏ, ପରେ ଏକ କନ୍ୟା ଜନ୍ମହୋଇଥିଲା ଏବଂ ତାଙ୍କ ଭଉଣୀଙ୍କ ପରି ଅବିବାହିତ ଥିଲା । ସୁରେନ୍ଦ୍ରସାଏଙ୍କ ସହଧର୍ମିଣୀ ସୁବର୍ଣ୍ଣ କୁମାରୀ ଜଣେ ଧର୍ମ ପରାୟଣ, ଆଦର୍ଶ, ଦୟାଳୁ ଓ ସ୍ନେହମୟୀ କ୍ଷତ୍ରିୟ ଗୃହିଣୀ ଥିଲେ । ସେ ସୁରେନ୍ଦ୍ରଙ୍କୁ ସାହାସୀ, ଧୈର୍ଯ୍ୟବାନ, ନିର୍ଭୀକ, ସଂଗ୍ରାମୀ ଓ ସ୍ୱାଧିନଚେତା ହେବା ପାଇଁ ପ୍ରେରଣା ଦେଉଥିଲେ ।

ଇଂରେଜମାନେ ରାଣୀ ମୋହନ କୁମାରୀକୁ ପେନ୍‌ସନ୍ ଦେଇ ପ୍ରଥମେ କଟକ ଓ ପରେ ଖୋର୍ଦ୍ଧାକୁ ପଠାଇଥିଲେ । ଏହାପରେ ନାରାୟଣ ସିଂହ ନାମକ ଜଣେ ବିବାଦୀୟ ବ୍ୟକ୍ତିଙ୍କୁ ସମ୍ବଲପୁର ରାଜଗାଦିରେ ବସାଇ ଶାସନ କାର୍ଯ୍ୟ ଚଳାଇଲେ, ଫଳରେ ବିପ୍ଳବର ବହ୍ନି ତେଜିଉଠିଲା । ଖିଣ୍ଡାବଂଶୀୟ ବଳରାମ ସାଏଙ୍କ ପରାମର୍ଶରେ ଓ ସୁରେନ୍ଦ୍ର ସାଏଙ୍କ ନେତୃତ୍ୱରେ ରାଜ୍ୟରେ ଆନ୍ଦୋଳନ ଆରମ୍ଭ ହେଲା । ବାରପାହାଡର ଡେବୀରଗଡ ଦୁର୍ଗ, ବାରବଖରା, ମଉଳା-ଭଣଞ୍ଜା, ଝରଘାଟୀ, ମୁଣ୍ଡେଇଘାଟୀ, ପପଙ୍ଗା ପାହାଡ, ସିଂଘୋଡା ଘାଟି ଇତ୍ୟାଦି ବିଭିନ୍ନ ସ୍ଥାନର ଜମିଦାର, ଗୌନ୍ତିଆମାନେ ଓ ବିଦ୍ରୋହୀ ନେତାମାନଙ୍କ ନେତୃତ୍ୱରେ ଆଦିବାସୀ ସୈନ୍ୟମାନେ ପାରମ୍ପରିକ ଆସ୍ୱଶସ୍ତ୍ର ଧରି ସୁରେନ୍ଦ୍ରଙ୍କ ସପକ୍ଷରେ ରହିଲେ । ୧୮୩୭ରେ ବାରପାହାଡ ଗିରିଗୁମ୍ଫାରେ ବିଶ୍ରାମରତ ଥିବାବେଳେ, ଇଂରେଜସୈନ୍ୟ, ନାରାୟଣ ସିଂହଙ୍କ ସୈନ୍ୟ ଓ ରାମପୁର ଜମିଦାର ସୁରେନ୍ଦ୍ରଙ୍କ ଉପରେ ଆକ୍ରମଣ କଲେ । ଏହି ଯୁଦ୍ଧ ପାଇଁ ସୁରେନ୍ଦ୍ର ପ୍ରସ୍ତୁତ ନଥିଲେ । ବଳଭଦ୍ର ସିଂହଦାଓ ନିହତହେଲେ ଓ ସୁରେନ୍ଦ୍ର ଆହତ ଅବସ୍ଥାରେ ପଳାୟନ କଲେ । ବୀର ସୁରେନ୍ଦ୍ରସାଏ ୧୮୪୦ରେ ରାମପୁର ରାଜବାଟୀ ଆକ୍ରମଣ କରି ଜମିଦାର ଓ ତାଙ୍କ ପୁତ୍ରଙ୍କୁ ହତ୍ୟା କରି ରାଜବାଟି ସମ୍ପୂର୍ଣ୍ଣ ଧ୍ୱଂସ କରିଥିଲେ । ଏହାପରେ ସୁରେନ୍ଦ୍ରଙ୍କର ସାହସ ଓ ଶକ୍ତି ବୃଦ୍ଧି ପାଇଥିଲା । ରାମପୁରଗଡ଼ ବିଜୟକରି ସୁରେନ୍ଦ୍ରସାଏ ବିପ୍ଳବୀ ସୈନ୍ୟ, ବଳରାମସାଏ ଓ ଭାଇ ଉଦନ୍ତ ସାଏଙ୍କୁ ଧରି ସମ୍ବଲପୁର ସହର ନିକଟ ଦେଇ ଯିବାସମୟରେ ମେଜର ଓସ୍‌ଲେ ସୁଦକ୍ଷ ଇଂରେଜ ସୈନ୍ୟବାହିନୀ ସହିତ ଦେହେରୀ ପାଲି ନିକଟସ୍ଥ ବୁଢ଼ାରଜା ପାହାଡ ନିକଟରେ ସୁରେନ୍ଦ୍ରଙ୍କୁ ଆକ୍ରମଣକଲେ । ଏହି ଯୁଦ୍ଧରେ ମେଜର ଓସ୍‌ଲେ ସୁରେନ୍ଦ୍ର ସାଏ, ପିତୃବ୍ୟ ବଳରାମ ସାଏ ଓ ଭାଇ ଉଦନ୍ତ ସାଏଙ୍କୁ ବନ୍ଦୀକଲେ । ଦଣ୍ଡ ସ୍ୱରୂପ ଆଜୀବନ ବନ୍ଦୀ ଭାବରେ ହଜାରିବାଗ ଜେଲରେ ରହିଲେ ।

୧୯୪୯ ଖ୍ରୀଷ୍ଟାବ୍ଦ ସେପ୍ଟେମ୍ବର ୧୦ ତାରିଖରେ ରାଜା ନାରଣସିଂହଙ୍କ ମୃତ୍ୟୁହେଲା । ରାଣୀ 'ମୁଖ୍ୟପାନଦେବୀ' ଖୁବ୍ ଅଳ୍ପ ସମୟ ଶାସନକରିଥିଲେ । ରାଜ୍ୟସ୍ୱତ୍ୱ ଲୋପନୀତି ଅନୁସାରେ ସମ୍ବଲପୁର ରାଜ୍ୟ ଶାସନ ଇଂରେଜମାନଙ୍କ ହାତକୁ ଚାଲିଯାଇଥିଲା । ରାଜକନ୍ୟା ଆଶାକୁମାରୀଙ୍କୁ କଳାହାଣ୍ଡି ରାଜପୁତ୍ର ସହ ବିବାହ ଇଂରେଜ କର୍ତ୍ତୃପକ୍ଷ କରାଇଥିଲେ । ୧୮୫୭ ମସିହାରେ ସିପାହୀ ବିଦ୍ରୋହର ବହ୍ନି ପ୍ରଜ୍ଜ୍ୱଳିତ ହେଲା । ୧୮୫୭ ଜୁଲାଇ ୩୦ ଦିନ ବିଦ୍ରୋହୀ ମାନେ ହଜାରିବାଗ ଜେଲଭାଙ୍ଗି ଦେଲେ । ୧୮୫୭ ମସିହା ଜୁଲାଇ ୩୧ ତାରିଖରେ ସୁରେନ୍ଦ୍ରସାଏ ଓ ତାର ଭାଇ ଉଦନ୍ତ ସାଏ ଜେଲ୍‌ରୁ ମୁକ୍ତ ହେଲେ, କିନ୍ତୁ ପିତୃବ୍ୟଙ୍କର ମୃତ୍ୟୁ ହୋଇସାରିଥିଲା । ସୁରେନ୍ଦ୍ର ସାଏ ନିଜ ଜନ୍ମଭୂମିରେ ପହଂଚିବାପରେ ସେମାନଙ୍କୁ ହଜାର ହଜାର ଲୋକ ସମର୍ଥନ ଜଣାଇଥିଲେ । ସୁରେନ୍ଦ୍ର ଇଂରେଜମାନଙ୍କୁ ମୁକାବିଲା କରିବା ପାଇଁ ଗରିଲା ରଣନୀତି ଆପଣାଇଥିଲେ । ଘଂଚବନାନୀ, ଗିରିଶୃଙ୍ଗକୁ ବିପ୍ଳବିମାନେ ଆଶ୍ରୟସ୍ଥଳୀ ଭାବେ ବାଛି ନେଇଥିଲେ । ସୁରେନ୍ଦ୍ର ସାଏଙ୍କୁ ଶତଚେଷ୍ଟା ସତ୍ୱେ ଇଂରେଜମାନେ ଧରିପାରିନଥିଲେ । ସୁରେନ୍ଦ୍ର ସାଏ, ଗୋବିନ୍ଦ ସିଂହ ଓ କୁଞ୍ଜଳ ସିଂହଙ୍କୁ ଧରାଇଦେଲେ ଯଥାକ୍ରମେ ଏକ ହଜାର ଟଙ୍କା, ୫ଶହ ଟଙ୍କା ଓ ୨୫୦ ଟଙ୍କାର ପୁରସ୍କାର ଘୋଷଣା କରାଯାଇଥିଲା । ମାତ୍ର କିଛି ଫଳ ହେଲାନାହିଁ । ଚକ୍ରାନ୍ତକାରୀଙ୍କ ଚକ୍ରାନ୍ତ, ଛଳନା ଓ ଚରମ ବିଶ୍ୱାସଘାତକତାର ଶିକାରହେଲେ ବୀରସୁରେନ୍ଦ୍ର ସାଏ । ଇଂରେଜ ଶାସକ ଇମ୍ପେଙ୍କ ଉଦାରନୀତି ଯୋଗୁଁ ବିଦ୍ରୋହୀମାନଙ୍କୁ ଆତ୍ମ ସମର୍ପଣ କରିବାର ସୁଯୋଗ ମିଳିଥିଲା । ୧୮୬୨ ମସିହା ମଇ ୧୬ ତାରିଖରେ ସୁରେନ୍ଦ୍ରସାଏ ତାଙ୍କର ଘନିଷ୍ଠ ସହକର୍ମୀ ଗଜରାଜ ସିଂ ଓ ଖଗେଶ୍ୱର ସିଂହଦାଓଙ୍କ ସହିତ ମେଜର ଇମ୍ପେଙ୍କ ନିକଟରେ ଆତ୍ମସମର୍ପଣ କରିଥିଲେ । ଇଂଲଣ୍ଡ ରାଣୀଙ୍କ ପକ୍ଷରୁ ଲଣ୍ଡନର ଇଣ୍ଡିଆ ଅଫିସ୍‌ରୁ ତା୧୭.୦୨.୧୮୬୩ ପତ୍ରାଙ୍କ ୧୧ ଅନୁସାରେ ସୁରେନ୍ଦ୍ର ସାଏଙ୍କୁ କ୍ଷମାପ୍ରଦାନ କରି ବଡଲାଟ ମଞ୍ଜୁର କରିଥିବା ବୃତିକୁ ଶେଷ ମଞ୍ଜୁରୀ ଦେଇଥିଲେ । ୧୮୬୪ରେ ଜେ.ଏସ୍ କେମ୍ପବେଲ୍ ସୁରେନ୍ଦ୍ର ଓ ସାଥୀମାନଙ୍କୁ ସମ୍ପୂର୍ଣ୍ଣ ମୁକ୍ତକରିବାକୁ ରାୟପ୍ରକାଶ କରିଥିଲେ ।

୧୮୧୮ ଆଇନର ଅଧିନିୟମ ୩ ଅନ୍ତର୍ଗତ 'ଭାରତ ରକ୍ଷା ଆଇନ' ବଳରେ ମଧ୍ୟପ୍ରଦେଶ ଚିଫ୍ କମିଶନର ସାର୍ ରିଚାର୍ଡ ଟେମ୍ପଲ୍ ସୁରେନ୍ଦ ସାଏ ଓ ଅନ୍ୟ ୬ ଜଣ ବିଦ୍ରୋହୀଙ୍କୁ ଅଟକ ରଖିବାକୁ ନିର୍ଦ୍ଦେଶ ଦେଲେ । ନିର୍ଦ୍ଦୋଷମାନଙ୍କୁ ଦଣ୍ଡଦେଇ ଇଂରେଜ କର୍ତ୍ତୃପକ୍ଷ ଦୟାନିଧି ମେହେର ଓ ମୋହନ ସିଂହଙ୍କୁ ସୁରେନ୍ଦ୍ର ସାଏଙ୍କ ବିରୋଧରେ ଭଲ କାର୍ଯ୍ୟ କରିଥିବାରୁ ପୁରସ୍କୃତ କରିଥିଲେ । ୧୮୬୫ରେ ସୁରେନ୍ଦ୍ର ସାଏଙ୍କୁ ଅସୁରଗଡ ଗିରିଦୁର୍ଗରେ ବନ୍ଦୀ କରାଯାଇଥିଲା । ୧୮୮୪ ଫେବୃଆରି ୨୪ ତାରିଖରେ ଅସୁରଗଡ଼ ଦୁର୍ଗରେ ହିଁ ଏହି ମହାନ ବୀରଙ୍କ ଜୀବନ ଦୀପ ଲିଭିଯାଇଥିଲା । ଏହି ମହାନ୍ ବୀର ପୁରୁଷ ଓ ତାଙ୍କର ସହଯୋଗୀମାନେ ସମ୍ବଲପୁର ସମେତ ସାରା ଦେଶରେ ଯୁଗ ଯୁଗ ଧରି ଅମର ରହିବେ ।

*ପାରାଦ୍ୱୀପଗଡ଼, କୁଜଙ୍ଗ, ଜଗତ୍‌ସିଂହପୁର*
*ମୋ : ୯୯୩୭୬୯୧୪୭୫*

# ଆସ ପୂଜା କରିବା ମର୍ତ୍ତ୍ୟର ଜୀବନ୍ତ ଠାକୁର

ସନାତନ ସଂସ୍କୃତି ବା ହିନ୍ଦୁ ଧର୍ମ ଉପରେ ଆସ୍ଥା ଓ ବିଶ୍ୱାସ ପ୍ରକଟ କରୁଥିବା ବ୍ୟକ୍ତି ବିଶେଷ ଆମର ବେଦ, ଉପନିଷଦ ଓ ପୁରାଣ ବର୍ଣ୍ଣିତ ତ୍ରେତିଶ କୋଟି ଦେବାଦେବୀ ମାନଙ୍କୁ ପୂଜା ଅର୍ଚ୍ଚନା କରିଥା'ନ୍ତି । କୁହାଯାଏ ଭଗବାନ ଶିବ, ଶିବ ଲୋକରେ ଇନ୍ଦ୍ର, ଇନ୍ଦ୍ର ଲୋକରେ ବ୍ରହ୍ମା, ବ୍ରହ୍ମ ଲୋକରେ ଗଣେଶ, ଶିବ ଲୋକରେ ବିଷ୍ଣୁ ଗୋଲକରେ ବାସ କରନ୍ତି । ମୋଟାମୋଟି ଭାବେ ଏ ସମସ୍ତ ଧାମ ସ୍ୱର୍ଗଲୋକ ଅନ୍ତର୍ଭୁକ୍ତ ବୋଲି କୁହାଯାଇଅଛି । ଭଗବାନ ଶ୍ରୀକୃଷ୍ଣ ଯେକି, ଏହି ଚଉଦ ବ୍ରହ୍ମାଣ୍ଡ ର ସୃଷ୍ଟି କର୍ତ୍ତା, ଯେ ଅନନ୍ତ, ଅନାଦି ଓ ଯାହାର ଜନ୍ମ ନାହିଁ କି ମୃତ୍ୟୁ ନାହିଁ, ଯାହାର ଆନ୍ତ ନାହିଁ କି ଆଦି ନାହିଁ, ଯେ ନିର୍ଗୁଣ ଓ ନିରାକାର, ଯେ ମଧ୍ୟ ସାକାର, ସେ ରାଧାରାଣୀଙ୍କ ସହିତ ଗୋଲକରେ ନିତ୍ୟରାସ ରେ ନିମଜ୍ଜିତ । ଭଗବଦ୍ ଗୀତାରେ ଉଲ୍ଲେଖ ଅଛି ଯେ ଭଗବାନ ଶ୍ରୀକୃଷ୍ଣଙ୍କ ଧାମ ଗୋଲକଧାମ, ଯେଉଁଠି ସୂର୍ଯ୍ୟ କିମ୍ବା ଚନ୍ଦ୍ର ଆଲୋକ ପ୍ରଦାନ କରନ୍ତି ନାହିଁ । ଭଗବାନଙ୍କ ନିଜସ୍ୱ ଜ୍ୟୋତିରେ ସେହି ଧାମ ଆଲୋକିତ ହୋଇଥାଏ । ଜୀବ ସବୁ ଲୋକ ଯଥା ଇନ୍ଦ୍ରଲୋକ, ପିତୃଲୋକ, ବ୍ରହ୍ମ ଲୋକ, ଯମଲୋକ ଗଲାପରେ ଓ ତାହାର ପୁର୍ଣ୍ଣ୍ୟ ଶେଷ ହେବା ପରେ ପୁଣି ସେ ମର୍ତ୍ତ୍ୟଲୋକକୁ ଫେରିଆସେ । ହେଲେ ଥରେ ଗୋଲକଧାମ ଯିବା ପରେ ଜୀବ ପୃଥିବୀ ଲୋକକୁ ପ୍ରତ୍ୟାବର୍ତନ କରିନଥାଏ । ସେ ଭଗବାନଙ୍କ ସହିତ ଏକାକାର ହୋଇଯାଏ; ଅର୍ଥାତ ମୋକ୍ଷ ପ୍ରାପ୍ତି ହୁଏ । ନଦୀର ଜଳ ନିମ୍ନଗାମୀ ହୋଇ ସମୁଦ୍ରରେ ମିଶିବାପରେ, ସେ ତାର ସତ୍ତା ହରାଇଦିଏ । ମିଠା ପାଣି ଲୁଣି ହୋଇଯାଏ । ଠିକି ସେଇଭଳି ଜୀବ ଯେତେବେଳେ ପରମାତ୍ମାଙ୍କ ସହିତ ମିଶିଯାଏ, ସେ ତାର ସତ୍ତା ହରାଇଦିଏ ଅର୍ଥାତ ତା'ର ଆଉ ପୁନର୍ଜନ୍ମ ହୁଏ ନାହିଁ । ମର୍ତ୍ତ୍ୟର ମଣିଷ ନିଜର ଆଭିଷ୍ଟ ପୂରଣ ପାଇଁ ବିଦ୍ୟା, ଧନ ସମ୍ମାନ, ଯଶ ପ୍ରତିପତ୍ତି ପାଇଁ ଭିଭିନ୍ନ ଦେବାଦେବୀମାନଙ୍କୁ ପୂଜା କରିଥା'ନ୍ତି ଓ ଦେବତାମାନେ ପୂଜା ଯଜ୍ଞରେ ସନ୍ତୁଷ୍ଟ ହୋଇ ସେମାନଙ୍କ ମନସ୍କାମନା ପୂର୍ଣ୍ଣ କରିଥାନ୍ତି ।

ସ୍ୱର୍ଗର ଦେବତାମାନଙ୍କୁ ଆମ୍ଭେ ମର୍ତ୍ତ୍ୟରେ ପୂଜା କରିଥାଉ । ଆମ୍ଭେ କେହି ଦେବତା ମନକୁ ଦେଖିନାହୁଁ କିମ୍ବା ତାଙ୍କ ସ୍ୱରୂପକୁ ଜାଣିନାହୁଁ । ଆବାହମାନ କାଳରୁ ଓ ଆମ ଶାସ୍ତ୍ର ରେ ବର୍ଣ୍ଣିତ ରୂପ କୁ ଆମେ ଭିଭିନ୍ନ ମୂର୍ତ୍ତି ଓ ଫଟୋ ଚିତ୍ର ମାଧ୍ୟମରେ ପ୍ରତୀକାତ୍ମ ଭାବେ ପୂଜାର୍ଚ୍ଚନା କରି ଆସୁଅଛୁ । କୁହାଯାଏ ଫଟୋଚିତ୍ର କିମ୍ବା ପାଷାଣ ଓ କାଷ୍ଠ ନିର୍ମିତ ମୂର୍ତ୍ତିରେ ଠାକୁର ନାହାନ୍ତି ସତ; ହେଲେ ପୁରୋହିତ ମନ୍ତ୍ର ପାଠକରି ଠାକୁରଙ୍କୁ ଆବାହନ କରିଥାନ୍ତି ଓ ମୂର୍ତ୍ତିରେ ପ୍ରାଣ ପ୍ରତିଷ୍ଠା କରାଯାଇଥାଏ, ଯାହାକି ଆମର ଶାସ୍ତ୍ରସମ୍ମତ । ଏସବୁ ସତ୍ତ୍ୱେ ସେ ମୂର୍ତ୍ତି ଭିତରେ ଦେବତା ଆବିର୍ଭାବ ହୋଇଛନ୍ତି ବୋଲି କେହି ଦେଖାଇପାରିବେ ନାହିଁ । ଏହା ଅସ୍ଥା ଓ ବିଶ୍ୱାସରା କଥା । କୁହାଯାଏ 'ବିଶ୍ୱାସେ ମିଳଇ ହରି ତର୍କେ ବହୁ ଦୂରେ ।' ସେହି ମୂର୍ତ୍ତି ଭିତରେ ଆମ୍ଭେ ଭଗବାନଙ୍କୁ ଅନୁଭବ କଲେ ମନରେ ସ୍ୱତଃ ଭକ୍ତିର ପ୍ଲାବନ ସୃଷ୍ଟି ହୁଏ । ପୁରାଣରେ ଉଲ୍ଲେଖ ଅଛି, ଦେବତାମାନେ ଋଷି କଶ୍ୟପଙ୍କ ସ୍ତ୍ରୀ ଅଦିତିଙ୍କ ଗର୍ଭରୁ ସୃଷ୍ଟି ଓ ଅସୁରମାନେ ଦିତୀଙ୍କ ଗର୍ଭରୁ ଜନ୍ମ ନେଇଥିଲେ । କଶ୍ୟପଙ୍କ ୧୩ଗୋଟି ପତି ଥିବା ଭାଗବତ ପ୍ରମାଣ କରନ୍ତି । ସେ ଯାହାହେଉ ଦେବତାମାନଙ୍କ ବାସସ୍ଥଳୀ ସ୍ୱର୍ଗରେ । ମର୍ତ୍ତ୍ୟରେ ଆମ୍ଭେତାଙ୍କର ପୂଜା କରି ନିଜର ଆଭିଷ୍ଟ ପୁରଣ କରିଥାଉ । ଦେବତା ମାନେ ସୃଷ୍ଟି କର୍ତ୍ତା ନୁହନ୍ତି । ଭଗବାନ କୃଷ୍ଣ ଗୋଲାକାଧିପତି ହେଉଛନ୍ତି ଭଗବାନ । ସେ ହିଁ ଏହି ବ୍ରହ୍ମାଣ୍ଡର ସୃଷ୍ଟି କର୍ତ୍ତା । ସେ ସମସ୍ତ ଐଶ୍ୱର୍ଯ୍ୟର ଅଧିକାରୀ । ଯେତେବେଳେ ବ୍ରହ୍ମ ପ୍ରଳୟ ହୁଏ ସେତେବେଳେ ବ୍ରହ୍ମାଙ୍କ ସମେତ ସମସ୍ତ ଦେବତା ଓ ଜୀବ ଜଗତ ଭଗବାନଙ୍କ ସହିତ ମିଶି ଯାଆନ୍ତି ଓ ଯେତେବେଳେ ଭଗବାନ ପୁନର୍ବାର ସୃଷ୍ଟି ରଚନା କରନ୍ତି ସେତେବେଳେ ସେ ପ୍ରଥମେ ବ୍ରହ୍ମାଙ୍କୁ ସୃଷ୍ଟି କରନ୍ତି ଓ ବ୍ରହ୍ମଦେବ ଭଗବାନଙ୍କ ନିର୍ଦ୍ଦେଶରେ ସୃଷ୍ଟି ରଚନା କରନ୍ତି । ବାସ୍ତବରେ ଦେବତାମାନେ ଭଗବାନ ନୁହନ୍ତି । ସେମାନେ ଭଗବାନଙ୍କ ଦ୍ୱାରା ପ୍ରଦତ୍ତ କିଛି କ୍ଷମତା ଉପଭୋଗ କରନ୍ତି । କହିବାକୁ ଗଲେ ଭଗବାନ ହେଉଛନ୍ତି ପ୍ରଧାନ ମନ୍ତ୍ରୀ ଓ ଦେବତାମାନେ ତାଙ୍କ କ୍ୟାବିନେଟର ସହଯୋଗୀ ମନ୍ତ୍ରୀ । ଦାୟୀତ୍ୱ ବ୍ଣ୍ଟନ କରାଯାଇଛି - କୁବେର ଭଣ୍ଡାରର ଅଧିକାରୀ, ଗଣେଶ ଜ୍ଞାନର ଅଧିକାରୀ, ସରସ୍ୱତୀ ଶିକ୍ଷାର ଅଧିକାରୀ । ମଣିଷ ନିଜର ଇପ୍ସିତ ବସ୍ତୁ ପାଇବା ପାଇଁ ଦେବତାମାନଙ୍କୁ ପୂଜା କରିଥା'ନ୍ତି ଓ ଫଳ ପ୍ରାପ୍ତି ହୁଅନ୍ତି । ପିଲାମାନେ ବିଦ୍ୟାଦାତ୍ରୀ ମା' ସରସ୍ୱତୀଙ୍କୁ ପୂଜା କରି ଜ୍ଞାନ ଲାଭ କରନ୍ତି । କୌଣସି ଦେବତା ମୁକ୍ତିଦାତା ନୁହନ୍ତି, କେବଳ ଭଗବାନହିଁ ମଣିଷକୁ ମୋକ୍ଷ ଦେଇପାରିବେ । ମର୍ତ୍ତ୍ୟରେ ଯେତେବେଳେ ପାପଭାର ଅଧିକ ହୋଇଯାଏ ସାଧୁ ସନ୍ଥ ମାନେ ତ୍ରାହି ତ୍ରାହି ଡାକନ୍ତି ଓ ଭଗବାନଙ୍କୁ ସ୍ତୁତି କରନ୍ତି ସ୍ୱୟଂ ଭଗବାନ ଧର୍ମ ସଂସ୍ଥାପନ ପାଇଁ ଏହି ପୃଥିବୀ ପୃଷ୍ଠରେ ଦେହଧରଣ କରନ୍ତି । ସେ କେତେବେଳେ ଦେବକୀ ନନ୍ଦନ କୃଷ୍ଣ ତ କେତେବେଳେ କୌଶଲ୍ୟା ନନ୍ଦନ ଶ୍ରୀରାମ ଚନ୍ଦ୍ର ଭାବେ ଜନ୍ମ ନେଇ ପାପୀ ମନକୁ ସଂହାର କରିଛନ୍ତି । କେତେବେଳେ ଭଗବାନଙ୍କଠାରୁ କିଛି କଳା ନେଇ ମହାପୁରୁଷ ସନ୍ଥ ଜନ୍ମ ନେଇ ଭଗବାନଙ୍କ ବାଣୀ ପ୍ରଚାର କରିଥାନ୍ତି । ସେମାନେ ପୂର୍ଣ୍ଣ ଅବତାର ନୁହନ୍ତି । ସେମାନଙ୍କୁ ଅଂଶାବତାର ବୋଲି କୁହାଯାଏ । କଳିଯୁଗରେ ଅନେକ ମହାପୁରୁଷ ସନ୍ଥ ସାଧକ ଜନ୍ମ ନେଇ ନିଜର ଅଲୌକିକ ପ୍ରତିଭା ବଳରେ ଜନମାନସକୁ ଚମକୃତ କରିଛନ୍ତି । ସେମାନେ ବୁଦ୍ଧଦେବ, ଅନୁକୂଳଚନ୍ଦ୍ର, ନିଗମାନନ୍ଦ, ରାମକୃଷ୍ଣ ପରମହଂସ ହୁଅନ୍ତୁ ବା ଠାକୁର ଅଭିରାମ ପରମହଂସ ହୁଅନ୍ତୁ, ଏହି ମହାପୁରୁଷମାନଙ୍କୁ ମର୍ତ୍ତ୍ୟର ଠାକୁର ବୋଲି ବିଚାର କରାଯାଏ । ସେମାନଙ୍କ ଆବର୍ତ୍ତନରେ ମଣିଷ ସେମାନଙ୍କୁ ଠାକୁର ସଜାଇ ପୂଜା କରୁଛନ୍ତି । ସେମାନେ ଥିଲେ ଜୀବନ୍ତ ଠାକୁର । କୁହାଯାଏ ପିତାମାତା ତା'ର ସନ୍ତାନ ପାଇଁ ଜୀବନ୍ତ ଠାକୁର । ପିତା ମାତା ସନ୍ତାନକୁ ପୃଥିବୀର ଆଲୋକକୁ ଅଣିଥିବାରୁ ସନ୍ତାନ ପାଇଁ ସେ ଦୁଇଜଣ ବନ୍ଦନୀୟ ବା ଜୀବନ୍ତ ଠାକୁର । ଜଣେ ମାନବ ତା'ର କର୍ମ ବଳରେ ସ୍ୱର୍ଗରେ ଦେବତା ଆସନ ପ୍ରାପ୍ତ ହୋଇଥାଏ । ମଣିଷର କର୍ମ ହିଁ ପୁରୁଷକୁ ପୁରୁଷୋତ୍ତମ କୁ ରୂପାନ୍ତରିତ କରିଥାଏ । ଠାକୁର ସେହିମାନେ ଯେଉଁମାନେ ମାୟା ବନ୍ଧନରେ ଥାଇ ମଧ୍ୟ ମାୟା ତାଙ୍କୁ ସ୍ପର୍ଶ କରି ପରେ ନାହିଁ । ଅର୍ଥାତ୍ ଯେଉଁମାନେ କାମ କ୍ରୋଧ ଲୋଭା ମୋହ ମଦ ମାତ୍ସର୍ଯ୍ୟ ଠାରୁ ବହୁ ଦୂରରେ ସେହିଁ ମାନେ ହିଁ ମର୍ତ୍ତ୍ୟର ଠାକୁର ଓ ଭଗବାନଙ୍କ ପ୍ରତ୍ୟେକ ଜୀବ ପରମାତ୍ମାଙ୍କ ଅଂଶ ବିଶେଷ । ସ୍ୱୟଂ ପରମାତ୍ମା ଆତ୍ମା ରୂପରେ ପ୍ରତ୍ୟେକ ଜୀବ ଭିତରେ ଅବସ୍ଥାନ କରିଛନ୍ତି । ଯେଉଁମାନେ ଆତ୍ମରୂପୀ ଭଗବାନଙ୍କୁ ନିଜ ଭିତରେ ଅନୁଭବ କରିପାରନ୍ତି ଓ ପ୍ରତ୍ୟେକଟି ସ୍ଥାବର ଓ ଅସ୍ଥାବର । କୀଟ ଓ ପତଙ୍ଗ ଭିତରର ଭଗବାନଙ୍କ ସତ୍ତାକୁ ଅନୁଭବ କରନ୍ତି ସେହିମାନେ ଜଣେ ଜଣେ ଚତୁର୍ଦ୍ଦଶୀ ଗୁରୁ ବା ଜୀବନ୍ତ ଠାକୁର । ଆମ ସନାତନ ସଂସ୍କୃତିରେ ଆମେ ଗୁରୁଙ୍କୁ ଭଗବାନଙ୍କ ସହିତ ତୁଳନା କରିଥାଉ । ପ୍ରଥମେ ଗୁରୁଙ୍କୁ ବନ୍ଦନା କଲା ପରେ ଆମ୍ଭେ ଦେବତା ମାନଙ୍କୁ ବନ୍ଦନା କରିଥାଉ । ବାସ୍ତବରେ ତତ୍ତ୍ୱଦର୍ଶୀ ଗୁରୁ ହିଁ ମର୍ତ୍ତ୍ୟରେ ଜୀବନ୍ତ ଭଗବାନ । ଭଗବାନ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ଜଣେ ତତ୍ତ୍ୱଦର୍ଶୀ ଗୁରୁ ଗ୍ରହଣ କରିବାକୁ ଭଗବଦ୍ ଗୀତାରେ ପରାମର୍ଶ ଦେଇଛନ୍ତି । ସ୍ୱର୍ଗର ଦେବତା ପରିବର୍ତ୍ତେ ମର୍ତ୍ତ୍ୟର ଜୀବନ୍ତ ଦେବତା ମନକୁ ପୂଜା କଲେ ମଣିଷ ଏହି ଭବାର୍ଣ୍ଣବରୁ ପାର ଉତ୍ତାର ହେବା ପାଇଁ ପ୍ରେରଣା ପାଇଥାଏ । ଆସନ୍ତୁ ଆମ୍ଭେ ଜୀବନ୍ତ ଠାକୁର ଆମର ପିତା ମାତା ତତ୍ତ୍ୱଦର୍ଶୀ ଗୁରୁ ସନ୍ଥ ସନ୍ନ୍ୟାସୀ ମାନଙ୍କ ମାର୍ଗଦର୍ଶନ ଲାଭ କରି ଓ ସେମାନଙ୍କୁ ଠାକୁର ସଜାଇ ପୂଜା କରି ଭଗବାନଙ୍କ ସହିତ ଏକାକାର ହେବା ପାଇଁ ରାସ୍ତା ଖୋଜିବା ସ୍ୱର୍ଗର ଦେବତା ମନକୁ ପୂଜା କରି କେବଳ କିଛି ସୁଖ ସମୃଦ୍ଧି ଧନ ଜ୍ଞାନ ଯଶ ପାଇବା ସିନା ହେଲେ ପରମାତ୍ମାଙ୍କ ସାନ୍ନିଧ ପାଇପାରବା ନାହିଁ ।



ପ୍ରଦୀପ୍ତ କୁମାର ଜେନା

*ଅବସରପ୍ରାପ୍ତ ପୋଲିସ୍ ଅଫିସର୍*
*ମୋ : ୮୨୪୯୨୮୧୫୬୭*

# ଷଡଯନ୍ତ୍ରର ଛଦ୍ମବେଶୀ ଜଷ୍ଟିସ ଫର୍ ଅଲ୍

ସୌମେନ୍ଦ୍ର ଜେନା

ଆମେରିକାରେ ଷଡଯନ୍ତ୍ର ସୃଷ୍ଟିକାରୀ ସଂଗଠନ ଜଷ୍ଟିସ ଫର୍ ଅଲ୍ ଗଠନ ହେବା ପୂର୍ବରୁ ବୋସ୍‌ନିଆ ଟାସ୍କ ଫୋର୍ସ ଏବଂ କୋସୋଭା ଟାସ୍କ ଫୋର୍ସ ନାମରେ ଦୁଇଟି ସଂଗଠନ ୱେବସାଇଟରେ ଦେଖିବାକୁ ମିଳୁଥିଲେ, ଯାହା ଏବେ ଜଷ୍ଟିସ ଫର୍ ଅଲ୍‌ରେ ପରିଣତ ହୋଇଛନ୍ତି । ଆମେରିକାରେ ଆଜିକାଲି ଚଳୁଥିବା ଭାରତ ବିରୋଧୀ କାର୍ଯ୍ୟକଳାପର ମୁଖ୍ୟ ସୂତ୍ରଧର ହେଉଛି ଜଷ୍ଟିସ ଫଲ୍ ଅଲ୍ ସଂଗଠନ । ଜଷ୍ଟିସ ଫର୍ ଅଲ୍‌କୁ ପ୍ରଥମେ ଇସଲାମିକ କାଉନସିଲ୍ ଅଫ୍ ନର୍ଥ ଆମେରିକା ଦୁଇଟି ଟାସ୍କ ଫୋର୍ସକୁ ମିଶାଇ ଆରମ୍ଭ କରିଥିଲା ।

ଯଦି ଆମେ ବୋସ୍‌ନିଆ ଟାସ୍କଫୋର୍ସ କଥା ବିଚାର କରିବା ତେବେ ଦେଖିବାକୁ ପାଇବା ଯେ ୧୯୯୨-୯୩ରେ ଆମେରିକାନ୍ କାଉନସିଲ ଅଫ୍ ନର୍ଥ ଆମେରିକା (ଆଇସିଏନ୍‌ଏ) ବୋସ୍‌ନିଆ ପାଇଁ ଏକ ଶୋଭାଯାତ୍ରା ଯୁକ୍ତରାଷ୍ଟ୍ର ଆମେରିକାରେ ଆୟୋଜନ କରିଥିଲା । ସେପ୍ଟେମ୍ବର ୨୦୧୦ରେ ଇଣ୍ଡିଆନ ଆମେରିକାନ ମୁସଲିମ କାଉନ୍‌ସିଲ୍ (ଆଇଏଏମ୍‌ସି) ର ପ୍ରତିଷ୍ଠାତା ଶେଖ ଉବୈଦ ଆମେରିକାର ମୁସଲମାନ ନେତୃମଣ୍ଡଳୀଙ୍କ ଉଦ୍ଦେଶ୍ୟରେ ଯେଉଁ ପତ୍ର ଲେଖିଥିଲା ସେଥିରେ ୧୯୯୦ରୁ ସଂଗଠନ କିପରି ଧାରାବାହିକ ଭାବେ ସେଠାରେ କାର୍ଯ୍ୟକରୁଛି ତାହା ସେ ଲେଖିଥିଲା । ତା ଚିଠି ଅନୁସାରେ ବୋସ୍‌ନିଆ ଟାସ୍କ ଫୋର୍ସ ଅବଦୁଲ ମାଲିକ ମୁଜାହିଦ ଏବଂ ଆଇସିଏନ୍‌ଏ ଦ୍ୱାରା ୧୯୯୨ରେ ଗଠିତ ହୋଇଥିଲେ ହେଁ ସେଥିରେ ଅନ୍ୟ ୯ଟି ସଂଗଠନର ମେଣ୍ଟ ରହିଥିଲା । ସେହି ସଂଗଠନଗୁଡିକ ହେଉଛି (୧) ମିନିଷ୍ଟ୍ରୀ ଅଫ୍ ଇମାମ୍ ଡବ୍ଲ୍ୟୁ ଦୀନ ମହମ୍ମଦ, (୨) ଇସ୍‌ଲାମିକ ସୋସାଇଟୀ ଅଫ୍ ନର୍ଥ ଆମେରିକା, (୩) ଇସଲାମିକ ସର୍କଲ ଅଫ୍ ନର୍ଥ ଆମେରିକା, (୪) ବୋସ୍‌ନିଆ ଆକ୍ସନ କମିଟି-ଚିକାଗୋ,(୫) ମଜଲିସ୍ ସୁରା ଅଫ୍ ନ୍ୟୁୟର୍କ,(୬) ଇସ୍‌ଲାମିକ ସୁରା କାଉନସିଲ ଅଫ୍ ଗ୍ରେଟର ଲସ୍ ଏଞ୍ଜେଲସ, (୭) କାଉନସିଲ ଅଫ୍ ଇସଲାମିକ ଅର୍ଗାନାଇଜେସନ ଅଫ୍ ମିଚିଗାନ, (୮) ଇସ୍‌ଲାମିକ ସୋସାଇଟୀ ଅଫ୍ ଗ୍ରେଟର ହଷ୍ଟନ,(୯) ନେସନାଲ କମ୍ୟୁନିଟୀ ଏଣ୍ଡ ଦି ବଲକାନ ମୁସଲିମ ଆସୋସିଏସନ୍ । ୧୯୯୨ରେ ବୋସ୍‌ନିଆ ଟାସ୍କ ଫୋର୍ସ ଆରମ୍ଭ ହେବା ବେଳେ ଏହାର କାର୍ଯ୍ୟାଳୟ ମୁସଲିମ ବ୍ରଦରହୁଡର ସହଯୋଗୀ ସଂଗଠନ ଆଇସିଏନ୍‌ଏ ଇଣ୍ଡିଆନ କାର୍ଯ୍ୟାଳୟ ରହିଥିଲା ।

ବୋସ୍‌ନିଆ ଯୁଦ୍ଧ ୧୯୯୨-୯୫ ସମୟରେ ଚାଲିଥିଲା । ସଂପ୍ରଦାୟକୁ କେନ୍ଦ୍ରକରି ଆରମ୍ଭ ହୋଇଥିବା ଏହି ଯୁଦ୍ଧ ପ୍ରଥମେ ବୋସନିଆ ଏବଂ ହେର୍ଜେଗୋଭିନାରେ ଦେଖିବାକୁ ମିଳିଥିଲା । ସେତେବେଳେ ଏହି ଦୁଇଟିଯାକ ଅଞ୍ଚଳ ଯୁଗୋସ୍ଲୋଭିଆ ମଧ୍ୟରେ ରହିଥିଲେ, ଯେଉଁଠି ୪୪% ବୋସନିଆ ମୁସଲିମ, ୩୩% ସର୍ବ, ୧୭% କ୍ରୋଟ ବାସ କରୁଥିଲେ । ୧୯୯୦ରେ ଯୁଗୋସ୍ଲାଭିଆ ବିଭାଜନ ପରେ ଅଶାନ୍ତି ଆରମ୍ଭ ହୋଇଥିଲା । ୧୯୯୨ରେ ଜନମତ ପରେ ୟୁରୋପୀୟ ୟନିଅନ୍ ବୋସନିଆର ସ୍ୱାଧୀନତାକୁ ସ୍ୱୀକୃତି ପ୍ରଦାନ କରିଥିଲା । ବୋସ୍‌ନିଆର ସର୍ବମାନେ ସଂଘର୍ଷକରି ୭୦ ପ୍ରତିଶତ ବୋସ୍‌ନିଆର ଅଞ୍ଚଳକୁ ଦଖଲ କଲେ, ଯାହା ଫଳରେ ସାରାଜେଭୋ ଘେରାଉ ମଧ୍ୟରେ ରହିଲା । ବୋସନିୟ ଏବଂ କ୍ରୋଟମାନେ ସଂତ୍ରସ୍ତ ଅବସ୍ଥାରେ ରହିଲେ । ବୋସ୍‌ନିଆର କ୍ରୋଟସ ଏବଂ ବୋସ୍‌ନିଆର ସରକାରଙ୍କ ମଧ୍ୟରେ ସଂଘର୍ଷ ପରେ ଆନ୍ତର୍ଜାତିକ ସ୍ତରରେ ଚାପ ହେବା ଯୋଗୁ ଦୁଇ ଗୋଷ୍ଠୀ ସଂଘର୍ଷରୁ ମୁକ୍ତ ହୋଇ ବୁଝାମଣା କରିବାକୁ ରାଜିହେଲେ । ଏହା ପରେ ଉଭୟେ ସର୍ବମାନଙ୍କୁ ନିଜର ଶତ୍ରୁ ବୋଲି ମନେକଲେ । ଶାନ୍ତି ଯୋଜନାକୁ ବିରୋଧ କରାଯାଇ ସଂଘର୍ଷ ଜାରିରହିବା ପରେ ପାଶ୍ଚାତ୍ୟର ରାଷ୍ଟ୍ର ସମୂହ ଏବଂ ନାଟୋ ଗୋଷ୍ଠୀର ସମର୍ଥନକ୍ରମେ ୧୯୯୫ରେ ଓହିଓ (ଆମେରିକା)ର ଡେଟନଠାରେ ଅନ୍ତିମ ସଂଘର୍ଷ ବିରତି ବୁଝାମଣା ହେଲା । ବୋସ୍‌ନିଆ ଏବଂ ହର୍ଜେଗୋଭିନା ଗୋଟିଏ ଦେଶ ହେଲା ଯାହାର ଦୁଇଟି ସ୍ୱତନ୍ତ୍ର ପରିଚୟ ରହିଲା-ଫେଡେରେସନ ଅଫ୍ ବୋସ୍‌ନିଆ ଏଣ୍ଡ ହେର୍ଜେଗୋଭିନା ଏବଂ ରିପବ୍ଲିକ ସ୍ରପ୍‌ସ୍କା (ବୋସନିଆ ସର୍ବରାଷ୍ଟ୍ର) । ବୋସ୍‌ନିଆ ଟାସ୍କ ଫୋର୍ସ ଗଠନର ସଫଳତା ପରେ ଅବଦୁଲ ମାଲିକ ମୁଜାହିଦ ଆମେରିକାରେ ୧୯୯୯ରେ କୋସୋଭା ଟାସ୍କ ଫୋର୍ସ ଗଠନ କଲା,ଯେଉଁଥିରେ ୧୬ଟି ସଂଗଠନର ସମର୍ଥନ ରହିଲା । ଦେଖିବାକୁ ଗଲେ କୋସୋଭା ଟାସ୍କ ଫୋର୍ସ ଏକ ଇସ୍‌ଲାମିକ ଟାସ୍କ ଫୋର୍ସ ହିଁ ଥିଲା । କାରଣ ସେଥିରେ ଥିବା ସଂଗଠନଗୁଡିକ ଇସଲାମିକ ସଂଗଠନ ହିଁ ରହିଥିଲେ । ସେଗୁଡିକ ହେଲେ (୧) ଆଲବାନିଆନ ଇସଲାମିକ୍ କଲ୍‌ଚରାଲ ସେଣ୍ଟର, (୨) ଆମେରିକାନ ମୁସଲିମ କାଉନସିଲ୍, (୩) ବଲକାନ୍ ମୁସଲିମ ଆସୋସିଏସନ୍, (୪) କାଉନସିଲ ଅଫ୍ ଇସଲାମିକ ଅର୍ଗାନାଇଜେସନ ଅଫ୍ ଚିକାଗୋ , (୫) କାଉନସିଲ ଅଫ୍ ଇସଲାମିକ ଅର୍ଗାନାଇଜେସନ୍ ଅଫ୍ ମିଚିଗାନ, (୬) କାଉନସିଲ୍ ଅନ୍ ଆମେରିକାନ୍ ଇସଲାମିକ୍ ରିଲେସନ୍ସ, (୭) ଇସଲାମିକ ସର୍କଲ ଅଫ୍ ନର୍ଥ ଆମେରିକା, (୮) ଇସଲାମିକ କାଉନ୍‌ସିଲ ଅଫ୍ ନିଉ ଇଂଲଣ୍ଡ ,(୯) ଇସଲାମିକ ମେଡିକାଲ ଆସୋସିଏସନ୍,(୧୦) ଇସଲାମିକ ସୁରା କାଉନସିଲ ଅଫ୍ ସାଉଦର୍ଣ୍ଣ କାଲିଫର୍ଣ୍ଣିଆ,(୧୧) ଇସଲାମିକ ସୋସାଇଟୀ ଅଫ୍ ଗ୍ରେଟର ହଷ୍ଟନ, (୧୨) ଇସଲାମିକ ସୋସାଇଟୀ ଅଫ୍ ନର୍ଥ ଆମେରିକା , (୧୩) ମଜଲିସ୍ ସୁରା ନିଉୟର୍କ, (୧୪) ମୁସଲିମ ଆମେରିକାନ ସୋସାଇଟୀ,(୧୫) ମୁସଲିମ ଷ୍ଟୁଡେଣ୍ଟସ ଆସୋସିଏସନ ଅଫ୍ ଦି ୟୁଏସ୍ ଏଣ୍ଡ କାନାଡା,(୧୬) ଦି ନେସନାଲ କମ୍ୟୁନିଟୀ । କୋସୋଭା ଟାସ୍କ ଫୋର୍ସରେ ରହିଥିବା କିଛି ସଂଗଠନଙ୍କର ମୌଳବାଦ, ସନ୍ତ୍ରାସବାଦକୁ ଆର୍ଥିକ ସହଯୋଗ, ନିଷେଧ ହୋଇଥିବା ସଂଗଠନଗୁଡିକ ସହ ସଂପର୍କ ରହିଥିଲା ।

କୋସୋଭା ଟାସ୍କ ଫୋର୍ସରେ ଥିବା ସଂଗଠନ ମଧ୍ୟରୁ ଆମେରିକାନ୍ ମୁସଲିମ କାଉନସିଲ ଅନ୍ୟତମ । ଏହା ୧୨ଜୁଲାଇ ୧୯୯୦ରେ ଜନ୍ମ ନେଇଥିଲା । ଏହାର ଲିଖିତ ଉଦ୍ଦେଶ୍ୟ ହେଲା ଆମେରିକାର କଂଗ୍ରେସ ମଧ୍ୟରେ ଥିବା ସାଂସଦମାନଙ୍କ ମଧ୍ୟରେ ମୁସଲମାନଙ୍କ ପାଇଁ ଲବି କରିବା, ସବୁ ରାଜ୍ୟରେ ଏହାର ଶାଖା ଖୋଲିବା, ଆମେରିକାର ମୁସଲମାନ ପୁରୁଷ ଏବଂ ମହିଳାଙ୍କୁ ରାଜନୀତିରେ ଅଂଶଗ୍ରହଣ ପାଇଁ ପ୍ରୋତ୍ସାହିତ କରିବା, ଆମେରିକାର ମିଡିଆରେ ସକ୍ରୀୟ ରହି ଧାରାବାହିକ ଭାବେ ମୁସଲିମ ସ୍ୱାର୍ଥରେ କାର୍ଯ୍ୟ କରିବା । ଏହି ସଂସ୍ଥାର ସହ ପ୍ରତିଷ୍ଠାତା ଏବଂ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ହେଲେ ଇରିଟେରିଆରେ ଜନ୍ମିତ ଅବଦୁର ରହମନ ଅଲ ମୌଦି ନାମକ ଜଣେ ବାଇଓକେମିଷ୍ଟ, ଯିଏ ୧୯୭୯-୮୦ରେ ଆମେରିକାକୁ ଆସିଥିଲା । ଆମେରିକାରେ ସେ ଅନେକଗୁଡିଏ ମୁସଲିମ ସଂଗଠନ ଏଏମ୍‌ସି ଏବଂ ଆମେରିକାନ୍ ମୁସଲିମ କାଉନସିଲ ଆଦି ଗଠନ କରିଥିଲା । ଆମେରିକାର ସୁରକ୍ଷା ଏଜେନ୍ସୀ ଫେଡେରାଲ ବ୍ୟୁରୋ ଅଫ୍ ଇନ୍‌ଭେଷ୍ଟିଗେସନ ଅନୁଯାୟୀ ଅଲ୍‌ମୌଦୀର ସଂପର୍କ ଇସଲାମିକ କଲ୍ ସୋସାଇଟୀ ସହ ରହିଛି , ଯାହାର ସଂପର୍କ ଲିବ୍ୟାର ସରକାରଙ୍କ ସହ ରହିଛି ।

ଏଏମ୍‌ସି ଆରମ୍ଭ କଲାପରେ ଅଲମୌଦୀ ହ୍ୱାଇଟ ହାଉସ୍ ଏବଂ ପେଣ୍ଟାଗନରେ ଏକ ପରିଚିତ ଚେହେରା ହୋଇଗଲା । କାରଣ ସେ କଂଗ୍ରେସର ଉଭୟ ଡେମୋକ୍ରାଟ ଏବଂ ରିପବ୍ଲିକାନର ସାଂସଦମାନଙ୍କ ସହ ଲବି କରୁଥିଲା । ୨୦୦୦ପୂର୍ବରୁ ଅଲମୌଦୀ ବ୍ରିଟେନ ବାଟ ଦେଇ ଲିବ୍ୟାକୁ ବାରମ୍ବାର ଯାତ୍ରା କଲା । ୧୬ଅଗଷ୍ଟ ୨୦୦୩ରେ ଲଣ୍ଡନ ବିମାନ ବନ୍ଦରରେ ସେ ୩,୪୦,୦୦୦ ଆମେରିକୀୟ ଡଲାର ସଙ୍ଗରେ ନେଇ ଯାତ୍ରା କରୁଥିବା ବେଳେ ଧରାହେଲା । ପରେ ଅନୁସନ୍ଧାନରୁ ଜଣାପଡିଲା ଯେ ସାଉଦି ଆରବର ଯୁବରାଜ ଅବୁଦୁଲ୍ଲା ଅଲ୍-ସାଉଦଙ୍କୁ ହତ୍ୟା କରିବା ପାଇଁ ଲିବ୍ୟାର ଶାସକ ମୋଆମାର ଗଦ୍ଦାଫିଙ୍କ ଠାରୁ ଅଲ୍‌ମୌଦୀ ଅର୍ଥ ନେଇ ଯାଉଥିଲା । ଅକ୍ଟୋବର ୨୦୦୩ରେ ଅଲ୍‌ମୌଦୀ ଦୋଷୀ ସାବ୍ୟସ୍ତ ହେଲା । ଅର୍ଥ ଜାଲିଆତି ଏବଂ ସନ୍ତ୍ରାସବାଦକୁ ସମର୍ଥନ କରିବା ଅଭିଯୋଗରେ ତାକୁ ୨୩ ବର୍ଷ କାରାବାସ ମିଳିଲା ।

ଭାରତୀୟ ସମ୍ବାଦ ସେବା (ଭାସ୍)
ଭୁବନେଶ୍ୱର-୭୫୧୦୦୩




## ଜିଲ୍ଲା ଚିକିତ୍ସାଳୟ ଓ ଗୁପ୍ତେଶ୍ୱରର ବିକାଶର ସମୀକ୍ଷା କଲେ ମୁଖ୍ୟ ଶାସନ ସଚିବ

ଜୟପୁର, (ପି.ଏନ): ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ର କୋରାପୁଟ ଜିଲା ଗସ୍ତରେ ଆସିଥିବା ବେଳେ ଜୟପୁର ଏୟାର ପୋର୍ଟରେ ପହଂଚିଥିଲେ । ପରେ ଜୟପୁର ସ୍ଥିତ ମୁଖ୍ୟ ଜିଲା ଚିକିତ୍ସାଳୟର ନୂତନ ନିର୍ମାଣ ଧିନ କୋଠା ଓ କ୍ୱାଟର ସମିକ୍ଷା କରିଥିଲେ । ଧାର୍ଯ୍ୟ ସମୟ ଭିତରେ ସମସ୍ତ କାର୍ଯ୍ୟ ଶେଷ କରିବାକୁ ମୁଖ୍ୟ ଶାସନ ସଚିବ ନିର୍ମାଣ ଧିନ ସଂସ୍ଥା କୁ ନିର୍ଦ୍ଦେଶ ଦେଇଥିଲେ । ସମୀକ୍ଷା ସମୟରେ ଜିଲାପାଳ ଅବଦୁଲ ମହମ୍ମଦ ଆକ୍ତର, ରାସ୍ତା ଓ ଗୃହ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ଭାସ୍କର ସାମନ୍ତରାୟ, ମେଡିକାଲ ସୁପରିଟେଣ୍ଡେଂଟ ରବିନ୍ଦ୍ର ନାଥ ମିଶ୍ର ସହ ଜିଲାସ୍ତରୀୟ ଅଧିକାରି ମାନେ ଉପସ୍ଥିତ ଥିଲେ । ୧୦୪.୩୪ କୋଟି ଟଙ୍କା ମିନିମୟରେ ଚିକିତ୍ସାଳୟ ନିର୍ମାଣ ଚାଲିଛି। ଗତ ୨୦୨୨ ମାଛରେ କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ଆସନ୍ତା ଆକ୍ଟୋବର ୨୦୨୩ରେ କାର୍ଯ୍ୟ ଶେଷ ହେବ ନେଇ ବିଭାଗ ଲକ୍ଷ୍ୟ ରଖିଛି । କୋଠା ରାସ୍ତା, ପାର୍କିଂ ଆଦି କାର୍ଯ୍ୟ କରାଯାଉଥିବା ଜଣାଯାଇଛି । ଜୟପୁରରେ ସମୀକ୍ଷା କରିବା ପରେ ଦକ୍ଷିଣ ଓଡ଼ିଶାର ପ୍ରସିଦ୍ଧ ଶୈବପୀଠ ଗୁପ୍ତେଶ୍ୱର ଗସ୍ତ କରିଛନ୍ତି । ମୁଖ୍ୟ ସଚିବ ଗୁପ୍ତେଶ୍ୱର ଠାକୁରଙ୍କ ନିକଟରେ ଧୂପ ଦୀପ ଦେଇ ପୂଜା ଅର୍ଚନା କରିଥିଲେ । ପରେ ଡକ୍ରି ଘାଟି ଘାଟ କଟିଙ୍ଗ ସହ ରାସ୍ତା ନିର୍ମାଣ କାର୍ଯ୍ୟ ଅନୁଧ୍ୟାନ କରିଥିଲେ । ଏଥିସହ ଜିଲ୍ଲାପାଳ ଏବଂ ବିଭାଗୀୟ ଅଧିକାରୀଙ୍କ ସହ ଗୁପ୍ତେଶ୍ୱର ପୀଠର ମାଷ୍ଟର ପ୍ଲାନ ବିଷୟରେ ଆଲୋଚନା କରିଥିଲେ । ପୂର୍ବରୁ ଦିଆ ଯାଇଥିବା ଦେଢ଼ କୋଟି ଟଙ୍କାର ଅନୁଦାନରେ ଗୁପ୍ତେଶ୍ୱର ପୀଠର ଉନ୍ନତିକରଣ କାର୍ଯ୍ୟ ଚାଲିଥିବା ବେଳେ ମାଷ୍ଟର ପ୍ଲାନ୍ ଅନୁଯାୟୀ ଆହୁରି ଅଧିକ ବିଭିନ୍ନ ପ୍ରକାରର ଉନ୍ନତି ମୂଳକ କାର୍ଯ୍ୟ କରାଯିବ ବୋଲି ପ୍ରକାଶ କରିଛନ୍ତି ମୁଖ୍ୟ ଶାସନ ସଚିବ ।

## ଜଗତସିଂହପୁର ଜିଲ୍ଲାରୁ ଆସିଲା କଟକ ଜିଲ୍ଲାକୁ ଉତରକୂଳ ଓ ମଣିଜଙ୍ଗ ପଶୁଧନ ନିରୀକ୍ଷକ କେନ୍ଦ୍ର

ସାଲେପୁର,(ପି.ଏନ): ରାଜ୍ୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ ଚିଠି ନଂ ୨୪୦୨/୨୨.୦୨.୨୦୨୩ ଅନୁଯାୟୀ ଜଗତସିଂହପୁର ଜିଲ୍ଲା ପ୍ରାଣୀ ସମ୍ପଦ ବିଭାଗ ଅଧିନରେ ଥିବା ନିଶ୍ଚିନ୍ତକୋଇଲି ବ୍ଲକ ଅନ୍ତର୍ଗତ କଟକ ସଦର ନିର୍ବାଚନ ମଣ୍ଡଳୀ ଅନ୍ତର୍ଭୁକ୍ତ ଉତରକୂଳ ଓ ମଣିଜଙ୍ଗ ପଶୁଧନ ନିରୀକ୍ଷକ କେନ୍ଦ୍ର ଦୁଇଟି କଟକ ଜିଲ୍ଲାର ନିଶ୍ଚିନ୍ତକୋଇଲି ବ୍ଲକ ପ୍ରାଣୀ ସଂପଦ ବିଭାଗ ଅଧିନକୁ ଆସିଛି । କଟକ ସଦର ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଚନ୍ଦ୍ରସାରଥି ବେହେରାଙ୍କ ଉଦ୍ୟମ ବଳରେ ଏହା ହୋଇଥିବାରୁ ଏ ଅଂଚଳର ସମସ୍ତ ଗୋପାଳକ ଓ ଜନସାଧାରଣମାନେ ଶ୍ରୀଯୁକ୍ତ ବେହେରାଙ୍କ ବଳିଷ୍ଠ ଉଦ୍ୟମକୁ ସାଧୁବାଦ ଜଣାଇଛନ୍ତି ।ମହମ୍ମଦପୁର ସରପଂଚ ପ୍ରତିଭା ବେହେରା, ପୂର୍ବତନ ନିଶ୍ଚିନ୍ତକୋଇଲି ବ୍ଲକ ଅଧକ୍ଷ ନରେନ୍ଦ୍ର ବାରିକ, ମଣିଜଙ୍ଗ ପଂଚାୟତ ସରପଂଚ ଶାରଦା ପ୍ରସାଦ ମହାନ୍ତି, ଉତରକୂଳ ପଂଚାୟତ ସମିତିସଭ୍ୟ କିଶୋର ସାହାଣୀ, ସମାଜସେବୀ ପ୍ରଦୀପ୍ତ ବେହେରା, ବିଜୁଜନତା ଦଳ ପର୍ଯ୍ୟବେକ୍ଷକ ତଥା ସମାଜସେବୀ ରମେଶ ଚନ୍ଦ୍ର ସ୍ୱାଇଁ, ଜିଲ୍ଲାପରିଷଦ ସଭ୍ୟା ଶୁଭଶ୍ରୀ ମହାନ୍ତି, ଯୁବ ବିଜେଡି ସଭାପତି ଦୁର୍ଗାପ୍ରସାଦ ଦାସ ପ୍ରମୁଖ ବିଧାୟକ ଶ୍ରୀଯୁକ୍ତ ବେହେରାଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି । ଉକ୍ତ ଦୁଇଗୋଟି ପଶୁଧନ ନିରୀକ୍ଷକ କେନ୍ଦ୍ର ଉପରେ ଗୋସେବା ପାଇଁ ନିର୍ଭର କରୁଥିବା ଗୋଚାଷୀମାନେ ଏଣିକି ଆଉ ନିଜ ଜିଲ୍ଲା କଟକକୁ ଛାଡି ଜଗସିଂହପୁର ଜିଲ୍ଲାକୁ ଯିବାକୁ ପଡିବ ନାହିଁ ।

## ସାମସଙ୍ଗ ଇଣ୍ଡିଆର ସବୁଠାରୁ ବଡ଼ ପାର୍ବଣ ଅଫର ରିୱାର୍ଡ଼ ଇୟୋରସେଲ୍ଫର ଶୁଭାରମ୍ଭ

ଭୁବନେଶ୍ୱର: ଭାରତର ଅଗ୍ରଣୀ ଇଲେକ୍ଟ୍ରୋନିକ୍ସ ଏବଂ ସ୍ମାର୍ଟଫୋନ୍ ବ୍ରାଣ୍ଡ, ସାମସଙ୍ଗ ପକ୍ଷରୁ ଚଳିତ ପାର୍ବଣକୁ ଆହୁରି ଅଧିକ ଆକର୍ଷଣୀୟ କରିବା ପାଇଁ 'ରିୱାର୍ଡ଼ ଇୟୋରସେଲ୍ଫ' ଅଭିଯାନର ଶୁଭାରମ୍ଭ କରାଯାଇଛି । 'ରିୱାର୍ଡ଼ ଇୟୋରସେଲ୍ଫ' ଅଭିଯାନ ସହିତ, ଗ୍ରାହକମାନେ ଏଚଡ଼ିଏଫସି କ୍ରେଡ଼ିଟ କାର୍ଡ଼ ଏବଂ ଡ଼େବିଟ କାର୍ଡ଼ ଏବଂ ଏସବିଆଇ କ୍ରେଡ଼ିଟ କାର୍ଡ଼ ଉପରେ ୧୦% କ୍ୟାଶବ୍ୟାକ ପାଇବା ସହିତ ଆକର୍ଷଣୀୟ ବଣ୍ଡଲ ଅଫର ଏବଂ ସାମସଙ୍ଗର ବିସ୍ତୃତ ସ୍ମାର୍ଟଫୋନ୍ ଶୃଙ୍ଖଳ, ଓୟେରେବୁଲସ ଏବଂ ଟାବଲେଟ ଇତ୍ୟାଦି ପାଇବାର ସୁବିଧା ରହିଛି । ଏହି ପରିପ୍ରେକ୍ଷୀରେ ସାମସଙ୍ଗ ଇଣ୍ଡିଆର ମୋବାଇଲ ବିଜନେସର, ବରିଷ୍ଠ ଉପାଧ୍ୟକ୍ଷ, ଶ୍ରୀ ମୋହନଦୀପ୍ ସିଂ କହିଛନ୍ତି ଯେ, "ପାର୍ବଣ ସମୟରେ ଆମର ଗ୍ରାହକ ମାନଙ୍କ ଉତ୍ସାହକୁ ଆହୁରି ବୃଦ୍ଧି କରିବା ପାଇଁ, ଆମ୍ଭେମାନେ ଆମର ଅଫର ଗୁଡ଼ିକରେ କ୍ୟାଶବ୍ୟାକ, ସର୍ବନିମ୍ନ ମାସିକ କିସ୍ତି ଏବଂ ଅନ୍ୟ ଆକର୍ଷଣୀୟ ଯୋଜନାମାନ ନେଇଆସିଛୁ ।" ସାମସଙ୍ଗର 'ରିୱାର୍ଡ଼ ଇୟୋରସେଲ୍ଫ' ଅଭିଯାନ ଅନେକ ଗୁଡ଼ିଏ ସ୍ମାର୍ଟଫୋନ୍, ଟାବଲେଟ ଏବଂ ଓୟାରବୁଲସ ଉପରେ ଉପଲବ୍ଧ ଥିବାବେଳେ, ଏହି ପାର୍ବଣ ସମୟରେ ଗାଲାକ୍ସି ଡ଼ିଭାଇସ କ୍ରୟ କରୁଥିବା ପ୍ରତ୍ୟେକ ଗ୍ରାହକଙ୍କ ପାଇଁ ସୁନିଶ୍ଚିତ ପୁରସ୍କାର ନେଇଆସିଛି । ଏହି ଅଫରରେ ୪୯୯୯ ଟଙ୍କାରୁ ୧୦୪୯୯୯ଟଙ୍କା ମଧ୍ୟରେ ରହିଥିବା କେତେକ ବଛାବଛା ସ୍ମାର୍ଟଫୋନ୍, ଟାବଲେଟ ଏବଂ ଓୟେରେବୁଲସ ଉପରେ ଏଚଡ଼ିଏଫସି ବ୍ୟାଙ୍କ କାର୍ଡ଼ରେ ୧୦% କ୍ୟାଶବ୍ୟାକ ସୁବିଧା ରହିଛି । ଏହି ଅଫର ଅକ୍ଟୋବର ୧୫ ରୁ ଅକ୍ଟୋବର ୨୭, ୨୦୨୦ ପର୍ଯ୍ୟନ୍ତ ବୈଧ । ୪୯୯୯ଟଙ୍କାରୁ ୪୭୯୯୯ଟଙ୍କାର ସମସ୍ତ ଗାଲାକ୍ସି ସ୍ମାର୍ଟଫୋନ୍ ଏବଂ ବଛାବଛା ଟାବଲେଟ ଏବଂ ଓୟେରବୁଲସରେ ଏସବିଆଇ କ୍ରେଡ଼ିଟ କାର୍ଡ଼ରେ ୧୦% କ୍ୟାଶବ୍ୟାକ ଉପଲବ୍ଧ । ଏହି ଅଫର ଅକ୍ଟୋବର ୨୮ ରୁ ନଭେମ୍ବର ୧୭, ୨୦୨୦ ପର୍ଯ୍ୟନ୍ତ ବୈଧ ।ଗାଲାକ୍ସି ନୋଟ ୨୦ କ୍ରୟ କରୁଥିବା ଗ୍ରାହକମାନେ ତୁରନ୍ତ ୧୦,୦୦୦ ଟଙ୍କାର କ୍ୟାଶବ୍ୟାକ ପାଇପାରିବେ । ଏହି ଅଫର ଅକ୍ଟୋବର ୧୬ ରୁ ଅକ୍ଟୋବର ୨୫, ୨୦୨୦ ପର୍ଯ୍ୟନ୍ତ ବୈଧ । ଗାଲାକ୍ସି ଏ ସିରିଜ ଏବଂ ସମସ୍ତ ଫ୍ଲାଗସିପ୍ ଡ଼ିଭାଇସ ଉପରେ ଗ୍ରାହକମାନେ ନୋ କଷ୍ଟ୍ ଇଏମଆଇ ସହିତ ଜିରୋ ଡ଼ାଉନପେମେଂଟ ସୁବିଧା ପାଇପାରିବେ । ଗ୍ରାହକମାନେ ୧୩,୦୦୦ ଟଙ୍କା ପର୍ଯ୍ୟନ୍ତର ଅପଗ୍ରେଡ଼ ବୋନସ ପାଇପାରିବା ସହିତ ଚଳିତବର୍ଷ ଅକ୍ଟୋବର ୧୬ ରୁ ଅକ୍ଟୋବର ୨୫ ପର୍ଯ୍ୟନ୍ତ ଗାଲାକ୍ସି ନୋଟ୨୦ ଅଲଟ୍ରା କ୍ରୟରେ ୭୦୦୦ ଟଙ୍କା ମୁଲ୍ୟର ସାମସଙ୍ଗ ଭାଉଚର ପାଇପାରିବେ । ଗ୍ରାହକମାନେ ଏହି ଭଳି ଆହୁରି ଅନେକ ଆକର୍ଷଣୀୟ ଅଫରକୁ ଉପଭୋଗ କରିପାରିବେ । ଏହି ପାର୍ବଣ ଅଫରଗୁଡ଼ିକ ଅଗ୍ରଣୀ ରିଟେଲ ଷ୍ଟୋର ଏବଂ ସାମସଙ୍ଗ ଡ଼ଟ କମରେ କ୍ରୟ ଉପରେ ଉପଲବ୍ଧ ।

## ସାନୀ ଇଣ୍ଡିଆ ପକ୍ଷରୁ ମହାମାରୀ ସଙ୍କଟରେ ନୂଆ ଉଦାହରଣ ସୃଷ୍ଟି କରାଯାଇଛି

ଭୁବନେଶ୍ୱର: ନିର୍ମାଣ ଯନ୍ତ୍ରାଂଶ, ହେଭି ଯନ୍ତ୍ରାଂଶ କ୍ଷେତ୍ରରେ ବିଭିନ୍ନ ଉତ୍ପାଦ ଉପଲବ୍ଧ କରାଉଥିବା ସାନୀ ଇଣ୍ଡିଆ ପକ୍ଷରୁ ମହାମାରୀ ସଙ୍କଟ ସମୟରେ ଏକ ନୂଆ ଉଦାହରଣ ସୃଷ୍ଟି କରାଯାଇଛି । କମ୍ପାନୀ ପକ୍ଷରୁ ଏହାର ସମସ୍ତ ୩୫ ଡିଲରଙ୍କୁ ସାମ୍ପ୍ରତିକ ଆହ୍ୱାନମୂଳକ ସମୟରେ ବହୁବିଧ ଆବଶ୍ୟକ ସହାୟତା ଯୋଗାଇ ଦିଆଯାଇଛି । କ୍ରେଡ଼ିଟ୍ ସମୟସୀମାକୁ କମ୍ପାନୀ ପକ୍ଷରୁ ବର୍ଦ୍ଧିତ କରାଯାଇଛି । ଏହି ସୁବିଧା ସମସ୍ତ ନିର୍ମାଣ ଯନ୍ତ୍ରାଶଂ ଏବଂ ସ୍ପେୟାର ପାର୍ଟସ୍ ପାଇଁ ଉପଲବ୍ଧ ହେଉଛି । ସେହିପରି ଗ୍ରାହକଙ୍କ ୱାରେଟିଂ ସମୟକୁ ମଧ ବଢ଼ାଇ ଦିଆଯାଇଛି । କମ୍ପାନୀରେ କାର୍ଯ୍ୟ କରୁଥିବା ୧୧୦୦ରୁ ଅଧିକ କର୍ମଚାରୀଙ୍କୁ ଦରମା ସହାୟତା ମଧ ଯୋଗାଇ ଦିଆଯାଇଛି । ଭାରତ ଏବଂ ଦକ୍ଷିଣ ଏସିଆରେ ଥିବା ଏହାର ପେ ରୋଲ୍ କର୍ମଚାରୀଙ୍କ ପାଇଁ ଏହି ସୁବିଧା ଲାଗୁ ହୋଇଛି । ଡିଲରଙ୍କୁ ଯୋଗାଇ ଦିଆଯାଇଥିବା ସହାୟତା ଯୋଗୁ ୩ ପ୍ରକାର ଲାଭ ମିଳି ପାରିଛି । ଡିଲରମାନେ ସେମାନଙ୍କର ମାନବସମ୍ବଳର ଉପଯୋଗ କରିପାରିଛନ୍ତି । ସେହିପରି ବ୍ୟବସାୟିକ ଧାରାକୁ ବଜାୟ ରଖିବା ସହିତ ବଜାର ଖୋଲିବା ପରେ ପୁଣି ସୁବିଧାରେ କାରବାର ଆରମ୍ଭ କରିପାରିଛନ୍ତି । ଏହି ଯୋଜନାବଦ୍ଧ ରଣନୀତି ଦ୍ୱାରା କମ୍ପାନୀ ୨୦୧୯ ତୁଳନାରେ ଲକ୍‌ଡାଉନ୍ ହଟିବା ପରେ ଗତ ୨ମାସ ଅଗଷ୍ଟ ଏବଂ ସେପ୍ଟେମ୍ବର ମଧ୍ୟରେ ବ୍ୟବସାୟ ବୃଦ୍ଧିରେ ଅଗ୍ରଗତି କରିପାରିଛି । କମ୍ପାନୀର ଏକ୍ସାଭେଟର ମାର୍କେଟ ଶେୟାର ୧୪.୫ ପ୍ରତିଶତରେ ପହଂଚିଛି । ଏହାର ଅଭିବୃଦ୍ଧି ହାର ୧୫ ପ୍ରତିଶତ ରହିଛି । ସେହିପରି କ୍ରାୱଲ କ୍ରେନ୍‌ର ମାର୍କେଟ ଶେୟାର ୪୫ ପ୍ରତିଶତ ଥିବାବେଳେ ଏହାର ଅଭିବୃଦ୍ଧି ହାର ୮୦ ପ୍ରତିଶତ ରହିଛି । ଟ୍ରକ୍ କେନ୍‌ର ମାର୍କେଟ ଶେୟାର ୭୦ ପ୍ରତିଶତ ଥିବାବେଳେ ଏହାର ବୃଦ୍ଧି ହାର ୧୦ ପ୍ରତିଶତ ଛୁଇଁଛି । ପିଲିଂ ରିଙ୍ଗ୍‌ର ମାର୍କେଟଶେୟାର ୭୫ ପ୍ରତିଶତ ଥିବାବେଳେ ଏହାର ବୃଦ୍ଧି ହାର ୨୪ ପ୍ରତିଶତ ରହିଛି । ମୋଟୋର ଗ୍ରେଡ୍‌ର ମାର୍କେଟ ଶେୟାର ୧୧ ପ୍ରତିଶତ ଥିବାବେଳେ ଏହା ଅଭିବୃଦ୍ଧି ହାର ୧୦ ପ୍ରତିଶତ ରହିଛି । ସାନୀ ଇଣ୍ଡିଆ ଡିଲରମାନଙ୍କୁ ସବୁବେଳେ ଏହାର କାରବାର ବୃଦ୍ଧି ପାଇଁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଭାବେ ବିବେଚନା କରିଥାଏ । କମ୍ପାନୀର ପଦକ୍ଷେପ ଯୋଗୁ ଡିଲରମାନଙ୍କୁ ଆବଶ୍ୟକ ଆର୍ଥିକ ସହାୟତା ମିଳିପାରିଛି । ଏହି ଅବସରରେ ସାନୀ ଗ୍ରୁପର ଭାରତ ତଥା ଦକ୍ଷିଣ ଏସିଆ ମୁଖ୍ୟ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଦୀପକ ଗର୍ଗ କହିଲେ, " ଆମେ ଆର୍ଥିକ ସହାୟତାକୁ ଉପଯୁକ୍ତ ମାର୍ଗରେ ପରିଚାଳିତ କରିପାରିଛୁ । ଏହାଦ୍ୱାରା ଡିଲରମାନେ ବିଶେଷ ଉପକୃତ ହୋଇପାରିଛନ୍ତି । ମହାମାରୀ ସଙ୍କଟ ସମୟରେ ସହାୟତା ଯୋଗୁ ଡିଲରମାନେ ସେମାନଙ୍କ କାରବାରକୁ ବନ୍ଦ ନ କରି ଜାରି ରଖିପାରିଛନ୍ତି । କୋଭିଡ୍ ସଙ୍କଟ ଆମମାନଙ୍କୁ ଅସୁବିଧା ସମୟରେ କିଭଳି ସହାୟତା ଦ୍ୱାରା କାରବାର ବୃଦ୍ଧି କରାଯାଇ ପାରିବ ତାହାର ଏକ ଗୁରୁତ୍ୱପୂର୍ଣ୍ଣ ଶିକ୍ଷା ଦେଇଛି । ମହାମାରୀ ସଙ୍କଟ ସମୟରେ ପୃଥିବୀର ବହୁ କମ୍ପାନୀ ସେମାନଙ୍କର କର୍ମଚାରୀଙ୍କୁ ଛଟେଇ କରିବା ଆରମ୍ଭ କରିଥିଲେ । ଏପରିସ୍ଥଳେ ସାନୀ ଇଣ୍ଡିଆ ପଦୋନ୍ନତି ଏବଂ ଦରମା ବୃଦ୍ଧି କରିଥିଲା । କମ୍ପାନୀର ଏଭଳି ଦୂର ଦୃଷ୍ଟି ସମ୍ପନ୍ନ ଆର୍ଥିକ ନୀତିର ସକାରାତ୍ମକ ପ୍ରଭାବ ଏହାର ଆର୍ ଆଣ୍ଡ ଡି ଉପରେ ଅନୁଭୁତ ହୋଇଛି । ଲକ୍‌ଡାଉନ୍ ସମୟରେ ଗ୍ରାହକ ଏବଂ ଫାଇନାନ୍ସର,ମଲ୍ଟିପୁଲ ଟ୍ରେନିଂ ଏବଂ ଡେଭଲପମେଂଟ୍ କାର୍ଯ୍ୟ ଆଦି ସମ୍ପନ୍ନ ହୋଇପାରିଛି ।

## ନିଶାନ୍ ଇଣ୍ଡିଆ ପକ୍ଷରୁ ଅଲ୍-ନ୍ୟୁ ନିଶାନ୍ ମାଗ୍ନାଇଟ୍ ବି-ଏସ୍‌ୟୁଭି ଉନ୍ମୋଚିତ

ଭୁବନେଶ୍ୱର: 'ମେକ୍ ଇନ୍ ଇଣ୍ଡିଆ, ମେକ୍ ଫର୍ ୱାର୍ଲ୍ଡ' ଦର୍ଶନ ଉପରେ ନିର୍ମିତ ନିଶାନ ଇଣ୍ଡିଆ ଏହାର ବହୁ ପ୍ରତିକ୍ଷୀତ ବି-ଏସ୍‌ୟୁଭି ଅଲ୍-ନ୍ୟୁ ନିଶାନ୍ ମାଗ୍ନାଇଟ୍‌କୁ ଉନ୍ମୋଚନ କରିଛି । ନିଶାନ୍-ନେସ୍ କନ୍‌ସେପ୍ଟର ଏକ ବାସ୍ତବ ପ୍ରତିଫଳନ ନୂଆ ନିଶାନ୍ ମାଗ୍ନାଇଟ୍‌କୁ ଏକ ଭର୍ଚୁଆଲ ଇଭେଂଟ୍ ଜରିଆରେ ସମଗ୍ର ବିଶ୍ୱର ଦର୍ଶକଙ୍କ ପାଇଁ ଉନ୍ମୋଚିତ କରାଯାଇଥିଲା । ଏସମ୍ପର୍କରେ ନିଶାନ ମୋଟର ଇଣ୍ଡିଆର ଅଧକ୍ଷ, ସିନାନ୍ ଓଜ୍‌କୋକ୍ କହିଛନ୍ତିଯେ, "ଅଲ୍-ନ୍ୟୁ ନିଶାନ୍ ମାଗ୍ନାଇଟ୍ ଆମର ନିଶାନ୍ ନେକ୍ସଟ୍ ରଣନୀତି କ୍ଷେତ୍ରରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରୁଛି ଏବଂ ଏକ ଗ୍ରାହକ କୈନ୍ଦ୍ରିକ ସଂସ୍ଥା ଭାବେ ଭାରତୀୟ ବଜାର ପାଇଁ ନିଶାନ୍‌ର ଅବିସ୍ମରଣୀୟ ପ୍ରତିଶ୍ରୁତିର ପ୍ରତିନିଧିତ୍ୱ କରୁଛି । ଏହି କାର୍ ସମୃଦ୍ଧ ଅଭିଜ୍ଞତା ପାଇଁ ଆକର୍ଷଣୀୟ ଉତ୍ପାଦ ଡେଲିଭର କରିବା ଲାଗି ଆମେ କରୁଥିବା ସବୁକିଛିର କେନ୍ଦ୍ରରେ ଗ୍ରାହକଙ୍କୁ ରଖିବା ନେଇ ଆମର ବ୍ରାଣ୍ଡ ଫିଲୋସୋଫିକୁ ଦୋହରାଉଛି ।" ଅଲ୍-ନ୍ୟୁ ନିଶାନ ମାଗ୍ନାଇଟ୍ ହେଉଛି ନିରନ୍ତର ଉଦ୍ଭାବନ, ଅତ୍ୟାଧୁନିକ ଟେକ୍ନୋଲୋଜି ଓ ଜାପାନିଜ୍ ଇଞ୍ଜିନିୟରିଙ୍ଗ୍‌ର ନିଶାନର ଗ୍ଲୋବାଲ ଏସ୍‌ୟୁଭି ଡିଏନ୍‌ଏର ଏକ ପ୍ରମାଣ । ଏଥିରେ ନିଶାନ୍ ଇଂଟେଲିଜେଂଟ୍ ମୋବିଲିଟି (ଏନ୍‌ଆଇଏମ୍) ର ଅଂଶ ଭାବେ ନୂତନ ଟେକ୍ନୋଲୋଜି ଏବଂ ଯାନଗୁଡିକୁ କିଭଳି ସମାଜ ସହ ପାରିଚାଳିତ, ଡ୍ରାଇଭେନ୍ ଓ ଇଂଟିଗ୍ରେଟେଡ୍ କରାଯିବ ତାହାକୁ ନେଇ କମ୍ପାନୀର ଆଭିମୁଖ୍ୟ ସାମିଲ ରହିଛି । ଜାପାନରେ ଡିଜାଇନ୍ ହୋଇଥିବା ଓ ଭାରତୀୟ ଗ୍ରାହକଙ୍କ ଆବଶ୍ୟକତା ଓ ଆକାଂକ୍ଷାକୁ ଦୃଷ୍ଟିରେ ରଖି ନିର୍ମିତ ଅଲ୍ ନ୍ୟୁ ନିଶାନ ମାଗ୍ନାଇଟ୍‌ରେ ଏକାଧିକ ଫାର୍ଷ୍ଟ-ଇନ୍-କ୍ଲାସ୍ ଓ ବେଷ୍ଟ-ଇନ୍-ସେଗ୍‌ମେଂଟ୍ ଫିଚର ରହିଛି । ଏହାର ଫାର୍ଷ୍ଟ-ଇନ୍-କ୍ଲାସ୍ ଫ୍ଲେୟାର ଗାର୍‌ନେଟ୍ ରେଡ୍ (ଟିଂଟ୍ କୋଟ୍) କଲର୍ ଗଭୀରତା ଓ ଉନ୍ନତ ଗୁଣବତା ସହ ପ୍ରିମିୟମନେସ୍‌କୁ ପ୍ରତିଫଳନ କରୁଛି । ଏହା ୯ଟି ବଡି କଲର୍‌ଏ ୫ଟି ମୋନୋଟୋନ୍ ଓ ୪ଟି ଡୁଆଲ ଟୋନ୍ କଲର୍‌ରେ ଉପଲବ୍ଧ ହେଉଛି । ଏହି କାର୍‌ରେ ସବୁଠାରୁ ପତଳା ହେଡ୍‌ଲ୍ୟାମ୍ପ, ହାଲୁକା ସେପର-ଷ୍ଟାଇଲ୍ ଟର୍ଣ୍ଣ ଇଣ୍ଡିକେଟର୍, ଏଲ୍- ସେପ୍ ଏଲ୍‌ଇଡି ଡେଟାଇମ୍ ରନିଙ୍ଗ ଲାଇଟ୍‌ସ (ଡିଆର୍‌ଏଲ୍) ଓ ଡୋମିନେଟିଙ୍ଗ୍ ଫ୍ରଂଟ୍ ଗ୍ରିଲ୍ ରହିଛି । ଏଥିରେ ବ୍ୟାପକ ଶୃଙ୍ଖଳାର ଆକ୍‌ସେସରିଜ୍, ଏକ ୱାୟାରଲେସ୍ ଚାର୍ଜର୍, ଏୟାର ପ୍ୟୁରିଫାୟାର, ପଡଲ୍ ଲ୍ୟାମ୍ପ ଓ ଆମ୍ବିଏଂଟ୍ ମୁଡ୍ ଲାଇଟିଙ୍ଗ ଥିବା ଟେକ୍ ପାକ୍ ରହିଛି । ଏହାର ହରାଇଜୋଂଟାଲ ଇନ୍‌ଷ୍ଟ୍ରୁମେଂଟ୍ ପ୍ୟାନେଲ ଷ୍ଟ୍ରକ୍‌ଚର ଡବଲ ଡେକ୍ କନ୍‌ସୋଲ ଏହି କାର୍‌କୁ ଅଧିକ ଚଉଡା କରୁଛି ।

## ଇଣ୍ଡିଆନ ଟେରେନ୍ ଏକ ଫେୟାରଟ୍ରେଡ କ୍ୟାପ୍‌ସୁଲ ସହିତ ହାଇ ଷ୍ଟ୍ରିଟ ଫେସନ୍‌ରେ ନିରନ୍ତରତାର ଅଗ୍ରଣୀ ସାଜିଛି

ଭୁବନେଶ୍ୱର : ବିଗତ ବର୍ଷଗୁଡ଼ିକରେ ନିରନ୍ତର ଏବଂ ଦାୟିତ୍ୱ ସଂପନ୍ନ ଗ୍ରାହକମାନେ ବ୍ରାଣ୍ଡଗୁଡ଼ିକୁ ସେମାନଙ୍କ ଯୋଗାଣ ଶୃଙ୍ଖଳାରେ ସ୍ୱଚ୍ଛତା ଓ ନିରନ୍ତରତା ପ୍ରଦର୍ଶନ କରିବା ଲାଗି ଉତ୍ସାହିତ କରୁଛନ୍ତି । ଗ୍ରାହକମାନଙ୍କୁ ଶ୍ରେଷ୍ଠ ଗୁଣାତ୍ମକ ମାନର ଉତ୍ପାଦ ଯୋଗାଇବା ନେଇ ୨୦ ବର୍ଷର ପ୍ରତିବଦ୍ଧତାକୁ ଦୋହରାଇ ଓ ଏକ ସୁଦୃଢ଼ ଜାତୀୟ ବ୍ରାଣ୍ଡ ସୃଷ୍ଟି କରିବା ଲାଗି ଦେଶର ଆହ୍ୱାନ ଅନୁସାରେ ଭାରତର ଅଗ୍ରଣୀ ପୁରୁଷ ପରିଧାନ ଓ ଶିଶୁ ପରିଧାନ ବ୍ରାଣ୍ଡ ଇଣ୍ଡିଆନ ଟିରେନ୍ ପକ୍ଷରୁ ପରିବେଶର ସୁରକ୍ଷା ଓ ଗୁଜରାଟର ଫେୟାରଟ୍ରେଡ ଚାଷୀଙ୍କୁ ସଶକ୍ତ କରିବା ଲାଗି ଏକ ସ୍ୱତନ୍ତ୍ର ନିରନ୍ତର ଫେସନ ପୋଷାକ ବର୍ଗ (ସଷ୍ଟେନେବଲ ଫେସନ୍ ଲାଇନ୍) ସୃଷ୍ଟି କରିବା ପାଇଁ ଫେୟାରଟ୍ରେଡ ଇଣ୍ଡିଆ ସହ ହାତ ମିଳାଯାଇଛି । ଫେସନ୍‌ର ସାମାଜିକ ଓ ପରିବେଶ ଉପସ୍ଥିତି ବୃଦ୍ଧି ପାଉଥିବାରୁ ପରିବର୍ତନକୁ ଆଗକୁ ବଢ଼ାଇବା ବ୍ରାଣ୍ଡ ଲାଗି ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି । ନିରନ୍ତର ଫେସନ୍‌କୁ ମୁଖ୍ୟସ୍ରୋତରେ ପରିଣତ କରିବା ଲାଗି ଇଣ୍ଡିଆନ ଟେରେନ୍ ଏହାର ଭୂମିକାକୁ ସ୍ୱୀକୃତି ଦେଇଛି । ଏହି ଦିଗରେ ପଦକ୍ଷେପ ସ୍ୱରୂପ ଏକ ଫାୟାରଟ୍ରେଡ କ୍ୟାପସୁଲ ଉନ୍ମୋଚନ କରିବା ଲାଗି ଭାରତର ପ୍ରଥମ ହାଇ ଷ୍ଟ୍ରିଟ ବ୍ରାଣ୍ଡ ହେବାକୁ କଂପାନି ପ୍ରତିବଦ୍ଧ । ଇଣ୍ଡିଆନ ଟେରେନ୍‌ର ଫେୟାରଟ୍ରେଡ ଲେବଲ ଥିବା ସମ୍ଭାର/ କ୍ୟାପସୁଲର ଅର୍ଥ ହେଉଛି ସମ୍ଭାର/କ୍ୟାପସୁଲ ତିଆରି କରିଥିବା କ୍ଷେତ ଓ କାରଖାନାଗୁଡ଼ିକରେ ସାମାଜିକ ଓ ପରିବେଶ ନିରନ୍ତରତା ମାନକକୁ ପାଳନ କରାଯାଇଛି । ଏହାର ଅର୍ଥ ହେଉଛି-ଚାଷୀମାନେ ଉତ୍ପାଦିତ ସାମଗ୍ରୀ ପାଇଁ ଉଚିତ ମୂଲ୍ୟ ପାଇଛନ୍ତି, କେଣସି ହାନିକାରକ କିଟନାଶକ ବ୍ୟବହାର କରାଯାଇନାହିଁ, ଶିଶୁ ଶ୍ରମିକ ନିଷିଦ୍ଧ କରାଯାଇଛି ଏବଂ ଏହି ପୋଷାକଗୁଡ଼ିକ ତିଆରି ବେଳେ ପରିବେଶକୁ ସୁରକ୍ଷା ଦିଆଯାଇଛି । ଏହି ସହଯୋଗିତା ସଂପର୍କରେ ଶ୍ରୀଯୁକ୍ତ ଚରଥ ନରସିମହନ୍, ପରିଚାଳନା ନିର୍ଦ୍ଦେଶକ, ଇଣ୍ଡିଆନ ଟେରେନ୍ ଫେସନସ୍ ଲିମିଟେଡ କହିଛନ୍ତି ଯେ, ଠକ୍ଲଙ୍କକ୍ଷ୍ପ;ଯେଉଁ ଫେସନ୍‌ର ଦୁନିଆକୁ ଆମେ ଜାଣିଥିଲୁ ତାହା ଉଦୀୟମାନ ହୋଇଛି ଏବଂ ବର୍ତମାନ ତାହା ଅଧିକ ପରିବେଶ ସଚେତନ ହୋଇପଡ଼ିଛି । ଏକ ଅଧିକ ନିରନ୍ତର ଜୀବନଯାପନ ଶୈଳୀକୁ ଗ୍ରହଣ କରିବା ବିଷୟରେ ଗ୍ରାହକମାନଙ୍କ ମଧ୍ୟରେ ଆଲୋଚନା ବଢ଼ିଛି । ଫେୟାରଟ୍ରେଡ ସହିତ ଆମର ସହଯୋଗିତା ଜରିଆରେ ବିଶ୍ୱାସ, ନିରନ୍ତରତା ଏବଂ ଗୁଣାତ୍ମକ ମାନକୁ ନେଇ ବୃଦ୍ଧି ପାଉଥିବା ଆବଶ୍ୟକତାକୁ ପୂରଣ କରିବା ପାଇଁ ନିରନ୍ତରତା ଦିଗରେ ଏହା ହେଉଛି ଅନ୍ୟତମ ପଦକ୍ଷେପ, ତେଣୁ ଭାରତର ପ୍ରଥମ ହାଇ ଷ୍ଟ୍ରିଟ ବ୍ରାଣ୍ଡରେ ପରିଣତ ହୋଇଛୁ ଯାହା ଗୁଜରାଟର ସୁରେନ୍ଦ୍ରନଗର ଜିଲ୍ଲାରୁ ଚାଷୀଙ୍କ ଠାରୁ ଫେୟାରଟ୍ରେଡ କଟନ୍ ସଂଗ୍ରହ କରି ସ୍ୱତନ୍ତ୍ର ଉତ୍ପାଦ ବର୍ଗ ତିଆରି କରୁଛି । ସେ ଆହୁରି କହିଛନ୍ତି ଯେ, ଆଗକୁ ଫେୟାରଟ୍ରେଡ କଟନ୍, ରିସାଇକଲଡ କଟନ୍, ରିସାଇକଲଡ ପଲିଷ୍ଟର ଏବଂ ଅର୍ଗାନିକ ଓ ପ୍ରାକୃତିକ ଫାଇବର ଯଥା ବାଉଁଶ, ହେମ୍ପ ଯାହାକୁ ଆସନ୍ତା ତିନି ବର୍ଷ ଭିତରେ ସଚେତନ ଭାବେ ଏବଂ ନିରନ୍ତରତାର ସହ ସଂଗ୍ରହ କରାଯାଇଥିବ ତାହାକୁ ବ୍ୟବହାର କରି ସମଗ୍ର ପୋର୍ଟଫୋଲିଓର ୫୦ ପ୍ରତିଶତରୁ ଅଧିକ ଉତ୍ପାଦ ଉତ୍ପାଦନ କରିବାକୁ ଆମେ ଚାହୁଁଛୁ । ଆମେ ସାର୍ଟିଫାଏଡ ଯୋଗାଣକାରୀଙ୍କ ସହ କାର୍ଯ୍ୟ କରିବୁ ଏବଂ ବ୍ୟବହାର ହେଉଥିବା କଂଚାମାଲ କେଉଁଠାରେ ମିଳୁଛି ତାହା ଗୁରୁତ୍ୱାରୋପ କରି ଆମର ଲକ୍ଷ୍ୟ ସହିତ ଯୋଗାଣ ଶୃଙ୍ଖଳ ସହଯୋଗୀମାନଙ୍କୁ ଜଡ଼ିତ କରିବା ନିଶ୍ଚିତ କରିବୁ । ଜୈବ ବିଘଟିତ ପ୍ୟାକେଜିଂ ଏବଂ ଉତ୍ପାଦ ବଂଟନ ଜରିଆରେ ଅନ୍ୟାନ୍ୟ ପ୍ରକ୍ରିୟା ପର୍ଯ୍ୟନ୍ତ ମଧ ଆମେ ନିରନ୍ତରତାକୁ ସଂପ୍ରସାରିତ କରିବୁ । ଫେୟାରଟ୍ରେଡ ଇଣ୍ଡିଆ ସହଯୋଗିତାରେ ଇଣ୍ଡିଆନ ଟେରେନ୍‌ର ନୂଆ ସମ୍ଭାର ସବୁଠୁ ଫେସନେବଲ ପୋଷାକ ସହିତ ଦାୟିତ୍ୱବାନ ଷ୍ଟାଇଲର ଭାବ ପ୍ରଦାନ କରୁଛି । ସ୍ୱତନ୍ତ୍ର ଗ୍ରାଫିକ ପ୍ରିଂଟର ବିବିଧତା, ସଲିଡ ଓ ପାଷ୍ଟେଲ ରଙ୍ଗ ମିଶ୍ରଣର ବର୍ଗ ସହିତ ଇଣ୍ଡିଆନ ଟେରେନ୍ ପୋଷାକର ଆରାମ ଏହି ପୋଷାକକୁ ନିଶ୍ଚିତ ଦରକାରରେ ପରିଣତ କରିଛି । ଏହି କ୍ୟାପସୁଲ ସମ୍ଭାର ବର୍ତମାନ ପ୍ରଦାନ କରୁଛି ଟି;ର ସମ୍ଭାର ଯେଉଁଥିରେ ପୁରୁଷ ଓ ବାଳକଙ୍କ ପାଇଁ କ୍ରୁ ନେକ୍ ଟି-ସାର୍ଟ ରହିଛି ଏବଂ ଟି-ସାର୍ଟ ବ୍ୟତୀତ ସାର୍ଟ ଏବଂ ଟ୍ରାଉଜର ଆଦକି ନେଇ ଏକ ବୃହତ ସମ୍ଭାର ପର୍ଯ୍ୟନ୍ତ ଏହାକୁ ଆହୁରି ସଂପ୍ରସାରିତ କରାଯିବ । ପୁନଶ୍ଚ, ଗ୍ରାହକମାନେ ଇଣ୍ଡିଆନ ଟେରେନ୍ ଫେୟାରଟ୍ରେଡ ସମ୍ଭାରରୁ ଯେତେ ଅଧିକ ଉତ୍ପାଦ କିଣିବେ ଚାଷୀ ସଂଗଠନଗୁଡ଼ିକ ସେତେ ଅଧିକ ପରିମାଣର ଫେୟାରଟ୍ରେଡ ପ୍ରିମିୟମ ପାଇପାରିବେ । ନିରନ୍ତରତା ଆପଣଙ୍କୁ ଭଲ ଅନୁଭୂତି ପ୍ରଦାନ କରିବ । ଅଭିଶେଷ ଜାନି, ସିଇଓ, ଫେୟାରଟ୍ରେଡ ଇଣ୍ଡିଆ କହିଛନ୍ତି ଯେ, ବିଶ୍ୱ ଫେସନ୍ ଶିଳ୍ପ କୋଭିଡ-୧୯ର ପ୍ରଭାବ ଦେଇ ଗତି କରୁଥିବା ବେଳେ ନିରନ୍ତରତାର ପ୍ରସାର ପାଇଁ ଇଣ୍ଡିଆନ ଟେରେନ୍ ବଳିଷ୍ଠ ପଦକ୍ଷେପ ଗ୍ରହଣ କରିଛି । ସେମାନଙ୍କ ଫେୟାରଟ୍ରେଡ ସମ୍ଭାର ଉନ୍ମୋଚନ ସହିତ ଇଣ୍ଡିଆନ ଟେରେନ୍ କେବଳ ଏହି ଗ୍ରହ ଓ ଯୋଗାଣ ଶୃଙ୍ଖଳର ସମ୍ବେଦନଶୀଳ ଗୋଷ୍ଠୀ ପ୍ରତି ଗଭୀର ପ୍ରତିବଦ୍ଧତା ପ୍ରଦର୍ଶନ କରିନାହିଁ ବରଂ ଭାରତୀୟ କପା ଚାଷିଙ୍କୁ ସେମାନଙ୍କ ଉତ୍ପାଦ ପାଇଁ ଏକ ବଜାର ପ୍ରଦାନ କରିବା ସହ ସେମାନଙ୍କୁ ଉଚିତ ମୂଲ୍ୟ ପ୍ରଦାନ ପାଇଁ ପ୍ରତିବଦ୍ଧତାକୁ ଦୋହରାଇଛି । ଫେସନ୍ ଶିଳ୍ପରେ ପରିଚାଳିତ ହେଉଥିବା ବ୍ରାଣ୍ଡ ଓ ବ୍ୟବସାୟଗୁଡ଼ିକୁ ପ୍ରଦୂଷଣ ଓ ଶୋଷଣ ଚକ୍ରରେ ସେମାନଙ୍କ ଭୂମିକାଙ୍କୁ ମାନ୍ୟତା ଦେବାକୁ ପଡ଼ିବ କିମ୍ବା ସକାରାତ୍ମକ ପରିବର୍ତନ ଓ ସାମାଜିକ ସଶକ୍ତୀକରଣର ବାର୍ତାବହ ହେବାକୁ ପଡ଼ିବ ।

## କୋଟାକ ମ୍ୟୁଚୁଆଲ ଫଣ୍ଡ୍ ଶୁଭାରମ୍ଭ କଲା ଡିଜିଟାଲ ପ୍ରଚାର ଅଭିଯାନ

ମୁମ୍ବଇ : "ଲକ୍‌ଡାଉନ ପରବର୍ତ୍ତୀ ସମୟରେ ଆପଣ କ'ଣ କରିବେ ?" ଉପଭୋକ୍ତାଙ୍କର ଏହି ମାନସିକତା ପ୍ରତି ଦୃଷ୍ଟିଦେଇ କୋଟାକ ମହିନ୍ଦ୍ରା ଆସେଟ୍ ମ୍ୟାନେଜମେଠକ୍ଷପ୍ସ; କମ୍ପାନୀ (କୋଟାକ ମ୍ୟୁଚୁଆଲ ଫଣ୍ଡ) ତାହାର ଡିଜିଟାଲ ପ୍ରଚାରର ଅଭିଯାନ 'ସପ୍‌ନୋ ପେ କୋଇ ଲକ୍‌ଡାଉନ ନହି ହୋତା'(ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରିଛି- ଯାହାର ଅର୍ଥ ସ୍ୱପ୍ନରେ କଦାପି ଲକ୍‌ଡାଉନ ହୋଇପାରିବ ନାହିଁ । କୋଟାକ ମହିନ୍ଦ୍ରାର 'ଲେଟ୍‌ସ ପ୍ଲାନ' ଶିକ୍ଷାଭିତ୍ତିକ ଅନ୍‌ଲାଇନ ପ୍ଲାଟଫର୍ମ ଜରିଆରେ ପ୍ରଚଳନ କରାଯାଇଥିବା ଏହି ପ୍ରଚାର ଅଭିଯାନଦ ସ୍ୱପ୍ନକୁ ସାକାର କରିବା ପାଇଁ ନିୟମିତ ସଞ୍ଚୟ ଏବଂ ନିବେଶ କରିବାର ଗୁରୁତ୍ୱ ଉପରେ ଆଲୋକପାତ କରୁଛି । ବିଷୟବସ୍ତୁ ଏବଂ ଏକ ସହଜରେ ବୁଝିହେଉଥିବା ହିସାବ ସହାୟତାରେ ଏହି ଅଭିଯାନ ଉପଭୋକ୍ତାଙ୍କୁ ଅନ୍ତରୀଣ ଜଟିଳ ସମୟରେ ଉପଯୁକ୍ତ ମାର୍ଗରେ ଅଗ୍ରସର ହେବା ଏବଂ ସେମାନଙ୍କର ଆର୍ଥିକ ଯାତ୍ରାରେ ସଠିକ ପଥରେ ପରିଚାଳିତ ହୋଇ ସେମାନେ ହାସଲ କରିବାକୁ ଚାହୁଁଥିବା ଆର୍ଥିକ ଲକ୍ଷ୍ୟ ହାସଲରେ ସହାୟତା କରୁଛି । ଚାକିରୀ ଅଥବା ଜୀବିକା ଉପାର୍ଜନ ଉତ୍ସ ହରାଇବା ପରେ, ସାମ୍ପ୍ରତିକ ଦୃଶ୍ୟପଟରେ ଏସଆଇପିକୁ ବନ୍ଦ ରଖିବା ଅଥବା ଜାରି ରଖିବା, ସୀମିତ ବେତନ ମଧ୍ୟରେ କିଭଳି ଖର୍ଚ୍ଚ ଓ ପୁଞ୍ଜିନିବେଶକୁ ପରିଚାଳନା କରିବା ଆଦିକୁ ନେଇ ଜୀବନ ସହିତ କିଭଳି ଆଗକୁ ବଢିବାକୁ ହେବ ସେ ସମ୍ପର୍କିତ ଅନେକ ପ୍ରାସଙ୍ଗିକ ପ୍ରଶ୍ନର ଉତ୍ତର ଏହାର ବିଷୟବସ୍ତୁରେ ରହିଛି । ବିବିଧ ଡିଜିଟାଲ ମାଧ୍ୟମରେ ପ୍ରସାରିତ ହେବାକୁ ଥିବା ଏହି ପ୍ରଚାର ଅଭିଯାନର ଭିଡିଓରେ ଜୀବନର ବିଭିନ୍ନ କ୍ଷେତ୍ରରୁ ଉପଭୋକ୍ତାଙ୍କର ଆଶା ଆକାଙ୍କ୍ଷା ପ୍ରଦର୍ଶିତ ହୋଇଛି ଏବଂ 'ଲେଟ୍‌ସ ପ୍ଲାନ୍' କିଭଳି ଜନସାଧାରଣଙ୍କ ସ୍ୱପ୍ନକୁ ସୋପାନ ପରେ ସୋପାନ ସାକାର କରିବାରେ ସହାୟକ ହେଉଛି, ତାହା ବର୍ଣ୍ଣନା କରିଛି କୋଟାକ ମହିନ୍ଦ୍ରା ଆସେଟ ମ୍ୟାନେଜମେଉୟ' କମ୍ପାନୀ ଲିମିଟେଡର ଡିଜିଟାଲ ବିଜନେଓ ମାର୍କେଟିଂ ମୁଖ୍ୟ କିଞ୍ଜଲ ଶାହ କହିଛନ୍ତି, "ଆମର ପୁରସ୍କାରପ୍ରାପ୍ତ ପ୍ରଚାର ଅଭିଯାନ 'ଟକ୍ ଟୁ ମିଷ୍ଟର ଏସଆଇପି' ପରେ 'ସପ୍‌ନୋ ପେ କୋଇ ଲକ୍‌ଡାଉନ ନହି ହୋତା' ଉପଭୋକ୍ତାଙ୍କୁ ନୂତନ ସ୍ୱାଭାବିକ ପରିସ୍ଥିତିରେ ସେମାନଙ୍କର ଭବିଷ୍ୟତ ସମ୍ପର୍କରେ ଯୋଜନା କରିବା ଦିଗରେ ସହାୟତା କରିବାକୁ ଏକ ଅନନ୍ୟ ଶିକ୍ଷାଭିତ୍ତିକ ନିବେଶକ ପ୍ରୟାସ ହୋଇଛି । ଏହି ପ୍ରଚାର ଅଭିଯାନର ମୂଳ ତତ୍ତ୍ୱ ହେଉଛି- ବିଶ୍ୱସ୍ତରରେ ଜୀବନ ଜୀବିକାକୁ ଧୂଳିସାତ୍ କରିଦେଇଥିବା ଭୟାନକ କରୋନାଭୂତାଣୁ ମହାମାରୀ କୋଭିଡ-୧୯ କଦାପି ଆର୍ଥିକ ଯୋଜନା ପ୍ରସ୍ତୁତି ପ୍ରକ୍ରିୟାରେ ସ୍ଥାଣୁତା ନଆଣୁ । 'ଲେଟସ ପ୍ଲାନ୍' ସହିତ ଉପଭୋକ୍ତାଙ୍କୁ ଏସଆଇପିର ପ୍ରମାଣିତ ଶକ୍ତି ବଳରେ ସେମାନଙ୍କ ଭବିଷ୍ୟତ ଯୋଜନା ପାଇଁ ଆବଶ୍ୟକ କରୁଥିବା ସାଧନ ଓ ସୂଚନା ପ୍ରଦାନକରି ସେମାନଙ୍କୁ ସଶକ୍ତ କରୁଛି ।" ଏହି ପ୍ରଚାର ଅଭିଯାନ ଡିଜିଟାଲ ମାର୍କେଟିଂ ସଂସ୍ଥା ହାଇପର୍ କନେକ୍ଟ ଦ୍ୱାରା ପ୍ରସ୍ତୁତ କରାଯାଇଛି । ହାଇପର୍ କନେକ୍ଟର ସହ ପ୍ରତିଷ୍ଠାତା ତଥା କ୍ରିଏଟିଭ ମୁଖ୍ୟ କିରଣ ଖାଡ୍‌କେ କହିଛନ୍ତି, 'ସ୍ୱପ୍ନ ସଂପୂର୍ଣ୍ଣ ମାଗଣା, ତାହା ଜଣକୁ କେବଳ ସମ୍ଭାବନା ରହିଥିବାର ବିଶ୍ୱାସ ପ୍ରଦାନ କରେ । ଆମେ ଏହି ମୌଳିକ ତତ୍ତ୍ୱକୁ ବାଛିଲୁ ଏବଂ ତାହାକୁ ଏସଆଇପିର ମୂଳ ବିଷୟ ସହିତ ସଂଯୁକ୍ତ କଲୁ, ଏବଂ ତାହାପରେ ଏହି ପ୍ରଚାର ଅଭିଯାନ ସୃଷ୍ଟିହେଲା । ଭିଡିଓରେ ଏହି ବର୍ଣ୍ଣନାକୁ ପ୍ରତିପାଦନ କରାଯାଇଛି ଏବଂ ଏହାର ବିଷୟବସ୍ତୁ ନୂତନ ତଥା ପୂର୍ବରୁ ରହିଥିବା ନିବେଶକଙ୍କୁ ସହଜ ହିସାବ ଜରିଆରେ ସେମାନଙ୍କ ସ୍ୱପ୍ନକୁ ନେଇ ଅତ୍ୟନ୍ତ ସୂକ୍ଷ୍ମ ଭାବରେ ଯୋଜନା ପ୍ରସ୍ତୁତ କରିବାରେ ସହାୟତା କରୁଛି ।"

## ପବ୍ଲିକ ୟୁଟିଲିଟି ସେବାରେ ଘରୋଇ କ୍ଷେତ୍ର ସାମର୍ଥ୍ୟକୁ ଉପଯୋଗ କଲା ଇଣ୍ଡିଆ ପାୱାର

ଭୁବନେଶ୍ୱର: ଏକ ଅଗ୍ରଣୀ ଶକ୍ତି ୟୁଟିଲିଟି ଇଣ୍ଡିଆ ପାୱାର କର୍ପୋରେସନ ଲିମିଟେଡ (ଇଣ୍ଡିଆ ପାୱାର) ପବ୍ଲିକ ୟୁଟିଲିଟି ସେବାରେ ଘରୋଇ କ୍ଷେତ୍ର ସାମର୍ଥ୍ୟକୁ ସୁଲଭ ମୂଲ୍ୟରେ ଉପଯୋଗ କରିବାରେ ଧ୍ୱଜାଧାରୀ ଭାବେ ଉଭା ହୋଇଛି । ୧୯୧୯ରୁ ଉପଭୋକ୍ତାଙ୍କୁ ବିଦ୍ୟୁତ ଯୋଗାଇ ଆସୁଥିବା ରାଷ୍ଟ୍ରାୟତ୍ତ ଦିଶେରଗଡ ପାୱାର ସପ୍ଲାଇ କମ୍ପାନୀ (ଡିପିଏସ୍‌ସି)କୁ ଅଧିଗ୍ରହଣ କରିବା ଦ୍ୱାରା କମ୍ପାନୀ ତାହାର ସେବା ଯୋଗାଣରେ ସରକାରୀ ଏବଂ ଘରୋଇ କ୍ଷେତ୍ରର ସର୍ବୋତ୍ତମକୁ ସମ୍ମିଶ୍ରଣ କରିଛି । ଏହି ଅଧିଗ୍ରହଣ ଏକ ଆଧୁନିକ ୟୁଟିଲିଟି ସୃଷ୍ଟି କରିଛି ଯାହା ଗ୍ରାହକଙ୍କୁ ସେମାନେ ଦେଉଥିବା ମୂଲ୍ୟର ଉପଯୁକ୍ତ ସେବା ଦେବା ବ୍ୟବସ୍ଥାରେ ଉନ୍ନତି ଆଣିବା ନିମନ୍ତେ ଅଗ୍ରଣୀ ପ୍ରଯୁକ୍ତିକୁ ବ୍ୟବହାର କରୁଛି ଏବଂ ସମାଜ ପ୍ରତି ନିଜର ଦୃଢ ପ୍ରତିଶ୍ରୁତିବଦ୍ଧତା ରଖୁଛି । ଇଣ୍ଡିଆ ପାୱାର ଡିପିଏସ୍‌ସିର ଠିକାରେ ଥିବା କର୍ମଚାରୀଙ୍କ ସମେତ ପ୍ରାୟ ୨୦୦୦ କର୍ମଚାରୀଙ୍କୁ ସଶକ୍ତ କରିଛି ଏବଂ ସେମାନଙ୍କୁ ନିଜର ପୂର୍ବରୁ ରହିଥିବା ଲୋକଶକ୍ତି ସହିତ ସମନ୍ୱିତ କରିଛି । ଏହା ଏକ ଅନନ୍ୟ ସାଂସ୍କୃତିକ ସଂପ୍ରୀତି ସୃଷ୍ଟି କରିପାରିଛି ଯାହା କମ୍ପାନୀ ଭିତରେ ନୂତନ ଉଦ୍ଭାବନ ଏବଂ ସୃଜନଶୀଳତା ସଂସ୍କୃତିକୁ ପ୍ରୋତ୍ସାହିତ କରୁଛି । ଇଣ୍ଡିଆ ପାୱାର ତାହାର ଘରୋଇ, ବାଣିଜ୍ୟିକ ଏବଂ ଶିଳ୍ପ ଉପଭୋକ୍ତାଙ୍କୁ ଉନ୍ନତତର ସେବା ସୁଲଭ ମୂଲ୍ୟରେ ଯୋଗାଇବା ସକାଶେ ନେଟୱର୍କ ଓ ଆବଠକ୍ଷପ୍ସ;ନ ଭିତ୍ତିଭୂମିକୁ ଉନ୍ନତ କରିବାକୁ ୫୦୦ କୋଟି ଟଙ୍କାରୁ ଅଧିକ ନିବେଶ କରିଛି । ନୂତନ ଭୌଗୋଳିକ ଅଞ୍ଚଳରେ ନିଜର କାର୍ଯ୍ୟକ୍ରମକୁ ସମ୍ପ୍ରସାରିତ କରିବା ପାଇଁ ସାନି ପୁଞ୍ଜିନିବେଶ କରିବାକୁ କମ୍ପାନୀ ପ୍ରତିଶ୍ରୁତିବଦ୍ଧ ଏବଂ ଉପଭୋକ୍ତା ଯେଉଁଳି ଭୋଲ୍‌ଟେଜରେ ହ୍ରାସବୃଦ୍ଧି, ଶକ୍ତି ବିଭ୍ରାଟ, ଶକ୍ତି ଯୋଗାଣରେ ବିଫଳତା ଏବଂ ଲୋଡ ସେଡିଂ ଆଦି କାରଣରୁ ପ୍ରଭାବିତ ନୁହଅନ୍ତି ତାହା ନିଶ୍ଚିତ କରିବାକୁ ବହୁ ରାଜ୍ୟ ସରକାରଙ୍କ ସହିତ ନିବିଡ ଭାବରେ ମିଶି କାର୍ଯ୍ୟ କରୁଛି । ମଧ୍ୟପ୍ରଦେଶ ସରକାର ଇଣ୍ଡିଆ ପାୱାରର ସହଯୋଗୀ କମ୍ପାନୀ ଏମ୍‌ପି ସ୍ମାର୍ଟଗ୍ରୀଡ ପ୍ରାଇଭେଟ ଲିମିଟେଡକୁ ନିକଟରେ ଏକ ପ୍ରଥମ ଧରଣର ପ୍ରକଳ୍ପ ପ୍ରଦାନ କରିଛନ୍ତି । କମ୍ପାନୀ ଉଜ୍ଜୟିନ, ରତ୍‌ଲାମ, ଦେୱାସ, ଖାରଗୋନ୍ ଏବଂ ମାଉ ଆଦି ସ୍ଥାନରେ ୩୫୦,୦୦୦ ସ୍ୱାର୍ଟ ମିଟର ସ୍ଥାପନ କାର୍ଯ୍ୟ ଆରମ୍ଭ କରିଛି । ଉପଭୋକ୍ତାଙ୍କ ଘରେ ସ୍ମାର୍ଟ ମିଟର ସ୍ଥାପନ ସହିତ ଏହି ପ୍ରକଳ୍ପରେ ଏକ ପାୱାର ନେଟୱର୍କ ପାଇଁ ଭିତ୍ତିଭୂମି ସ୍ଥାପନ ଏବଂ ପାଞ୍ଚବର୍ଷ ପର୍ଯ୍ୟନ୍ତ ତାହାର ପରିଚାଳନା ଓ ରକ୍ଷଣାବେକ୍ଷଣ (ଓ ଆଣ୍ଡ ଏମ୍) ମଧ୍ୟ ଅନ୍ତର୍ଭୁକ୍ତ । ସରକାରୀ ଓ ଘରୋଇ କ୍ଷେତ୍ରର ସମ୍ମିଳିତ ସାମର୍ଥ୍ୟକୁ ସାକାର ରୂପ ଦେବାନେଇ କମ୍ପାନୀର ସାମର୍ଥ୍ୟ ସମ୍ପର୍କରେ ପ୍ରକାଶକରି ଇଣ୍ଡିଆ ପାୱାରର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ରାଘବ ରାଜ କନୋରିଆ କହିଛନ୍ତି, "ଇଣ୍ଡିଆ ପାୱାରରେ ଆମେ ଦୁଇଟି କ୍ଷେତ୍ରର ସର୍ବୋତ୍ତମକୁ ସମ୍ମିଶ୍ରଣ କରିବାରେ ସମର୍ଥ ହୋଇଛୁ । ଉପଭୋକ୍ତା ସନ୍ତୁଷ୍ଟିକୁ ଆଗେଇନେବାରେ ଘରୋଇ କ୍ଷେତ୍ରର ଉଲ୍ଲେଖନୀୟ ସାମର୍ଥ୍ୟ ହେଉ କିମ୍ବା କର୍ମଚାରୀ କଲ୍ୟାଣ ନିମନ୍ତେ ସରକାରୀ କାର୍ଯ୍ୟ ସଂସ୍କୃତି- ଇଣ୍ଡିଆ ପାୱାର ସବୁ କ୍ଷେତ୍ରରେ ସଫଳ ହୋଇଛି । ଆମେ ଡିପିଏସ୍‌ସିର ସମସ୍ତ କର୍ମଚାରୀଙ୍କୁ ବଜାୟ ରଖିଛୁ, ସେମାନଙ୍କୁ ପୁନଃ ତାଲିମ ପ୍ରଦାନ ସହିତ ସଶକ୍ତ କରିଛୁ, ଆଡଭାନ୍‌ସଡ ମିଟରିଂ ଇନଫ୍ରାଷ୍ଟ୍ରକଚର (ଏଏମ୍‌ଆଇ), ଏସ୍‌ସିଏଡିଏ ଏବଂ ଇଠକ୍ଷପ୍ସ;ରନେଟ ଅଫ୍ ଥିଙ୍ଗ୍‌ସ (ଆଇଓଟି) ଭଳି ଆଧୁନିକ ପ୍ରଯୁକ୍ତିକୌଶଳରେ ପୁଞ୍ଜିନିବେଶ କରିବା ସହିତ ଆମର ସମସ୍ତ ଅଂଶୀଦାରଙ୍କ ପାଇଁ ଏକ ଲାଭଜନକ ପରିବେଶ ସୃଷ୍ଟି କରିଛୁ ।" ଇଣ୍ଡିଆ ପାୱାର୍‌ର ପୂର୍ଣ୍ଣକାଳୀନ ନିର୍ଦ୍ଦେଶକ ତଥା ଶକ୍ତି ଶିଳ୍ପର ଜଣେ ପ୍ରବୀଣ ବ୍ୟକ୍ତି ଶ୍ରୀ ସୋମେଶ ଦାସଗୁପ୍ତା କହିଛନ୍ତି, "ଡିପିଏସ୍‌ସି ଏହାର ଲାଇସେନ୍ସ ଅଧୀନ ଅଞ୍ଚଳରେ ଥିବା ଗୁରୁତ୍ୱପୂର୍ଣ୍ଣ ଖଣି କ୍ଷେତ୍ରଗୁଡିକୁ ଏକାଗ୍ରତା, ଉତ୍ସର୍ଗୀକୃତ ଭାବ ଏବଂ ଶୃଙ୍ଖଳିତ ଭାବେ ଶକ୍ତି ଯୋଗାଇ ଦେଉଛି । ଅଧିଗ୍ରହଣ ପରବର୍ତ୍ତୀ ସମୟରେ ଇଣ୍ଡିଆ ପାୱାର ସୁଲଭତା ସହିତ ମାନକୁ ସଂଯୁକ୍ତ କରିଛି ଏବଂ ଉପଭୋକ୍ତାଙ୍କ ପାଇଁ ସେମାନଙ୍କ ଅର୍ଥର ଉପଯୁକ୍ତ ମୂଲ୍ୟ ପ୍ରଦାନ ସ୍ଥିତିରେ ପୁନଃ ଉନ୍ନତି ଆଣିଛି । ସରକାରୀ କ୍ଷେତ୍ର ସେବା ଯୋଗାଣରେ ଘରୋଇ କ୍ଷେତ୍ରର ଅଭିଜ୍ଞତାକୁ ସମ୍ମିଶ୍ରିତ କରିବାରେ କମ୍ପାନୀ ଏକ ମାନଦଣ୍ଡ ସ୍ଥାପନ କରିଛି ଏବଂ ସମଗ୍ର ଭାରତରେ ରାଜ୍ୟ ସରକାରମାନଙ୍କ ଦ୍ୱାରା ଏକ ପସନ୍ଦଯୋଗ୍ୟ ସହଭାଗି ଭାବରେ ବିବେଚିତ ହେଉଛି ।

## ହାଇୱା ଧକ୍କାରେ ସ୍କୁଟି ଆରୋହୀ ମହିଳା ମୃତ

ଧର୍ମଶାଳା, (ପି.ଏନ): ହାଇୱା ଧକ୍କାରେ ସ୍କୁଟି ଆରୋହୀ ମହିଳାଙ୍କ ମୃତ୍ୟୁ ଘଟିଛି । ଆଜି ଦିନ ପ୍ରାୟ ୧୧ଟା ସମୟରେ ଏହି ଦୁର୍ଘଟଣା ଘଟିଯାଇଛି ଯାଜପୁର ଜିଲ୍ଲା ବିଞ୍ଝାରପୁର ଥାନା ଅନ୍ତର୍ଗତ ମଇଁଦା ପେଟ୍ରୋଲ ପମ୍ପ ନିକଟରେ । ମୃତ ମହିଳା ହେଲେ ଚନ୍ଦ୍ରମୁଁ ପଂଚାୟତ ବାଣପୁର ଗ୍ରାମର ସ୍ୱର୍ଣ୍ଣଲତା ରାଉତ ।ସ୍ୱର୍ଣ୍ଣଲତା ତାଙ୍କ ବୋହୁ ସହ ସ୍କୁଟିରେ ଆସୁଥିବା ସମୟରେ ପଛପଟୁ ହାଇୱା ଧକ୍କା ଦେଇଥିଲା । ଫଳରେ ଘଟଣାସ୍ଥଳରେ ଶାଶୁ ସ୍ୱର୍ଣ୍ଣଲତାଙ୍କ ମୃତ୍ୟୁ ହୋଇଥିବା ବେଳେ ବୋହୁ ମୃତ୍ୟୁ ମୁଖରୁ ଅଳ୍ପକେ ବର୍ତି ଯାଇଥିଲେ । ଘଟଣା ପରେ ସ୍ଥାନୀୟ ଅଂଚଳରେ ଉତେଜନା ପରିସ୍ଥିତି ସୃଷ୍ଟି ହେବା ସହ ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବି କରାଯାଇଛି ।




# ସଂଗଠକ ଓ ଦରଦୀ ନେତା ମୋହନବାବୁଙ୍କ ସ୍ମରଣେ...





ପୂର୍ବତନ ସାଂସଦ, ସଂଗଠକ, ପରୋପକାରୀ ଓ ଦରଦୀ ନେତା ମୋହନବାବୁ ଆଉ ନାହାନ୍ତି। ଏହାକୁ ଶୁଣିଲେ ବିଶ୍ୱାସ ବି ହେଉନାହିଁ। ଜନ୍ମରୁ ଅଭାବକୁ ଦେଖିଥିଲେ। ପ୍ରଥମରୁ ସଂଗ୍ରାମକୁ ଆପଣେଇଥିଲେ। ଛାତ୍ର ଜୀବନରୁ ଲଢ଼େଇର ମଙ୍ଗ ଧରିଥିଲେ। ସକାରାତ୍ମକ ଚିନ୍ତନର ମଣିଷ ସାଜି ଯୁବଗୋଷ୍ଠୀକୁ ଦିଗଦର୍ଶନ ଦେଉଥିଲେ। ପଛୁଆ ଶ୍ରେଣୀକୁ ଆଗକୁ ବଢ଼ିବାର ପ୍ରେରଣା ଯୋଗାଉଥିଲେ। ଜଣେ ସୁବକ୍ତା ଭାବେ ସମାଜରେ ପରିଚିତ ଥିଲେ। ଦଳିତ, ନିଷ୍ପେସିତ, ଅବହେଳିତ ମଣିଷର ସ୍ୱର ସାଜିଥିଲେ। ଦୃଢ଼ମନା ମୋହନ କିନ୍ତୁ ଜୀବନ ଯୁଦ୍ଧରେ ହାରିଗଲେ। ସଂଗ୍ରାମୀର ସଂଗ୍ରାମରେ ପୂର୍ଣ୍ଣଚ୍ଛେଦ ପଡ଼ିଗଲା। ଲଢ଼େଇର ମଙ୍ଗୁଆଳ ନିରବିଗଲେ। ଅଧିକାରର ସ୍ୱର ସାଜିଥିବା ପୂର୍ବତନ ସାଂସଦ ମୋହନ ଜେନାଙ୍କୁ ହରାଇ ସ୍ତବ୍ଧ ପାଲଟି ଯାଇଛି ଯାଜପୁର ଜିଲ୍ଲା। ଶୋକରେ ଭାଙ୍ଗି ପଡ଼ିଛି ବଡ଼ଚଣା ମାଟି। ଯାଜପୁର ଜିଲ୍ଲା ଧାନମଣ୍ଡଳ ପଞ୍ଚାୟତ ଶାସନସୀମା ଗ୍ରାମରେ ୧୯୫୯ ନଭେମ୍ବର ୫ରେ ଜନ୍ମ ନେଇଥିଲେ ମୋହନ ଜେନା। ଧାନମଣ୍ଡଳ ବିଦ୍ୟାଳୟରେ ପ୍ରାଥମିକ ଶିକ୍ଷା ପରେ କେନ୍ଦ୍ରାପଡ଼ାରୁ ଉଚ୍ଚଶିକ୍ଷା ଶେଷ କରିଥିଲେ। ପରେ ଉଚ୍ଚତର ଶିକ୍ଷା ପାଇଁ ଭୁବନେଶ୍ୱରରେ ପାଦ ଥାପିଥିଲେ ମୋହନ। ଶିକ୍ଷା ସହ ସଂସ୍କାରକୁ ଆଦରିଥିବା ମୋହନ ଛାତ୍ରଜୀବନରୁ ମାଟି ପାଇଁ ପାଟି ଖୋଲିଥିଲେ। ବଡ଼ଚଣାରେ ଜନ୍ମିତ ଦଳିତ ପରିବାରର ଏହି ଶିଶୁ ସମଗ୍ର ଅଞ୍ଚଳକୁ ବିକଶିତ କଲେ। ଉତ୍କଳ ବିଶ୍ୱବିଦ୍ୟାଳୟରେ ପିଜି କରିବା ବେଳେ ଛାତ୍ର ରାଜନୀତିକୁ ଓହ୍ଲାଇଥିଲେ। ଏସୟୁସିଆଇର ଛାତ୍ର ସଂଗଠନ ଡିଏସଓ ସହିତ ଜଡ଼ିତ ହୋଇଥିଲେ। ୧୯୮୩ରେ ବିଶ୍ୱବିଦ୍ୟାଳୟ ଛାତ୍ର ସଂଗଠନର ସଭାପତି ଆସନ ଅଳଙ୍କୃତ କରିଥିବା ମୋହନ ଯାଜପୁର ପାଇଁ ଗୌରବ ଆଣି ଦେଇଥିଲେ। ଜ୍ଞାନର ଭଣ୍ଡାର ମୋହନ ତୀକ୍ଷ୍ଣ ଭାଷଣରେ ସମସ୍ତଙ୍କୁ ଚକିତ କରି ଦେଉଥିଲେ। ମୋହନଙ୍କ ଏହି କୃତିତ୍ୱ ରାଜ୍ୟ ରାଜନୀତିରେ ପରିଚୟ ସୃଷ୍ଟି କଲା।

ଜନତାଦଳ ସହ ସମ୍ପର୍କରେ ରହିଥିବା ମୋହନ ଦଳର ବିଭାଜନ ବେଳେ ଯାଜପୁର ଲୋକସଭା ଆସନ ପାଇଁ ଲଢ଼େଇ କରିଥିଲେ। ଜନତାଦଳର ତତ୍କାଳୀନ ସଭାପତି ସ୍ୱର୍ଗତଃ ଅଶୋକ ଦାସଙ୍କ ନିର୍ଦ୍ଦେଶରେ ପ୍ରତ୍ୟକ୍ଷ ରାଜନୀତିକୁ ଓହ୍ଲାଇଥିବା ମୋହନ ୨୦୦୪ରୁ ୨୦୧୪ ପର୍ଯ୍ୟନ୍ତ ଯାଜପୁର ସାଂସଦ ଭାବେ ଦାୟିତ୍ୱ ତୁଲାଇଥିଲେ। ଜନତା ଦଳ ଛାଡ଼ି ବିଜୁ ଜନତା ଦଳକୁ ଆଦରିଥିବା ମୋହନଙ୍କୁ ବିଜେଡ଼ି ସଭାପତି ନବୀନ ପଟ୍ଟନାୟକ ସାଂସଦ ଭାବେ ଲୋକସଭା ନିର୍ବାଚନ ଲଢ଼ିବାକୁ ଯାଜପୁର ପଠାଇଥିଲେ। ଲଗାତାର ଦୁଇଥର ବିଜେଡ଼ିରୁ ସାଂସଦ ମୋହନ ଯାଜପୁର ଜିଲ୍ଲାର ରେଳ ବିକାଶ, ପର୍ଯ୍ୟଟନ ବିକାଶ ଏବଂ ସାମଗ୍ରୀକ ବିକାଶ ଉପରେ ସଂସଦରେ ତୁମ୍ବିତୋଫାନ କରିଥିବା ସମସ୍ତେ ଜାଣନ୍ତି। ତାଙ୍କର ଏହି ଦଶବର୍ଷର ସଂସଦୀୟ ଜୀବନ ଯାଜପୁରର ଅନେକ ପ୍ରକଳ୍ପରେ ଝଲସୁଛି। ଯୁଗାବତାର ପୂଜ୍ୟଶ୍ରୀ କୁମାର ଭାଇଙ୍କ ହାତଗଢ଼ା ଅନୁଷ୍ଠାନ ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନର ସେ ଜଣେ ଅନ୍ୟତମ ବଡ଼ ଶୁଭେଚ୍ଛୁ ଓ ପରିବାରର ସଦସ୍ୟ କହିଲେ ଅତ୍ୟୁକ୍ତି ହେବନାହିଁ। ଅନୁଷ୍ଠାନର ଅନେକ କାର୍ଯ୍ୟକ୍ରମରେ ସେ ଯୋଗଦେଇଛନ୍ତି। ତାଙ୍କ ସହଯୋଗ ଓ ପ୍ରେରଣା ଆମ ଅନୁଷ୍ଠାନ ପାଇଁ ଚିର ଅଭୁଲା ହୋଇ ରହିବ। ଏହି ଲେଖିକା ତାଙ୍କ ସହ ଅନେକ ମୂଲ୍ୟବାନ ପରାମର୍ଶ ଓ ସହଯୋଗ ପାଇଛି। ଜନପ୍ରତିନିଧି ଭାବେ ଲୋକଙ୍କ କଲ୍ୟାଣ ପାଇଁ ସେ କରିଯାଇଥିବା କାର୍ଯ୍ୟ ସର୍ବଦା ସ୍ମରଣୀୟ ହୋଇ ରହିବ। ଓଡ଼ିଶା ରାଜନୀତି କ୍ଷେତ୍ରରେ ତାଙ୍କ ବିକାଶମୂଳକ ଓ ଜନସେବା କାର୍ଯ୍ୟ ସବୁଦିନ ପାଇଁ ସ୍ମରଣ ରହିବା ସହ ରାଜ୍ୟ ରାଜନୀତିରେ ପ୍ରଭାବ ବିସ୍ତାର କରିଥିବା ସ୍ୱର୍ଗତଃ ମୋହନବାବୁଙ୍କ ପରଲୋକ ରାଜ୍ୟ ରାଜନୀତିରେ ଗୋଟିଏ ବିରାଟ ଶୂନ୍ୟସ୍ଥାନ ସୃଷ୍ଟି କରିଛି। ଦିବଂଗତ ଆତ୍ମାର ସଦ୍‌ଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଉଛି।

**-ଡଃ. ଅରୁନ୍ଧତୀ ଦେବୀ,** ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ, ଦୂରଭାଷ: ୯୯୩୭୧୭୨୮୧୦

## ପୂର୍ବତନ ସାଂସଦ ମୋହନ ଯେନାଙ୍କ ବିୟୋଗରେ ଶୋକ

ଯାଜପୁର (ନି.ପ୍ର): ଅନନ୍ୟା ସାହିତ୍ୟ ସଂସଦ ପକ୍ଷରୁ ଯାଜପୁର ଲୋକସଭାର ପୂର୍ବତନ ସାଂସଦ ମୋହନ ଯେନାଙ୍କ ବିୟୋଗରେ ଗଭୀର ଶୋକ ପ୍ରକାଶ କରାଯାଇଛି। ସ୍ୱର୍ଗତଃ ଯେନା ଯାଜପୁର ସଂରକ୍ଷିତ ଲୋକସଭା ଆସନରୁ ପ୍ରତିନିଧିତ୍ୱ କରିବା ସମୟରେ ଜିଲ୍ଲାର ବହୁ ଉନ୍ନୟନମୂଳକ କାର୍ଯ୍ୟ କରିଥିଲେ। ସେ ଦଳିତ ଓ ନିଷ୍ପେସିତମାନଙ୍କର ସମସ୍ୟାକୁ ଉତ୍‌ଥାନ କରିବା ପାଇଁ ଅଧିକାର ନାମକ ପତ୍ରିକା ମାଧ୍ୟମରେ ସ୍ୱର ଉତ୍ତୋଳନ କରୁଥିଲେ। ସେ ଯାଜପୁର ରାଜ୍ୟସ୍ତରୀୟ ପୁସ୍ତକମେଳାରେ ଅତିଥିଭାବେ ଆସି ପ୍ରେରଣା ଦେଉଥିଲେ। ସେ ଶେଷଜୀବନ ପର୍ଯ୍ୟନ୍ତ ଜନତାଙ୍କର ସେବାରେ ନିୟୋଜିତ ରହିଥିଲେ। ଗରିବ ଓ ଦୁଃସ୍ଥ ଲୋକମାନଙ୍କର ସେବା ସାହା ଭରସା ଥିଲେ। ତାଙ୍କର ଅକାଳ ବିୟୋଗରେ ପ୍ରତ୍ୟକ୍ଷ ଜନସେବା କ୍ଷେତ୍ରରେ ଏକ ଅପୂରଣୀୟ ଶୂନ୍ୟସ୍ଥାନ ସୃଷ୍ଟି ହେଲା। ଅନନ୍ୟାର ସାଭପତି ସନ୍ତୋଷ କୁମାର ନନ୍ଦ, ଉପସଭାପତି ବିଭୂତି ମହାପାତ୍ର, ସଂପାଦକ ଡଃ କାହ୍ନୁ ଚରଣ ମିଶ୍ର, ସଂଗଠନ ସମ୍ପାଦକ ହୃଷୀକେଶ ପତି, ସାଂସ୍କୃତିକ ସମ୍ପାଦକ ପାଣ୍ଡବ ଚରଣ ସାହୁ, ଶିକ୍ଷାବିତ ଦଶରଥ ସାମଲ, ଆଡ୍‌ଭୋକେଟ୍ ମନୋଜ କୁମାର ନାଥ, ଅଖିଳ ମୋହନ ଦାଶ, ଦିନଚର୍ଯ୍ୟା ସଂପାଦକ ତପନ କୁମାର ମହାରଣ୍ୟ, ବିଶ୍ୱଜିତ୍ ସାହୁ, ବୃନ୍ଦାବନ ମିଶ୍ର, ଅଭିମନ୍ୟୁ ମିଶ୍ର, ଅକ୍ଷୟ କୁମାର ପୃଷ୍ଟି ଅଧକ୍ଷ ଅନୀଲ ମହାନ୍ତି, ପ୍ରଫେସର ଉଦୟନାଥ ପରିଡ଼ା, ଅଧ୍ୟାପକ ପୂର୍ଣ୍ଣଚନ୍ଦ୍ର ସାମଲ, ଜିତେନ୍ଦ୍ର ବେହେରା, ପ୍ରଦୀପ୍ତ ଦାସ, କୈଳାସ ସ୍ୱାଇଁ, ଗୋବିନ୍ଦ ଚନ୍ଦ୍ର ସ୍ୱାଇଁ, ଅଧାପକ ବଳରାମ ମହାନ୍ତି, କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ, ଅଧକ୍ଷ ଅଶୋକ ଦାଶ, ପ୍ରାକ୍ତନ ଅଧକ୍ଷ ବିନୋଦ ଚନ୍ଦ୍ର ନାୟକ, ସାମ୍ବାଦିକ ଆଦିତ୍ୟ ମହାନ୍ତି, ବିଜୟ ମହାପାତ୍ର, ପ୍ରମୁଖ ଗଭୀର ଶୋକ ପ୍ରକାଶ କରିବା ସହ ପରିବାର ବର୍ଗଙ୍କ ପ୍ରତି ସମବେଦନା ଜଣାଇଛନ୍ତି।

## କେଡିଏମ କ୍ରିକେଟ୍ ଟୁର୍ଣ୍ଣାମେଂଟ ଉଦ୍‌ଘାଟିତ, ସାହାଣୀଡ଼ିହ ବିଜୟୀ

ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ଗଡମଧୁପୁର ଖେଳପଡିଆରେ କଳ୍ପତରୁ ଦାସ କ୍ରିକେଟ ଟୁର୍ଣ୍ଣାମେଂଟ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ମ୍ୟାଚରେ ସାହାଣୀଡିହ ପଂଚାୟତ ଟିମ ୩୧ ରନରେ ପୁରୁଣା ବଉଳମାଳକୁ ହରାଇ ଦ୍ୱିତୀୟ ରାଉଣ୍ଡକୁ ଉନ୍ନିତ ହୋଇଛି। ପୁରୁଣା ବଉଳମାଳ ଟିମ ଟସ ଜିତି ବୋଲିଂ କରିବାକୁ ନିଷ୍ପତି ନେଇଥିଲା। ସାହାଣୀଡିହ ଟିମ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୯ଉଇକେଟ ହରାଇ ୧୮୧ରନ କରିଥିଲା। ଦଳପକ୍ଷରୁ ଆକାଶ ମାହାନ୍ତି ୪୯ ଓ ଶୌରଭ ଭୁୟାଁ ୨୭ ରନ କରିଥିଲେ। ବଉଳମାଳ ଟିମର ସନ୍ତୋଷ ପ୍ରଧାନ ୩ଟି ଓ ବାବୁଲି ପରିଡା ୨ଟି ଉଇକେଟ ନେଇଥିଲେ। ଜବାବରେ ପୁରୁଣା ବଉଳମାଳ ନିର୍ଦ୍ଧାରିତ ଓଭରରେ ସମସ୍ତ ଉଇକେଟ ହରାଇ ୧୫୦ ରନ କରି ପରାଜିତ ହୋଇଥିଲା। ଦଳ ପକ୍ଷରୁ ଦଶରଥ ସାମଲ ୩୯ ଓ ବସନ୍ତ ପ୍ରଧାନ ୩୦ ରନ ସଂଗ୍ରହ କରିଥିଲେ। ବିପକ୍ଷ ଟିମର ପ୍ରଶାନ୍ତ ବଳ ୪ଟି ଓ ଜିତେନ୍ଦ୍ର ଓଝା ୨ଟି ଉଇକେଟ ନେଇଥିଲେ। ଏହି ମ୍ୟାଚକୁ ଇନ୍ତେଖାବ ଆଲମ ଓ ସୁଭ୍ରଜିତ ଦାସ ପରିଚାଳନା କରିଥିଲେ। ଉଦ୍‌ଘାଟନୀ ମ୍ୟାଚରେ ବ୍ଲକ ଅଧ୍ୟକ୍ଷ ତଥା କେଡିଏମ ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ ଅତିଥି ଭାବେ ଯୋଗଦେଇ ମ୍ୟାଚକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଉପାଧ୍ୟକ୍ଷା ବିଶ୍ୱ ବିଜୟିନୀ ମିଶ୍ର, ଜିଲ୍ଲା ବିଜେଡି ସାଧାରଣ ସମ୍ପାଦକ ଡ. ପ୍ରିୟନାଥ ମହାପାତ୍ର, ମମତା ଦଣ୍ଡପାଟ, ବ୍ଲକ ବିଜେଡି ସଭାପତି ଜଳଧର ମହାନ୍ତି, ଉତ୍କଳମଣି ଦାସ, ଜଳଧର ସାହୁ, ଜିଲ୍ଲପରିଷଦ ସଭ୍ୟା ପ୍ରଣତି ଲେଙ୍କା, ସ୍ମୃତିରେଖା ବେହେରା, ନିରଂଜନ ରାଉତ, କ୍ଷୀତିଶ ନାୟକ,ଜଗଦାନନ୍ଦ ରାଉତ, ନିର୍ମଳ ପ୍ରଧାନ ପ୍ରମୁଖ ଉପସ୍ଥିତ ରହିଥିଲେ। ଏହି ଖେଳପଡିଆରେ ୨ ଗୋଟି ମ୍ୟାଚ ଅନୁଷ୍ଠିତ ହେବାକୁ ଥିବାବେଳେ ପ୍ରଥମ ମ୍ୟାଚ ଥାନୁଆଳ ଓ ବୃନ୍ଦାଦେଇପୁର ଓ ଦ୍ୱିତୀୟ ମ୍ୟାଚ ସମ୍ପାରୁ ଓ ଅଂଟିଆ ମଧ୍ୟରେ ଅନୁଷ୍ଠିତ ହେବ ବୋଲି କେଡିଏମ ଉପାଧ୍ୟକ୍ଷ ରଶ୍ମୀରଂଜନ ରାୟ ସୂଚନା ଦେଇଛନ୍ତି।

# ମାତୃମୃତ୍ୟୁ ରୋକିବାରେ ଓଡ଼ିଶା ଦ୍ୱିତୀୟ



ସର୍ବୋତ୍ତମ ସ୍ୱାସ୍ଥ୍ୟ ସେବା ପ୍ରଦାନ କରିବାରେ ଓଡ଼ିଶା ଉଲ୍ଲେଖନୀୟ ସଫଳତା ପାଇଥିବାବେଳେ ଏଥିରେ ଆଉ ଏକ ଅଧ୍ୟାୟ ଯୋଡ଼ି ହୋଇଛି। ମାତୃ ମୃତ୍ୟୁହାର ରୋକିବାରେ ଓଡ଼ିଶାକୁ ମିଳିଛି ଅଭୁତପୂର୍ବ ସଫଳତା। ଏହି କ୍ଷେତ୍ରରେ ଓଡ଼ିଶା ଦେଶର ବଡ଼ ରାଜ୍ୟ ମାନଙ୍କୁ ପଛରେ ପକାଇ ଜାତୀୟ ସ୍ତରରେ ଦ୍ୱିତୀୟ ସ୍ଥାନ ହାସଲ କରିଛି। ରାଜ୍ୟ ସରକାରଙ୍କର ନିରନ୍ତର ଉଦ୍ୟମ ଫଳରେ ଉଭୟ ଶିଶୁ ଓ ମାତୃ ମୃତ୍ୟୁ ହାର ତଳକୁ ଖସି ଚାଲିଥିବା ବେଳେ ସ୍ୱତନ୍ତ୍ର ପଦକ୍ଷେପ ହେତୁ ଏଥିରେ ନୂଆ କୀର୍ତ୍ତିମାନ ଯୋଡ଼ିବାରେ ରାଜ୍ୟ ସଫଳ ହୋଇଛି।

ଭାରତ ସରକାରଙ୍କ ପକ୍ଷରୁ ଜାରି ସାମ୍ପଲ ରେଜିଷ୍ଟ୍ରେସନ ସିଷ୍ଟମ ୨୦୧୮-୨୦ର ରିପୋର୍ଟ ଉପଲବ୍ଧ ତଥ୍ୟ ଅନୁସାରେ ରାଜସ୍ଥାନରେ ୭୩ ମାତୃ ମୃତ୍ୟୁ ହାର ସବୁଠାରୁ କମ ରହିଥିବାବେଳେ ଏହା ପଛକୁ ଓଡ଼ିଶା ଏବଂ ଉତ୍ତର ପ୍ରଦେଶ ୪୯ ରହିଛନ୍ତି। ବିହାର ୪୭ ତୃତୀୟ ସ୍ଥାନ ଅଧିକାର କରିଛି। ରିପୋର୍ଟ ଅନୁସାରେ ୨୦୧୫-୧୭ରେ ଓଡ଼ିଶାରେ ପ୍ରତି ହଜାରେ ପ୍ରସବରେ ୧୬୮ ରହିଥିଲା। ତେବେ ୨୦୧୮-୨୦ ବେଳକୁ ଏହା ୪୯ ପଏଣ୍ଟ ହ୍ରାସ ପାଇ ୧୧୯ରେ ପହଞ୍ଚିଛି। ଜାତୀୟ ହାର ଠାରୁ ଏହା ସାମାନ୍ୟ ଅଧିକ ରହିଛି। ୨୦୦୧-୦୩ରେ ଓଡ଼ିଶାରେ ପ୍ରତି ଏକ ହଜାର ପ୍ରସବରେ ୩୫୮ ମହିଳା ପ୍ରାଣ ହରାଉଥିବା ବେଳେ ୨୦୦୪-୦୬ରେ ୩୦୩, ୨୦୦୭-୦୯ରେ ୨୫୮, ୨୦୧୦-୧୨ରେ ୨୩୫, ୨୦୧୧-୧୩ରେ ୨୨୨, ୨୦୧୪-୧୬ରେ ୧୮୦, ୨୦୧୫-୧୬ରେ ୧୬୮, ୨୦୧୬-୧୮ରେ ୧୫୦, ୨୦୧୭-୧୯ରେ ଏହା ୧୩୬ ରହିଥିଲା। ଚଳିତ ବର୍ଷ ମେ ମାସରେ ଏସଆରଏସ ୨୦୧୭-୧୯ ରିପୋର୍ଟରେ କୁହାଯାଇ ଥିଲା ଯେ ଓଡ଼ିଶାରେ ମାତୃ ମୃତ୍ୟୁହାର ୧୪ ପଏଣ୍ଟ ହ୍ରାସ ପାଇଛି। ଏହି ସମୟରେ ଓଡ଼ିଶା ସମଗ୍ର ଦେଶରେ ୫ମ ସ୍ଥାନରେ ରହିଥିଲା। ସମ୍ପୂର୍ଣ୍ଣା କାର୍ଯ୍ୟକ୍ରମ ଅଧୀନରେ ମାତୃ ମୃତ୍ୟୁ ହାର ରୋକିବା ଲକ୍ଷ୍ୟରେ ଅନେକ ପଦକ୍ଷେପ ଗ୍ରହଣ କରାଯାଇଛି। ଇଣ୍ଟିଗ୍ରେଡ଼ ଭିଲେଜ ହେଲଥ ସାନିଟେସନ ଏବଂ ପୋଷଣ ଦିବସ କାର୍ଯ୍ୟକ୍ରମ ଅଧୀନରେ ପ୍ରତି ଗର୍ଭବତୀଙ୍କର ଅନ୍ୟୁନ ଚାରି ଥର ସ୍ୱାସ୍ଥ୍ୟ ପରୀକ୍ଷା ସୁନିଶ୍ଚିତ କରାଯାଉଛି। ଡାକ୍ତରଖାନାରେ ପ୍ରସବ ସୁନିଶ୍ଚିତ କରିବା ପାଇଁ ଜନନୀ ଏକ୍ସପ୍ରେସ ପ୍ରଚଳନ କରାଯାଇଥିବାବେଳେ ହାଇ ଡିପେଣ୍ଡେନ୍ସି ୟୁନିଟ ଅତିରିକ୍ତ ମାତୃତ୍ୱ ପ୍ରତିକ୍ଷାଳୟ ଆଦି ପ୍ରତିଷ୍ଠା ସହିତ ପ୍ରସବ ଗୃହର ଗୁଣବତ୍ତା ସୁନିଶ୍ଚିତ କରିବା, ମା ଓ ଶିଶୁ କିଟ ପ୍ରଦାନ ଭଳି ପଦକ୍ଷେପ ନିଆଯାଉଛି। ସେହିପରି ଜାତୀୟ ସ୍ୱାସ୍ଥ୍ୟ ମିଶନ ଜରିଆରେ ଜନନୀ ସୁରକ୍ଷା ଯୋଜନା, ଜନନୀ ଶିଶୁ ସୁରକ୍ଷା କାର୍ଯ୍ୟକ୍ରମ, ଲକ୍ଷ୍ୟ, ପ୍ରଥମ ରେଫରାଲ ୟୁନିଟ କାର୍ଯ୍ୟକ୍ରମ ଭଳି ଅନେକ ବ୍ୟବସ୍ଥା କରାଯାଇଛି। ସେହିପରି ଗ୍ରାମାଞ୍ଚଳ ସ୍ତରରେ ଗର୍ଭବତୀ ଓ ଶିଶୁଙ୍କ ପାଇଁ ଏକାଧିକ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ପ୍ରଚଳନ କରାଯାଇଛି। ସର୍ବଭାରତୀୟ ସ୍ତରରେ ମାତୃ ମୃତ୍ୟୁହାର ରୋକିବା କ୍ଷେତ୍ରରେ ଓଡ଼ିଶା ଯେଉଁ ସଫଳତା ପାଇଛି ତାହା ଭାରତର ଅନ୍ୟ ରାଜ୍ୟ ପାଇଁ ଆଦର୍ଶ ଓ ଉଦାହରଣ ସୃଷ୍ଟି କରିଛି। ତେବେ ଏ କ୍ଷେତ୍ରରେ କେବଳ ସରକାର ବା ପ୍ରଶାସନର ଦାୟିତ୍ୱବୋଧତା ଠାରୁ ଗୁରୁତ୍ୱପୂର୍ଣ୍ଣ ସହଯୋଗୀତା ସମସ୍ତଙ୍କର ରହିଛି। ପ୍ରାୟତଃ ଦେଖାଯାଏ ମା' ମାନଙ୍କ ଚିକିତ୍ସା କ୍ଷେତ୍ରରେ ଅନେକ ସ୍ଥାନରେ ଲୋକମାନେ ଘରୋଇ ବା ତୁଟୁକା ତୁଟୁକି ଚିକିତ୍ସାର ସହଯୋଗ ନେଇଥାନ୍ତି କିନ୍ତୁ ଏହା ଆଦୌ ଠିକ ନୁହେଁ। ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ସମସ୍ତ ଚିକିତ୍ସାର ମାଗଣା ପରୀକ୍ଷା, ପରାମର୍ଶ ଓ ଔଷଧ ବଣ୍ଟନର ବ୍ୟବସ୍ଥା ରଖିଛନ୍ତି ଏହାର ସୁଯୋଗ ନେବା ଜରୁରୀ।

**ଡାକ୍ତର କାନ୍ତୀ ନାୟକ,** ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞ ତଥା ଅଧୀକ୍ଷକ, ଅର୍ବାନ ସିଏଚ୍‌ସି, ସିଡ଼ିଏ, କଟକ, E-mail : drkanti111nayak@gmail.com

## ଜାଗୃତି ଫାଉଣ୍ଡେସନ ଇଣ୍ଡିଆର ସ୍ୱେଚ୍ଛାକୃତ ରକ୍ତଦାନ ଶିବିର



ଯାଜପୁର (ପିଏନ୍): ଓଡ଼ିଶାର ଅଗ୍ରଣୀ ସ୍ୱେଚ୍ଛାସେବକ ଅନୁଷ୍ଠାନ ଜାଗୃତି ଫାଉଣ୍ଡେସନ ଇଣ୍ଡିଆ ଯାଜପୁର ଜିଲ୍ଲା ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ବିରଜା ମହିଳା ମହାବିଦ୍ୟାଳୟଠାରେ ରାଜ୍ୟ ଅଧକ୍ଷା ଡାକ୍ତର ଶୁଭ୍ରା ରାଉତରାୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ଯାଜପୁର ପୌରପାଳିକାର ଅଧକ୍ଷା ରଂଜିତା ହୋତା ଶିବିରକୁ ଉଦ୍‌ଘାଟନ କରିବା ସହ ଉପାଧକ୍ଷ ସନ୍ତୋଷ କୁମାର ମଲ୍ଲିକ ମୁଖ୍ୟ ଅତିଥି, ଯାଜପୁର ପୌରପାଳିକାର କାଉନ୍‌ସିଲର ସୁବାଶିଷ ରାଉତ, ବିରଜା ମହିଳା ମହାବିଦ୍ୟାଳୟର ଅଧକ୍ଷ ଡଃ ଅଖିଳମୋହନ ପାଢ଼ୀ, ଅତିରିକ୍ତ ଜିଲ୍ଲା ଚିକିତ୍ସା ଅଧିକାରୀ ଡାକ୍ତର ସୁଧାଂଶୁ ଶେଖର ବଳ, ଜାଗୃତି ଫାଉଣ୍ଡେସନ ଇଣ୍ଡିଆର ପ୍ରତିଷ୍ଠାତା ଡାକ୍ତର ରବୀନ୍ଦ୍ର କୁମାର ରାଉତରାୟ, ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଉପସଭାପତି ପାଣ୍ଡବ ଚରଣ ସାହୁ, ମାନସୀ ମିଶ୍ର, ରାଜ୍ୟ ସଂଗଠକ ପ୍ରଦୀପ କୁମାର ବେହେରା, ସ୍ୱର୍ଣ୍ଣଲତା କର, ସାଧାରଣ ସମ୍ପାଦକ ସୁବାସ ମହାପାତ୍ର, ସଂଗଠନ ସମ୍ପାଦକ ବିନୟ ମହାପାତ୍ର, ଇଚ୍ଛାମୟୀ ଧଳ, ସାଂସ୍କୃତିକ ସମ୍ପାଦକ ଧନଞ୍ଜୟ ମିଶ୍ର, ପ୍ରୋଗ୍ରାମ କୋର୍ଡ଼ିନେଟର ପ୍ରକାଶ କୁମାର ମଲ୍ଲିକ, ଅଭୟ ଜେନା, ଆଇନ ପରାମର୍ଶଦାତା ଆଡ୍‌ଭୋକେଟ୍ ମନୋଜ ନାଥ, ସଦସ୍ୟ/ ସଦସ୍ୟା ପ୍ରମୋଦ କୁମାର ବେହେରା, ସୁବ୍ରତ ନାୟକ, ଟୁଟୁ ଲେଙ୍କା, ରଜତ କୁମାର ମିଶ୍ର, ସନ୍ତୋଷ ଓଝା, ନିରୁପମା ସେଠୀ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଯୁବକମାନଙ୍କ ମଧ୍ୟରେ ରକ୍ତଦାନ ପାଇଁ ଏକ ସ୍ୱେଚ୍ଛାକୃତ ମନୋଭାବ ଏବଂ ଜାଗୃତି ଫାଉଣ୍ଡେସନ ଇଣ୍ଡିଆର ଏହି ମହତ୍ କାର୍ଯ୍ୟକ୍ରମର ପ୍ରଶଂସା କରିବା ସହ ଆଗାମୀ ଦିନରେ ସମସ୍ତ ଅନୁଷ୍ଠାନ ରକ୍ତଦାନ ମାଧ୍ୟମରେ ଗୋଟିଏ ଜୀବନ ବଞ୍ଚାଇବାକୁ ଆଗେଇ ଆସିବା ଉଚିତ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ।

## କେଡିଏମ କ୍ରିକେଟ୍ ଟୁର୍ଣ୍ଣାମେଂଟ, ବୃନ୍ଦାଦେଇପୁର ଓ ଅଂଟିଆ ବିଜୟୀ

ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ଗଡମଧୁପୁର ଖେଳପଡିଆରେ ଚାଲିଥିବା କଳ୍ପତରୁ ଦାସ କ୍ରିକେଟ ଟୁର୍ଣ୍ଣାମେଂଟର ଦ୍ୱିତୀୟ ଦିବସରେ ୨ ଗୋଟି ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ମ୍ୟାଚରେ ଥାନୁଆଳକୁ ୧ଉକେଟରେ ପରାସ୍ତ କରି ବୃନ୍ଦାଦେଇପୁର ବିଜୟୀ ହୋଇଥିବା ବେଳେ ସମ୍ପାରୁକୁ ୭ ଉଇକେଟରେ ପରାସ୍ତ କରି ଅଂଟିଆ ବିଜୟୀ ହୋଇଛି। ପ୍ରଥମ ମ୍ୟାଚରେ ଥାନୁଆଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରୁ ୧୪.୫ ଓଭରରେ ସମସ୍ତ ଉଇକେଟ ହରାଇ ୧୩୮ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଅମୀୟ ପରିଡା ୫୨ରନ ଓ ବିଶ୍ୱଜିତ ପରିଡା ୨୭ ରନ କରିଥିଲେ। ବିପକ୍ଷ ବୃନ୍ଦାଦେଇପୁରର ପ୍ରଭାତ ସ୍ୱାଇଁ ୪ଟି ଓ ଜ୍ୟୋତି ରଂଜନ ଭୁତିଆ ୨ଟି ଉଇକେଟ ନେଇଥିଲେ। ଜବାବରେ ବୃନ୍ଦାଦେଇପୁର ବ୍ୟାଟିଂ କରି ୧୪.୫ ଓଭରରେ ୯ ଉଇକେଟ ହରାଇ ୧୪୦ ରନ କରି ବିଜୟୀ ହୋଇଛି। ଦଳ ପକ୍ଷରୁ ତପନ ଦାସ ୩୫ରନ ଓ ପ୍ରଦୀପ ସ୍ୱାଇଁ ୩୧ରନ କରିଥିଲେ। ବିପକ୍ଷ ଥାନୁଆଳ ଟିମର ସୌମ୍ୟରଂଜନ ଜେନା ୪ଟି ଓ ଗଣେଶ୍ୱର ସିଂ ୨ଟି ଉଇକେଟ ନେଇଥିଲେ। ଦ୍ୱିତୀୟ ମ୍ୟାଚରେ ସମ୍ପାରୁ ପ୍ରଥମେ ବ୍ୟାଟିଂ କରି ୧୧.୧ ଓଭରରେ ସମସ୍ତ ଉଇକେଟ ହରାଇ ୧୦୪ ରନ କରିଥିଲା। ଦଳ ପକ୍ଷରୁ ସ୍ୱୟଂସିଦ୍ଧ ନାୟକ ୨୧ରନ ଓ ସିଦ୍ଧାର୍ଥ ନାୟକ ୧୪ରନ କରିଥିଲେ। ବିପକ୍ଷ ଅଂଟିଆ ଟିମର ପିଙ୍କୁ ମଲିକ ୨ଟି ଓ ରଜନୀକନ୍ତ ମଲିକ ୩ଟି ଉଇକେଟ ନେଇଥିଲେ। ଜବାବରେ ଅଂଟିଆ ଟିମ ୧୦.୩ ଓଭରରେ ୩ ଉଇକେଟ ହରାଇ ୧୦୫ ରନ କରି ବିଜୟୀ ହୋଇଥିଲେ। ଦଳ ପକ୍ଷରୁ ସଂଜୟ ସାହୁ ୫୧ରନ ଓ ସୁନିଲ ଜେନା ୩୫ ରନ କରିଥିଲେ। ବିପକ୍ଷ ଦଳର ସିଦ୍ଧାର୍ଥ ନାୟକ ୩ଟି ଉଇକେଟ ନେଇଥିଲେ। ଉଭୟ ମ୍ୟାଚକୁ ନିକୁଂଜ ବେହେରା ଓ ଗୋପୀନାଥ ବେହେରା ପରିଚାଳନା କରିଥିଲେ। ପରଦିନ ପ୍ରଥମ ମ୍ୟାଚ କମାଗଡ ସହିତ ଜେନାପୁର ଓ ଦ୍ୱିତୀୟ ମ୍ୟାଚ ମହିଶରା ସହିତ ସାହାଣୀଡିହ ମଧ୍ୟରେ ଅନୁଷ୍ଠିତ ହେବ ବୋଲି କେଡିଏମ ଉପାଧ୍ୟକ୍ଷ ରଶ୍ମୀରଂଜନ ରାୟ ସୂଚନା ଦେଇଛନ୍ତି।

## ଅରେଇକଣାରେ ସନାତନ ଧର୍ମ ମହାସଭା



ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ଅରେଇକଣା ପଂଚାୟତ କେଲୁଅ ନଦୀର ଗାଙ୍ଗୁଲ ଘାଟ ଠାରେ ସନାତନଧର୍ମ ପ୍ରଚାର ସମିତି ପକ୍ଷରୁ ସାଧୁସନ୍ଥ ଓ ମୁନିଋଷିମାନଙ୍କ ମିଳିତ ସନାତନ ଧର୍ମ ମହାସଭାର ଶୁଭାରମ୍ଭ ହୋଇଛି। ସ୍ୱାମୀ ଶ୍ରୀଶ୍ରୀ ପାତଂଜଳିଜୀ ମହାରାଜଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଧର୍ମସଭାରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ବହୁ ସାଧୁସନ୍ଥମାନେ ଯୋଗଦେଇଛନ୍ତି। ସକାଳ ୯ ଟାରେ ପ୍ରଥମେ ସନ୍ଥପୂଜନ ଓ ଗୋପୂଜନ କରାଯାଇଥିଲା। ପରେ ଦେବାଦେବୀ ମାର୍ଜନା, ନଗର ପରିକ୍ରମା କରାଯାଇଥିଲା। ଅପରାହ୍ନରେ କୃଷକ ପୂଜନ ଓ ଧର୍ମ ମହାସଭା ଅନୁଷ୍ଠିତ ହୋଇଥିଲା। ପରଦିନ ସକାଳୁ କୁମ୍ଭସ୍ନାନ କରାଯାଇ ବିଷ୍ଣୁ ସହସ୍ରନାମ ପଠନ କରାଯିବ ବୋଲି ଶ୍ରୀଶ୍ରୀ ମହାରାଜ ସୂଚନା ଦେଇଛନ୍ତି।

## ଯାଜପୁର ବରିଷ୍ଠ ନାଗରିକ ସଂଘର ମାସିକ ବୈଠକ

ଯାଜପୁର (ପିଏନ୍): ବରିଷ୍ଠ ନାଗରିକ ସଂଘ, ଯାଜପୁର କାର୍ଯ୍ୟାଳୟରେ ସଂଘର ମାସିକ ବୈଠକ ଶ୍ରୀ ନୃସିଂହ ଚରଣ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଅଛି। ଉକ୍ତ ବୈଠକର ପ୍ରାରମ୍ଭରେ ଯାଜପୁରର ବରପୁତ୍ର ତଥା ବିଶିଷ୍ଟ ଐତିହାସିକ ତଥା ସାହିତ୍ୟିକ ଓ ଶିକ୍ଷାବିତ୍ ଡଃ ଏକାଦଶୀ ପାଢ଼ୀଙ୍କର ଆତ୍ମାର ସଦ୍‌ଗତି ନିମନ୍ତେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ତତ୍‌ପରେ ବୈଠକକୁ ପରିଚାଳନା କରି ସଂଘର ସମ୍ପାଦକ ଶ୍ରୀ ପ୍ରବୋଧ କୁମାର ନାୟକ ପରିଚୟ ପତ୍ର ପ୍ରଦାନ, ବାର୍ଷିକ ସାଧାରଣ ଅଧିବେଶନ, ନୂତନ ବର୍ଷରେ ବନ୍ଧୁ ମିଳନ ସହ ସଂଘର ବିଭିନ୍ନ ସମସ୍ୟା ବିଷୟରେ ଆଲୋକପାତ କରିଥିଲେ। ବାର୍ଷିକ ସାଧାରଣ ଅଧିବେଶନ ଆସନ୍ତା ତା।୧୫.୦୧.୨୦୨୩ରିଖ ରବିବାରକୁ ଅନୁଷ୍ଠିତ କରାଯିବାକୁ ଦିନ ଧାର୍ଯ୍ୟ କରାଗଲା। ଉକ୍ତ ଦିବସ ଦ୍ୱିତୀୟାର୍ଦ୍ଧରେ ସଂଘର କର୍ମକର୍ତ୍ତା ନିର୍ବାଚନ କରାଯିବାକୁ ସ୍ଥିର କରାଗଲା। ଖବରକାଗଜ ପ୍ରକାଶନ ମାଧ୍ୟମରେ ସଭ୍ୟମାନଙ୍କ ଯୋଗଦାନକୁ ନିଶ୍ଚିତ କରାଯିବାକୁ ସିଦ୍ଧାନ୍ତ ଗ୍ରହଣ କରାଗଲା। ବୈଠକରେ ଅବସରପ୍ରାପ୍ତ ପୋଲିସ ପ୍ରଶାସକ ଗଦାଧର ରାଉତ, ଶିକ୍ଷାବିତ ଉଦୟନାରାୟଣ ପରିଡ଼ା, ଗୋପୀନାଥ ସେଠୀ, ଧନଞ୍ଜୟ ରାଉତ, ବୃନ୍ଦାବନ ମିଶ୍ର, ପ୍ରଶାନ୍ତ କୁମାର ନାୟକ, ମଧୁସୂଦନ ମହାନ୍ତି, ଅକ୍ଷୟ କୁମାର ଦାସ, ଶିଶିର କୁମାର ମହାପାତ୍ର, କୈଳାସ ଚନ୍ଦ୍ର ମଲ୍ଲିକ ଯୋଗଦେଇ ଆଲୋଚନାରେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ।

## ଜିଲ୍ଲା ସ୍ତରିୟ କ୍ରୀଡ଼ା ପ୍ରତିଯୋଗିତା ଉଦଯାପିତ

ବଲାଙ୍ଗିର, (ପି.ଏନ): ବଲାଙ୍ଗିର ସଦର ବ୍ଲକ ଅନ୍ତର୍ଗତ ବାରପୁଡୁଗିଆ ଗ୍ରାମ ସ୍ଥିତ ହାୱା ଗାର୍ଡେନ ଖେଳ ପଡିଆରେ ଜିଲ୍ଲା ସ୍ତରିୟ ଖେଳ ପ୍ରତିଯୋଗିତା ନେହେରୁ ଯୁବକେନ୍ଦ୍ର ସହାୟତାରେ ସିଦ୍ଧାଶ୍ରମ ସେବା ପ୍ରତିଷ୍ଠାନ ଆନୁକୁଲ୍ୟରେ ଉଦଯାପିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ନାଗରିକ କମିଟି ସଭାପତି ଇଂ. ବେଲାରସେନ ଭୋଇ, ସମ୍ମାନିତ ଅତିଥି ରୂପେ ଜିଲ୍ଲା କ୍ରୀଡା ଅଧିକାରୀ ପରାଶର ବାଗ ଏବଂ ପୂର୍ବତନ ବ୍ଲକ ଅଧକ୍ଷ ଘାସିରାମ ବେହେରା, ନିଳାଦ୍ରି ବିହାରୀ ମିଶ୍ର, ପ୍ରମୋଦ କର୍ମୀ, ନେହେରୁ ଯୁବକେନ୍ଦ୍ର ଯୁବ କୋଡିନେଟର ନରସିଂହା କୁମାର ପ୍ରମୁଖ ଅତିଥି ଭାବରେ ଯୋଗ ଦେଇଥିଲେ। ଆଜିର ଫୁଟବଲ ଫାଇନାଲ ଖେଳରେ ବାରପୁଡୁଗିଆକୁ ହରାଇ ସକମା ୧-୦ ଗୋଲରେ ବିଜୟୀ ହୋଇଥିଲା। ଲମ୍ବଡିଆଁରେ ଗଗନ ବିଶ୍ୱାଲ, ଉଚ୍ଚଡିଆଁରେ ମନୋଜ ନାଗ, ୧୦୦ ମି. ଦୌଡରେ ଜିତୁ ଭୋଇ, ୨୦୦ ମି. ରେ ଆଶିଷ ପଟେଲ ଦୌଡ ଖେଳ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ରେଫରି ପୁରୁଷୋତମ ବୁଡେ, ପ୍ରଦୀପ, ମଂଟୁ, ପିଙ୍କୁ ନାଗ ଖେଳ ପରିଚାଳାନା କରିଥିଲେ। ଅନୁଷ୍ଠାନର ସଭାପତି ଜୟକୃଷ୍ଣ ମିଶ୍ରଙ୍କ ତତ୍ତ୍ୱାବଧାନରେ ସମସ୍ତ ସଦସ୍ୟ ସଦାନନ୍ଦ ମହଲା, ରଂଜନ ଭୋଇ, ବିଜୟ ମହଲା, ଲବ ନାଗ, ସରୋଜ ନାଏକ, ସଂଜୟ ନାଏକ, ଦିଲିପ, ଆକାଶ, ମିଥୁନ, ରିଙ୍କୁ, ଦେବାଶିଷ, କାଲିଆ, ବିକାଶ ନାଏକ, ଅକ୍ଷୟ, ରଂଜିତ, ମଦନ ସାହୁ, ପିଂଟୁ ପ୍ରମୁଖ ସହଯୋଗ କରିଥିଲେ। ନେହେରୁ ଯୁବକେନ୍ଦ୍ରର ଲେଖପାଳ ବିପିନ ବିହାରୀ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।


# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ମହିଳାଙ୍କୁ ହତ୍ୟା ଘଟଣାରେ ପୋଲିସର ଉଦାସୀନତା ବିରୋଧରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା

## କ୍ରାଇମବ୍ରାଂଚ ତଦନ୍ତ ଦାବି କଲା ପରିବାର




କେନ୍ଦ୍ରାପଡା, (ପିଏନ)-ଅଧିକ ଯୌତୁକ ଦାବିକରି ମହିଳାଙ୍କୁ ନିର୍ଯ୍ୟାତନା ଦେଇ ହତ୍ୟା କରିଥିବା ଘଟଣାରେ ପୋଲିସର ଉଦାସୀନତା ପ୍ରତିବାଦରେ ଗୁରୁବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି ମୃତ ମହିଳାଙ୍କ ପରିବାର ଲୋକେ । ଅଭିଯୋଗ ଅନୁଯାଇ ପଟ୍ଟାମୁଣ୍ଡାଇ ଥାନା ଅନ୍ତର୍ଗତ ଜରିଆବାଡ ଗ୍ରାମର ବୁଲାକର ମଳିକଙ୍କ ପୁଅ ନାରାୟଣ ମଳିକ ସଦର ଥାନାରେ ଅଭିଯୋଗ କରିଛନ୍ତି ଯେ ତାଙ୍କ ଭଉଣୀ ସସ୍ମିତା ମଳିକ ଗତ ୧୪ବର୍ଷ ତଳେ ସଦର ଥାନା ଅନ୍ତର୍ଗତ ଗରାପୁର ଗ୍ରାମର ବାଇଧର ମଳିକଙ୍କୁ ବିବାହ କରିଥିଲେ । ବିବାହର କିଛିଦିନ ପରେ ଉଭୟ ସସ୍ମିତା ଓ ବାଇଧରଙ୍କ ମଧ୍ୟରେ ପାଟିଗୋଳ ଆରମ୍ଭ ହୋଇଥିଲା । କାରଣ ବାଇଧର ଅନ୍ୟଏକ ଝିଅକୁ ଭଲପାଉଥିଲା । ଏହି ପାଟିଗୋଳ ହେବା ପରେ ତାଙ୍କ ଭଉଣୀ ବାପଘରକୁ ଚାଲିଯାଏ । ଶାଶୁଘର ଲୋକେ କିଛିଦିନ ପରେ ଯାଇ ସସ୍ମିତାକୁ ବୁଝାଶୁଝା କରି ନେଇଆସିଥାନ୍ତି । ଏଭଳି ବାରମ୍ବାର ହୋଇଥାଏ । ତାଙ୍କ ଭଉଣୀର ଶାଶୁ ଭାରତୀ ମଳିକ,ଦିଅର ଧକି,ଯାଆ ପୁଷ୍ପା,ମାମୁଁ ଆଦିକନ୍ଦ ପ୍ରମୁଖ ମିଶି ତାଙ୍କ ଭଉଣୀ ସସ୍ମିତାକୁ ଅଧିକ ଯୌତୁକ ଦାବୀକରି ସସ୍ମିତାକୁ ମାନସୀକ,ଶାରୀରିକ ନିର୍ଯ୍ୟାତନା ଦେଇଥିବା ସମ୍ପର୍କରେ ତାଙ୍କ ଭଉଣୀ ପୂର୍ବରୁ ଜଣାଇଛି ବୋଲି ସେ ଅଭିଯୋଗ କରିଛନ୍ତି । ଶେଷରେ ତାଙ୍କ ଭଉଣୀକୁ ସମସ୍ତେ ମିଶି ମାରିଦେଇଥିବା ମଧ୍ୟ ସେ ସଦର ଥାନାରେ ଅଭିଯୋଗ କରିଛନ୍ତି । ତାଙ୍କ ଅଭିଯୋଗକୁ ଭି଼ିକରି ସଦର ଥାନା ପୋଲିସ ୨୩୭/୨୦୨୦ରେ ଆଇପିସିର ଧାରା ୪୯୮(କ),୩୦୨,୩୪ଦଫାରେ ଏବଂ ଯୌତୁକ ନିରୋଧ ଆଇନ ୪ ଅନୁଯାଇ ଏକ ମାମଲା ରୁଜୁକରିଛନ୍ତି । ସଦର ଥାନା ପୋଲିସ ମୃତକର ସ୍ୱାମୀ ବାଇଧର ମଳିକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ ମଧ୍ୟ ଅନ୍ୟ ଅଭିଯୁକ୍ତମାନଙ୍କୁ ଗିରଫ ନକରିବା ଏବଂ ବିବାହ ସମୟରେ ଝିଅ ସସ୍ମିତାକୁ ଦିଆଯାଇଥିବା ସମସ୍ତ ଜିନିଷ ନଫେରାଇବା ଘଟଣା ଏବଂ ହତ୍ୟାକୁ ଆତ୍ମହତ୍ୟାର ରୂପ ଦେବାକୁ ପୋଲିସ ଉଦ୍ୟମ କରୁଥିବା ଘଟଣା ପୋଲିସର ନୀରପେକ୍ଷତା ଉପରେ ସନ୍ଦେହ ପ୍ରକାଶ କରି ପରିବାର ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଛି । ଏଥିସହିତ ଏହି ହତ୍ୟା ଘଟଣାର କ୍ରାଇମବ୍ରାଂଚ ତଦନ୍ତ କରାଯିବାକୁ ପରିବାର ପକ୍ଷରୁ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଏହି ଦାବିପତ୍ର ପରିବାର ପକ୍ଷରୁ ନାରାୟଣ ମଳିକ, ଶୁକାନ୍ତି ମଳିକ, ବିନିତା ମଳିକ, ସୁଷମା ମଳିକ, ରଚନା ମଳିକ ପ୍ରମୁଖ ଦେଇଛନ୍ତି ।

### ସୁଭଦ୍ରା ମହତାବ ମହାବିଦ୍ୟାଳୟ ୩୫ ତମ ବାର୍ଷିକ ଉତ୍ସବ ଓ ଡିଜିଟାଲ ଲାଇବ୍ରେରୀ ଉଦଘାଟିତ

ସାଲେପୁର, ୨୫ ଫେବୃୟାରୀ(ହି.ସ) - ଜ୍ଞାନ ଆରୋହଣ ଦ୍ୱାରା ପ୍ରତ୍ୟେକ ବ୍ୟକ୍ତି ଖୁସୀ ପାଇବା ସହ ଶୀର୍ଷ ସ୍ଥାନରେ ପହଂଚି ପାରିଥାଏ ବୋଲି ଆଜି ନିଶ୍ଚିନ୍ତକୋଇଲି ବ୍ଲକ ଅସୁରେଶ୍ୱର ପଂଚାୟତସ୍ଥିତ ସୁଭଦ୍ରା ମହତାବ ମହାବିଦ୍ୟାଳୟର ୩୫ ତମ ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ କଟକ ସାଂସଦ ଶ୍ରୀଯୁକ୍ତ ଭର୍ତୃହରି ମହତାବ ମତପୋଷଣ କରିଛନ୍ତି । ମହାବିଦ୍ୟାଳୟର ଅଧକ୍ଷ ଡ. ଦୀଲ୍ଲିପ କୁମାର ମିଶ୍ରଙ୍କ ସଭାପତିତ୍ୱରେ ସାଂସଦ ଶ୍ରୀଯୁକ୍ତ ମହତାବ ଯୋଗଦେଇ କହିଲେ ମହାଭାରତ ଉପାଖ୍ୟାନରେ କର୍ଣ୍ଣ ଏବଂ ଅର୍ଜୁନଙ୍କ ଉଦାହରଣ ଦେଇ ଆଜିର ପିଲାମାନେ ଭଲ ମଣିଷଟିଏ ହେବା ପାଇଁ ସାଧନା ହିଁ ଶ୍ରେଷ୍ଠ ସ୍ଥାନକୁ ପହଂଚାଇ ପାରିଥିଲେ । ପ୍ରତ୍ୟେକ ବ୍ୟକ୍ତି ନିଜ ନିଜର ଚେଷ୍ଟା ଦ୍ୱାରା ଅସମ୍ଭବକୁ ସମ୍ଭବ କରିଥାଇ ପାରେ । ସମ୍ମାନୀତ ଅତିଥି ଭାବେ ମାହାଙ୍ଗା ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା ଯୋଗଦେଇ ସୁଭଦ୍ରା ମହତାବ ମହାବିଦ୍ୟାଳୟର ଉନ୍ନତି ପାଇଁ ସଦାସର୍ବଦା ଚେଷ୍ଟା କରିଆସୁଥିବା ସହ ଅଂଚଳର ଉନ୍ନତି ପାଇଁ ହାଣ୍ଡିଭଙ୍ଗାଠାରେ ଉନ୍ନତମାନର ସ୍ୱାସ୍ଥ୍ୟକେନ୍ଦ୍ର, ଆଦର୍ଶ ବିଦ୍ୟାଳୟ ଓ ଅନ୍ୟାନ୍ୟ କାର୍ଯ୍ୟ ତଥା ଲୁଣା ନଦୀରେ ଏକ ନୂତନ ସେତୁ ନିର୍ମାଣ କରାଯିବା ପାଇଁ ଯୋଜନା କରାଯାଉଛି ବୋଲି ମତ ଦେଇଥିଲେ । ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ଡିଜିଟାଲ ଲାଇବ୍ରେରୀ ଛାତ୍ର ଛାତ୍ରୀଙ୍କ ଉଦ୍ଦେଶ୍ୟରେ ଲୋକାର୍ପିତ ହୋଇଥିଲା ।

### ମଠକରଗୋଳା ମହାବିଦ୍ୟାଳୟର ୩୬ ତମ ବାର୍ଷିକୋତ୍ସବ

ଯେଉଁ ସ୍ୱପ୍ନ ଶୋଇବାକୁ ଦେଇନଥାଏ ତାହା ଅସଲ ସ୍ୱପ୍ନ : ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ

ଭୁବନ, (ପି.ଏନ): ଭୁବନ ବ୍ଲକ ଅନ୍ତର୍ଗତ ମଠକରଗୋଳା ମହାବିଦ୍ୟାଳୟର ୩୬ ତମ ବାର୍ଷିକୋତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି । ଅଧକ୍ଷ ଚିତ ରଂଜନ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବାର୍ଷିକୋତ୍ସବ କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ତଥା ରାଜ୍ୟ ଖଣି ଇସ୍ପାତ ଓ ପୂର୍ତ୍ତମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ ଯେ, ଆମ୍ଭେମାନେ ରାତିରେ ଯେଉଁ ସ୍ୱପ୍ନ ଦେଖୁଛେ ତାହା ସ୍ୱପ୍ନ ନୁହେଁ , ତାହା କଳ୍ପନା, ଦିନରେ ଯାହା ଚିନ୍ତା କରିଥାଉ ତାହାକୁ ରାତିରେ ଆମେ ସ୍ୱପ୍ନ ଦେଖୁ । ଯେଉଁ ସ୍ୱପ୍ନ ଶୋଇବାକୁ ଦେଇନଥାଏ, ତାହାହିଁ ବାସ୍ତବରେ ସ୍ୱପ୍ନ । ତୁମେମାନେ ଭବିଷ୍ୟତରେ ଯାହା ହେବାକୁ ସଂକଳ୍ପ ନେଇଛ ,ଆଉ ସେଥିପାଇଁ ନିଷ୍ଠା , ଏକାଗ୍ରତାର ସହ କାର୍ଯ୍ୟ କରିବା ଉଚିତ, ତାହେଲେ ତୁମର ଆଉ ତୁମ ପିତା ମାତାଙ୍କ ସ୍ୱପ୍ନ ସାର୍ଥକ ହେବ ବୋଲି ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ମାର୍ଗଦର୍ଶନ କରିଥିଲେ । ମୁଖ୍ୟ ବକ୍ତା ଭାବେ ସାଂସଦ ମହେଶ ସାହୁ ଯୋଗଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବେ କଲେଜ ପରିଚାଳନା କମିଟି ସଭାପତି ତଥା ଉପଜିଲ୍ଲାପାଳ ଜ୍ୟୋତି ଶଙ୍କର ସାହୁ, ମଠକରଗୋଳା ସରପଂଚ ଅଜୟ କୁମାର ନାୟକ, ସମିତିସଭ୍ୟା ସନ୍ଧ୍ୟାରାଣୀ ନାୟକ , ଗ୍ରାମ୍ୟ କମିଟି ସଭାପତି ପ୍ରଶାନ୍ତ କୁମାର ଜେନା ପ୍ରମୁଖ ମଂଚାସୀନ ଥିଲେ । ପ୍ରଫେସର ଏସ ରାଉତ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ପ୍ରଫେସରଏସ ଏସ ପାତ୍ର , ପି କେ ମିଶ୍ର, କେ ସି ପାତ୍ର ପ୍ରମୁଖ ସକ୍ରିୟ ଅଂଶ ଗ୍ରହଣ କରିଥିଲେ । କୃତୀ ବିଦ୍ୟାର୍ଥୀ ମାନଙ୍କୁ ଅତିଥି ଙ୍କ

# ୧୬ ନଂ ଜାତୀୟ ରାଜପଥ ଚଣ୍ଡିଖୋଲ ନିକଟରେ ମର୍ମନ୍ତୁଦ ସଡକ ଦୁର୍ଘଟଣା : ୭ ମୃତକଙ୍କ ପରିଚୟ ମିଳିଲା

ଧର୍ମଶାଳା (ପି.ଏନ): ୧୬ ନମ୍ବର ଜାତୀୟ ରାଜପଥ ଚଣ୍ଡିଖୋଲ ନିକଟସ୍ଥ ନେଉଳପୁରଠାରେ ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣା ଘଟିଛି । ଏହି ଦୁର୍ଘଟଣାରେ ୭ ଜଣଙ୍କର ଶୋଚନୀୟ ମୃତ୍ୟୁ ଘଟିଛି । ଯାହାକୁ ନେଇ ଯାଜପୁର ଜିଲାରେ ଶୋକରଛାୟା ଖେଳିଯାଇଛି । ଏହି ଦୁର୍ଘଟଣା ଚଳିତ ବର୍ଷର ସବୁଠାରୁ ବଡ ଦୁର୍ଘଟଣା । ଏହି ମର୍ମନ୍ତଦ ସଡକ ଦୁର୍ଘଟଣାରେ ପ୍ରାଣ ହାନି ଖବର ବିଷୟ ଜାଣି ମୁଁ ଦୁଃଖିତ । ମୃତକଙ୍କ ଅମର ଆତ୍ମାର ସଦଗତି କାମନା କରିବା ସହ ଶୋକସନ୍ତପ ପରିବାରବର୍ଗଙ୍କୁ ଟୁଇଟ୍ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଭୀର ସମବେଦନା ଜଣାଇଛନ୍ତି । ତେବେ ଏହି ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ମୃତକଙ୍କ ପରିଚୟ ମିଳିଛି । ସେମାନେ ହେଲେ ଚବିଶ ପ୍ରଗଣା ଜିଲା ମଲିଆ ଥାନା ଅନ୍ତର୍ଗତ ନେହେଲପୁର ଗ୍ରାମର ଛପର ଅଲ୍ଲୀ ମଣ୍ଡଳଙ୍କ ପୁଅ ତଥା ଆଇଚର ଟ୍ରକର ଚାଳକ ସୂରଜ ମଣ୍ଡଲ(୪୫), ଏହି ଗ୍ରାମର କୁକୁଡା ବ୍ୟବସାୟୀ କରିମ୍ ସରଦାର(୨୭), ନବିର ଅଲ୍ଲୀ ସରଦାରଙ୍କ ପୁଅ ଜାହାଙ୍ଗିର ସରଦାର(୩୨), ସୂରତ ଅଲ୍ଲୀ ସରଦାରଙ୍କ ପୁଅ ମୋଇଜେନ ସରଦାର(୩୦), ଇତଫାନ ସରଦାରଙ୍କ ପୁଅ ଅମଜଦ ଅଲ୍ଲୀ ସରଦାର(୩୪), ରବାନୀ ଅଲ୍ଲୀ ସରଦାରଙ୍କ ପୁଅ ମହମ୍ମଦ ଅମୀରୁଲ ସରଦାର(୨୯) ଓ ମହମ୍ମଦ ଅଜମୀର ସରଦାରଙ୍କ ପୁଅ ମହମ୍ମଦ ଆରିଫ ସରଦାର(୨୭) ବୋଲି ଜଣାପଡିଛି । ସମସ୍ତଙ୍କ ଘର ପଶ୍ଚିମବଙ୍ଗ ଚବିଶ ପ୍ରଗଣା ଅଂଚଳର ନେହେଲପୁର ଗ୍ରାମର ବୋଲି ପୋଲିସ ସୂଚନା ଦେଇଛି । ସମସ୍ତ ମୃତକ ଗୋଟିଏ ଗ୍ରାମର ବୋଲି ଜଣାପଡିଛି । ଆଜି ବିଳମ୍ବିତ ରାତିରେ ବଡଚଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ୬ ଜଣଙ୍କର ଓ କଟକ ବଡ ମେଡିକାଲରେ ଜଣଙ୍କର ଶବବ୍ୟବଚ୍ଛେଦ କରାଯିବ ବୋଲି ଜଣାପଡିଛି । ବଡଚଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଜେନାପୁର ଥାନା ଅଧିକାରୀ ଉମାକାନ୍ତ ନାୟକ ଓ ଯାଜପୁର ମୁଖ୍ୟ ଚିକିତ୍ସାଳୟର ମୁଖ୍ୟ ଚିକିତ୍ସା ଅଧିକାରୀ ଶିବଶିଷ ମହାରଣା ଘଟଣାସ୍ଥଳରେ ଉପସ୍ଥିତ ରହିଛନ୍ତି । ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ସମସ୍ତ ବ୍ୟବସ୍ଥା କରାଯାଇଥିବା ଜଣାପଡିଛି । ସୂଚନା ଥାଉକି, ଚଳିତ ମାସ ୨୩ ତାରିଖ ଗୁରୁବାର ଦିନ ଭୋର ସମୟରେ ୧୬ ନମ୍ବର ଜାତୀୟ ରାଜପଥ ନେଉଳପୁରଠାରେ ଏକ ୧୨ ଚକିଆ ଓ ଗୋଟିଏ ୧୪ ଚକିଆ ଟ୍ରକ ମଧ୍ୟରେ ଧକ୍କା ଲାଗି ୨ଟି ଗାଡିରେ ନିଆଁ ଲାଗି ଯାଇଥିଲା । ଫଳରେ ୨ଟି ଗାଡି ରାଜପଥ କଡରେ ଛିଡା ହୋଇଥିଲା । ତେବେ ଆଜି ଭୋର ସମୟରେ ପଶ୍ଚିମବଙ୍ଗ ଛବିଶ ପ୍ରଗଣା ଅଂଚଳରୁ ଏକ ଆଇଚର ଟ୍ରକ୍( ଡବ୍ଲୁବି ୨୫ଏଲ ୩୧୮୩) ପ୍ଲାଷ୍ଟି ଟ୍ରେ ଧରି କଟକ ବାହାରିଥିଲେ । ଘନ କୁହୁଡି ଯୋଗୁଁ ରାଜପଥ ଉପରେ ଦୁର୍ଘଟଣାଗ୍ରସ୍ତ ହୋଇ ୨ଟି ଟ୍ରକ ପଛ ପଟକୁ ଆଇଚର ଧକ୍କା ଦେଇଥିଲା । ଫଳରେ ଘଟଣାସ୍ଥଳରେ ୬ଜଣଙ୍କର ମୃତ୍ୟୁ ଘଟିଥିଲା । ଅମୀରୁଲଙ୍କୁ ଗୁରୁତର ଅବସ୍ଥାରେ କଟକ ବଡ ମେଡିକାଲକୁ ନିଆଯାଉଥିବା ସମୟରେ ବାଟରେ ତାର ମୃତ୍ୟୁ ଘଟିଥିଲା । ଆଇଚରଟି କଟକରୁ କୁକୁଡା ଚିଆଁ ଆଣିବାକୁ ଯାଇଥିଲା । ଏଭଳି ମର୍ମନ୍ତୁଦ ସଡକ ଦୁର୍ଘଟଣାରେ ଯାଜପୁର ଜିଲାରେ ଶୋକାଛାୟା ଖେଳିଯାଇଛି ।ତିନି ଦିନ ହେବ ଜାତୀୟ ରାଜପଥ ଉପରେ ୨ଟି ଟ୍ରକ ଦୁର୍ଘଟଣାଗ୍ରସ୍ତ ହୋଇ ଛିଡା ହୋଇଥିଲା । ରାଜପଥ ଉପରୁ କାହିଁକି ଗାଡି ୨ଟି ଗାଡିକୁ ହଟା ନ ଯାଇଥିବାରୁ ଏଭଳି ମର୍ମନ୍ତୁଦ ସଡକ ଦୁର୍ଘଟଣା ଘଟି ୭ଜଣଙ୍କର ପ୍ରାଣବାୟୁ ଉଡିଯାଇଥିବା ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଦୁର୍ଘଟଣା ଘଟିଥିବା ସ୍ଥାନଠାରୁ ମାତ୍ର ଶହେ ମିଟର ଦୂରରେ ଜାତୀୟ ରାଜପଥ ପ୍ରାଧିକରଣ କାର୍ଯ୍ୟାଳୟ,୩ଶହ ମିଟର ଦୂରରେ ଚଣ୍ଡିଖୋଲ ଫାଣ୍ଡି ଓ ୩ଶହ ମିଟର ଦୂରରେ ଚଣ୍ଡିଖୋଲ ଟ୍ରାଫିକ ଥାନା ଥାଇ କାହିଁକି ଏହି ୨ଟି ଦୁର୍ଘଟଣାଗ୍ରସ୍ତ ଗାଡିକୁ ହଟା ଯାଇ ନ ଥିଲା । ଯାହାକୁ ନେଇ ସାଧରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏହାକୁ ସ୍ଥାନୀୟ ଲୋକେ ଜାତୀୟ ରାଜପଥ ପ୍ରାଧିକରଣ ଅଧିକାରୀ,ଚଣ୍ଡିଖୋଲ ଫାଣ୍ଡି ଅଧିକାରୀ ଓ ଟ୍ରାଫିକ ଥାନା ଅଧିକାରୀଙ୍କୁ ଦାୟୀ କରିଛନ୍ତି । ଏଡି ଘଟଣାକୁ ଉଚ୍ଚପଦସ୍ଥ ଅଧିକାରୀ ଦୃଷ୍ଟି ଦେଇ ଏହି ତିନି ଅଧିକାରୀଙ୍କ ବିରୋଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ଅଂଚଳବାସୀ ଦାବି କରିଛନ୍ତି ।

# ସୁଭଦ୍ରା ମହତାବ ମହାବିଦ୍ୟାଳୟ ୩୫ ତମ ବାର୍ଷିକ ଉତ୍ସବ ଓ ଡିଜିଟାଲ ଲାଇବ୍ରେରୀ ଉଦଘାଟିତ

ସାଲେପୁର, (ପି.ଏନ): ଜ୍ଞାନ ଆରୋହଣ ଦ୍ୱାରା ପ୍ରତ୍ୟେକ ବ୍ୟକ୍ତି ଖୁସୀ ପାଇବା ସହ ଶୀର୍ଷ ସ୍ଥାନରେ ପହଂଚି ପାରିଥାଏ ବୋଲି ଆଜି ନିଶ୍ଚିନ୍ତକୋଇଲି ବ୍ଲକ ଅସୁରେଶ୍ୱର ପଂଚାୟତସ୍ଥିତ ସୁଭଦ୍ରା ମହତାବ ମହାବିଦ୍ୟାଳୟର ୩୫ ତମ ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ କଟକ ସାଂସଦ ଶ୍ରୀଯୁକ୍ତ ଭର୍ତୃହରି ମହତାବ ମତପୋଷଣ କରିଛନ୍ତି । ମହାବିଦ୍ୟାଳୟର ଅଧକ୍ଷ ଡ. ଦୀଲ୍ଲିପ କୁମାର ମିଶ୍ରଙ୍କ ସଭାପତିତ୍ୱରେ ସାଂସଦ ଶ୍ରୀଯୁକ୍ତ ମହତାବ ଯୋଗଦେଇ କହିଲେ ମହାଭାରତ ଉପାଖ୍ୟାନରେ କର୍ଣ୍ଣ ଏବଂ ଅର୍ଜୁନଙ୍କ ଉଦାହରଣ ଦେଇ ଆଜିର ପିଲାମାନେ ଭଲ ମଣିଷଟିଏ ହେବା ପାଇଁ ସାଧନା ହିଁ ଶ୍ରେଷ୍ଠ ସ୍ଥାନକୁ ପହଂଚାଇ ପାରିଥିଲେ । ପ୍ରତ୍ୟେକ ବ୍ୟକ୍ତି ନିଜ ନିଜର ଚେଷ୍ଟା ଦ୍ୱାରା ଅସମ୍ଭବକୁ ସମ୍ଭବ କରିଥାଇ ପାରେ । ସମ୍ମାନୀତ ଅତିଥି ଭାବେ ମାହାଙ୍ଗା ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା ଯୋଗଦେଇ ସୁଭଦ୍ରା ମହତାବ ମହାବିଦ୍ୟାଳୟର ଉନ୍ନତି ପାଇଁ ସଦାସର୍ବଦା ଚେଷ୍ଟା କରିଆସୁଥିବା ସହ ଅଂଚଳର ଉନ୍ନତି ପାଇଁ ହାଣ୍ଡିଭଙ୍ଗାଠାରେ ଉନ୍ନତମାନର ସ୍ୱାସ୍ଥ୍ୟକେନ୍ଦ୍ର, ଆଦର୍ଶ ବିଦ୍ୟାଳୟ ଓ ଅନ୍ୟାନ୍ୟ କାର୍ଯ୍ୟ ତଥା ଲୁଣା ନଦୀରେ ଏକ ନୂତନ ସେତୁ ନିର୍ମାଣ କରାଯିବା ପାଇଁ ଯୋଜନା କରାଯାଉଛି ବୋଲି ମତ ଦେଇଥିଲେ । ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ଡିଜିଟାଲ ଲାଇବ୍ରେରୀ ଛାତ୍ର ଛାତ୍ରୀଙ୍କ ଉଦ୍ଦେଶ୍ୟରେ ଲୋକାର୍ପିତ ହୋଇଥିଲା । ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କୃତୀତ୍ୱ ପାଇଁ ୧୦ ଜଣ ଛାତ୍ର ଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିବା ପରିଚାଳନା କମିଟି ସଭାପତି ରମାନାଥ ସାହୁ ପ୍ରକାଶ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧକ୍ଷା ରୋଜି ସେଠୀ, ଜିଲ୍ଲାପରିଷଦ ସଭ୍ୟା ଜସ୍ମିତା ସେଠୀ, ସରପଂଚ ଗୌତମୀ ଦାସ, ବ୍ଲକ ଉପାଧକ୍ଷ ଅଶୋକ କୁମାର ଓଝା, ପୂର୍ବତନ ଅଧକ୍ଷ ଗିରିଶ ରଂଜନ ମହାପାତ୍ର, ରମାକାନ୍ତ ମହାନ୍ତି, ଜିଲ୍ଲାପରିଷଦ ସଭ୍ୟ ଭୂପତି ଭୂଷଣ ଷଣ୍ଢ, ଅନନ୍ତ ଦାସ, ବ୍ରଜମୋହନ ପଣ୍ଡା, ଯୋଗଦେଇଥିଲା ବେଳେ ମହାବିଦ୍ୟାଳୟର ଅଧାପକ, ଅଧାପିକାମାନେ ସହଯୋଗ କରିଥିଲେ । ଦୀର୍ଘ ଦିନ ପରେ ମାହାଙ୍ଗା ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା ଓ କେନ୍ଦ୍ରାପଡା ସାଂସଦ ଅନୁଭବ ମହାନ୍ତିଙ୍କୁ ଛାଡି କଟକ ସାଂସଦ ଭର୍ତୃହରି ମହତାବଙ୍କୁ କୋଳେଇ ନେବା ଆଗାମୀ ୨୦୨୪ସାଧାରଣ ନର୍ବାଚନରେ କେଉଁ ମୋଡ ନେବ ରାଜନୈତିକ ମହଲରେ ଚର୍ଚ୍ଚାର ବିଷୟ ହୋଇଛି ।

# ମାଟି ଏବଂ ପଲିଥିନ୍ ଘରେ ବିତୁଛି ଜୀବନ

ଘଟଗାଁ(ପିଏନ)-ଉଭୟ କେନ୍ଦ୍ର ଏବଂ ରାଜ୍ୟ ପ୍ରତ୍ୟେକ ଦିନ ଅନେକ ଗରିବ ବାସହରା ହିତାଧିକାରୀଙ୍କୁ ରାଜ୍ୟ ସରକାରଙ୍କ ବିଜୁ ପକ୍କା ଘର କିମ୍ବା କେନ୍ଦ୍ର ସରକାରଙ୍କ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଅନ୍ତର୍ଭୁକ୍ତ କରାଇ ଘର ଯୋଗାଉଥିବା ଦେଖିବାକୁ ମିଳୁଥିବା ବେଳେ ଅନେକ ଲୋକ ଆଜିବି ଝାଟି ମାଟି ଏବଂ ପାଲ ପଲିଥିନ୍ ଘରେ ଜୀବନ ବିତାଉଥିବା ଦେଖିବାକୁ ମିଳୁଛି । ଏଭଳି ଏକ ଅବିକଳ ଚିତ୍ର ଦେଖିବାକୁ ମିଳିଛି କେନ୍ଦୁଝର ଜିଲ୍ଲା ଘଟଗାଁ ବ୍ଲକ୍ ଅନ୍ତର୍ଗତ ସୁନାରୀପଶୀ ଗାଁରେ । ଗାଁର ଚରଣ ମୁଣ୍ଡା ଆଜକୁ ତିନି ବର୍ଷ ହେବ ଏକ ଝାଟି, ପିଲିଥିନ୍‌କୁ ଘରର କାନ୍ଥ କରି ରହୁଥିବା ଦେଖିବାକୁ ମିଳୁଛି । ଚରଣ ଦିନ ମଜୁରୀଆ ହୋଇଥିବାରୁ ଘର ଖଣ୍ଡିଏ ବନାଇବାକୁ ସକ୍ଷମ ନାହିଁ ତାର । କେନ୍ଦୁଝର ଜିଲ୍ଲା ଘଟଗାଁ ବ୍ଲକ୍ ଅନ୍ତର୍ଗତ ସୁନାରିପଶୀ ଗାଁର ରାଜାବନ୍ଧ ସାହିର ଚରଣ ମୁଣ୍ଡା । ବୟସ ପାଖାପାଖି ୪୦ ହେବ । ପରିବାରରେ ସ୍ତ୍ରୀ ସହିତ ତିନୋଟି ପୁଅ । ଚରଣ ଜଣେ ଦିନ ମଜୁରୀଆ ଖଟିଖିଆ ଲୋକ । ପ୍ରତ୍ୟେକ ଦିନ ଯାହା ମୁଲମଜୁରି କରି ଆଣିଥାଏ, ସେସବୁ ପରିବାରର ଖାଇବାକୁ ମଧ ଅଂଟେନାହିଁ । ପୂର୍ବରୁ ସେ ବରାହଟିପୁରା ଗାଁରେ ରହୁଥିଲେ, ବାପା ଚାଲି ଗଲା ପରେ ବାସ ହରା ହୋଇ ଆଜକୁ ତିନି ବର୍ଷ ହେବ ସୁନାରିପଶି ଗାଁର ରଜାବନ୍ଧ ସାହିରେ ରହୁଛନ୍ତି । ଚରଣ ସ୍ତ୍ରୀ ସହିତ ତିନି ପୁଅଙ୍କୁ ନେଇ ନାହିଁ ନଥିବା ଅଭାବ ଅନଟନରେ ଜୀବନ ବିତାଉଛନ୍ତି । ଠିକ୍‌ସେ ନିଜ ପରିବାରର ଗୁଜରାଣ ମେଂଟାଇପାରୁ ନଥିବା ଚରଣ ଘର ଖଣ୍ଡିଏ ବନାଇବା ପାଇଁ ତା ପାଖରେ ସମ୍ବଳ ନାହିଁ । ଯାହାଫଳରେ ଆଜକୁ ତିନି ବର୍ଷରୁ ଉର୍ଦ୍ଧ୍ୱ ହେବ ଝାଟି, ପଲିଥିନକୁ କାନ୍ଥ କରି ଗୋଟିଏ ଝାଟି ଘରେ ରହୁଛନ୍ତି । ଘର ଖଣ୍ଡିଏ ପାଇଁ ବାରମ୍ବାର ବ୍ଲକ୍ ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ ମଧ ଆଜି ପର୍ଯ୍ୟନ୍ତ ତାଙ୍କ ପାଇଁ ସରକାଙ୍ଗ ପ୍ରଧାନ ମନ୍ତ୍ରୀ ଏବଂ ବିଜୁ ବିଜୁ ପକ୍କା ଘର ଯୋଜନା ସାତସପନ । ତେବେ ବାସ ହରା ଲୋକମାନଙ୍କ ପାଇଁ ସରକାର ମାଳ ମାଳ ଯୋଜନା କରୁଥିଲେ ମଧ୍ୟ ଆଜିବି ଅନେକ ଲୋକ ଏଭଳି ଅବସ୍ଥାରେ ଝାଟି, ପଲିଥିନ୍‌କୁ କାନ୍ଥ କରି ରହୁଛନ୍ତି । ଚରଣ ମଧ ଆଜକୁ ତିନି ବର୍ଷ ହେବ ଏହି ଝାଟିମାଟିରେ ତିଆରି କାନ୍ଥ ପାଂଚ ଜଣ ପରିବାରକୁ ନେଇ ଏଭଳି ଦୁର୍ଦ୍ଦିନରେ ରହୁଛି । ତେବେ ଆମ ପ୍ରତିନିଧି ଚରଣଙ୍କ କରୁଣ କାହାଣୀ ଘଟଗାଁ ବିଡିଓଙ୍କ ପାଖରେ ଅବଗତ କରାଇବାରୁ ସେ ଖୁବଶିଘ୍ର ସରକାରଙ୍କ ଆବାସ କିମ୍ବା ପକ୍କା ଘର ଯୋଜନାରେ ଅନ୍ତର୍ଭୁକ୍ତ କରାଇ ଘର ଖଣ୍ଡିଏ ଦେବାର ବ୍ୟବସ୍ଥା କରିବେ ବୋଲି ପ୍ରତିସୃତି ଦେଇଛନ୍ତିମ ।

### ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ସହ ବହୁ ବିଶେଷଜ୍ଞଙ୍କ ପଦବୀ ଖାଲି

ସାଲେପୁର,(ପି.ଏନ)- ମାହାଙ୍ଗା ବ୍ଲକ ଏକ ଜନବହୁଳ ଅଂଚଳ ହୋଇଥିବାବେଳେ ଗରିବ ଜନସାଧାରଣମାନେ ଚିକିତ୍ସା ସେବା ନିମନ୍ତେ ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭର କରିଥାନ୍ତି । ଗତ କିଛି ମାସ ହେବ ମେଡିକାଲ ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ପଦବୀ ପାଂଚ ମାସରୁ ଉର୍ଦ୍ଧ ସମୟ ହେବ ଖାଲି ପଡିବା ଯୋଗୁ ରୋଗୀ ସେବା ବିର୍ପଯ୍ୟାପ ହୋଇପଡିଛି ଏଥିସହ ଦୀର୍ଘ ବର୍ଷ ଧରି ଶିଶୁ ରୋଗ ଓ ଗର୍ଭବତୀ ପ୍ରସୂତୀ ବିଶେଷଜ୍ଞଙ୍କ ପଦ ଖାଲି ପଡିବା ଯୋଗୁ ଶିଶୁ ଓ ଗର୍ଭବତୀ ରୋଗୀ ସେବା ସଂପୁର୍ଣ୍ଣ ଠପ ହୋଇଯାଇଛି ।




ଖେଳ

# ପର୍ଯ୍ୟବେକ୍ଷକ 25

ସାଧାରଣ ଲୋକଙ୍କ ଖବରକାଗଜ

PARYABEKHYAK पर्यवेक्षक

Bhubaneswar Tuesday February 28, 2023 ଭୁବନେଶ୍ୱର ମଙ୍ଗଳବାର, ଫେବୃଆରୀ ୨୮,୨୦୨୩ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com



## ସମସ୍ତ ଶ୍ରମିକ କର୍ମଚାରୀଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ଓ ସାମାଜିକ ସୁରକ୍ଷା ଓ ଘରୋଇ ଶିଳ୍ପରେ ଆରକ୍ଷଣ ପ୍ରସ୍ତାବ ଗୃହିତ




ଭୁବନେଶ୍ୱର, ୨୭।୨(ପି.ଏନ): ସାରା ଦେଶରେ କାର୍ଯ୍ୟ କରୁଥିବା ୪୮ କୋଟି ଅସଂଗଠିତ ଶ୍ରମିକ କର୍ମଚାରୀଙ୍କ ପାଇଁ ସ୍ୱାସ୍ଥ୍ୟ ସୁରକ୍ଷା ଓ ସାମାଜିକ ସୁରକ୍ଷା ପାଇଁ କେନ୍ଦ୍ରୀୟ ଆଇନ୍ ପ୍ରଣୟନ କରିବା ଘରୋଇ ମାଲିକାନା ଓ ଶିଳ୍ପରେ ଦଳୀତ ଆଦିବାସୀ ଓ ପଛୁଆବର୍ଗ ପାଇଁ ନିଯୁକ୍ତିରେ ସ୍ଥାନ ସଂରକ୍ଷଣ, ଘରୋଇ ଚାକର ଓ ଦାଦନ ଶ୍ରମିକଙ୍କ ପାଇଁ ଆଇନ ପ୍ରଣୟନ। ସରକାରୀ ଓ ବେସରକାରୀ ନିଯୁକ୍ତିରେ ନିଶୁଳ୍କ ଦରଖାସ୍ତ ପାଇଁ ଆଇନ ପ୍ରଣୟନ କରିବା ଓ ସାରା ଦେଶରେ ପୁରୁଣା ପେନସନ୍‌କୁ ଲାଗୁ କରିବା ପାଇଁ ଛତିଶଗଡ଼ ରାୟପୁର ଠାରେ ଅନୁଷ୍ଠିତ ଶ୍ରୀ ମଲ୍ଲିକାର୍ଜୁନ ଖାର୍ଗେଙ୍କ ପୌରହିତ ଅନୁଷ୍ଠିତ ୮୫ତମ ଜାତୀୟ ଅଧିବେଶନରେ ନିଷ୍ପତ୍ତି ନିଆଯାଇଛି। ଗତ ଫେବୃୟାରୀ ମାସ ୨୧ ତାରିଖ ଠାରୁ ୨୩ ତାରିଖ ଦିଲ୍ଲୀ ତାଲକୋତରା ଷ୍ଟାଡ଼ିୟମ ଠାରେ ରାଷ୍ଟ୍ରୀୟ ମଜଦୁର ୩୩ତମ ଅଧିବେଶନରେ ଡଃ ରାମଚନ୍ଦ୍ର ଖୁଣ୍ଟିଆଙ୍କ ଦ୍ୱାରା ଏହି ପ୍ରସ୍ତାବ ଗୁଡ଼ିକ ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ଅଧିବେଶନରେ ଉତ୍‌ଥାପିତ କରିଥିଲେ। ଏହି ପ୍ରସ୍ତାବ ଗୁଡ଼ିକୁ କଂଗ୍ରେସର ଜାତୀୟ ଅଧିବେଶନରେ ସ୍ଥାନ ଦେବା ପାଇଁ ଅର୍ଥନୈତିକ କମିଟି ଅଧକ୍ଷ ଓ ସାମାଜିକ ଓ ସ୍ୱାସ୍ଥ୍ୟ ସୁରକ୍ଷା କମିଟିର ଅଧକ୍ଷ ତଥା କଂଗ୍ରେସ ଦଳର ଅଧକ୍ଷ ଓ ଶ୍ରୀ ଦିଗ୍ ବିଜୟ ସିଂହଙ୍କୁ ଅନୁରୋଧ କରି ଡଃ ରାମଚନ୍ଦ୍ର ଖୁଣ୍ଟିଆ ଚିଠି ଲେଖିଥିଲେ। କଂଗ୍ରେସ ଦଳ ଜାତୀୟ ଅଧିବେଶନ ପ୍ରସ୍ତାବରେ ଶ୍ରମିକ କର୍ମଚାରୀମାନଙ୍କର ଗୁରୁତ୍ୱପୂର୍ଣ୍ଣ ଦାବୀ ଗୁଡ଼ିକ ସ୍ଥାନ ପାଇଥିବାରୁ ଡଃ ରାମଚନ୍ଦ୍ର ଖୁଣ୍ଟିଆ ଅଧକ୍ଷ ଶ୍ରୀ ମଲ୍ଲିକାର୍ଜୁନ ଖାର୍ଗେ କଂଗ୍ରେସର ପୂର୍ବତନ ଅଧକ୍ଷା ଶ୍ରୀମତୀ ସୋନିଆ ଗାନ୍ଧୀ, ପୂର୍ବତନ ଅଧକ୍ଷ ଶ୍ରୀ ରାହୁଲ ଗାନ୍ଧୀ କୃତଜ୍ଞତା ଜଣାଇଛନ୍ତି। ରାଷ୍ଟ୍ରୀୟ ମଜଦର କଂଗ୍ରେସର ନବନିର୍ବାଚିତ ଜାତୀୟ ଉପସଭାପତି ଡଃ ରାର୍ମଚନ୍ଦ୍ର ଖୁଣ୍ଟିଆ, ରାଜ୍ୟ ସାଧାରଣ ସମ୍ପାଦକ - ଶ୍ରୀ କିଶୋର ଚନ୍ଦ୍ର ଜେନା, ଶ୍ରୀ ବିଦ୍ୟାଧର ମହାନ୍ତି, ଶ୍ରୀମତୀ ପ୍ରଣତି ମିଶ୍ର, ଘନ ସବର, ବାସନ୍ତୀ ସାମଲ, କୃଷ୍ଣ ଚନ୍ଦ୍ର ସାହୁ, ଦିଗାମ୍ବର ଗଡ଼ନାୟକ, ଭୋକାଲି ସେଠୀ ପ୍ରମୁଖ ଶ୍ରମିକ ନେତାମାନେ ରାୟପୁର ଠାରେ ଅନୁଷ୍ଠିତ ୮୫ ତମ କଂଗ୍ରେସ ମହାଅଧିବେଶନରେ ଯୋଗ ଦେଇଥିଲେ।

### ବଡ଼ଜାମୁପଶି ୟୁଜିୟୁପି ବିଦ୍ୟାଳୟର ୫୭ତମ ବାର୍ଷିକ ଉତ୍ସବ

ଘଟଗାଁ, (ପି.ଏନ) : କେନ୍ଦୁଝର ଜିଲ୍ଲା ଘଟଗାଁ ବ୍ଲକ ଶିକ୍ଷାବିଭାଗର ବଡଜାମୁପଶି ୟୁଜିୟୁପି ବିଦ୍ୟାଳୟର ୫୭ତମ ବାର୍ଷିକ ଉତ୍ସବ ପ୍ରଧାନ ଶିକ୍ଷକ ନିରାକାର ଜେନାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥିଭାବେ ଘସିପୁରା ବ୍ଲକର ପୂର୍ବତନ ଚେୟାରମ୍ୟାନ ଦେବାଶିଷ ପାତ୍ର, ସମ୍ମାନିତ ଅତିଥି ଭାବେ ଏବିଡିଓ ଚିତରଞ୍ଜନ ନାୟକ, ବଡଜାମୁପଶି ଗ୍ରାମପଂଚାୟତର ସରପଂଚ, ସମିତି ସଭ୍ୟା, ସାମ୍ବାଦିକ, ଭୀମସେନ ବଳ, ସମାଜସେବୀ ନାରାୟଣ ପଲେଇ, ସିକନ ପାଢୀ ଯୋଗଦେଇ ନିଜ ନିଜର ଅଭିଭାଷଣ ରଖିଥିଲେ । ବିଭିନ୍ନ ଖେଳକୁଦରେ ଯୋଗଦେଇ କୃତିତ୍ୱ ଅର୍ଜନ କରିଥିବା ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ ।ବିଦ୍ୟାଳୟର ଶିକ୍ଷକ ଅକ୍ଷୟ କୁମାର ନାୟକ, ଶରତ କୁମାର ବେହେରା, ବିଜୟ କୁମାର ବେହେରା, ଶିକ୍ଷୟତ୍ରୀ ବନଜ୍ୟୋତି ରାଉତ, ସର୍ମିଳା ପ୍ରିୟଦର୍ଶିନୀ, କୁନ୍ତଳା ମହାନ୍ତ ସଭା ପରିଚାଳନା କରିଥିଲେ । ପ୍ରଧାନ ଶିକ୍ଷକ ବିବରଣୀ ପାଠ କରିଥିବା ବେଳେ ବିଜୟ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

## 'ଆମ ହସ୍ପିଟାଲ' ଯୋଜନାରେ ସାମିଲ ହେଲା ବେଂଟକାର ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର



ଫୁଲନଖରା,(ପି.ଏନ): ସ୍ୱାସ୍ଥ୍ୟସେବାକୁ ଉନ୍ନତମାନର କରିବା ପାଇଁ ସ୍ୱାସ୍ଥ୍ୟ ବିଭାଗକୁ ୫ଟି ବିଭାଗ ଅଧିନରେ ସାମିଲ କରିବା ସହିତ ବ୍ଲକ ସ୍ତରୀୟ ସ୍ୱାସ୍ଥ୍ୟକେନ୍ଦ୍ର ଗୁଡିକର ଉନ୍ନତି ନିମନ୍ତେ ଆମ ହସପିଟାଲ ଯୋଜନା ର ଶୁଭାରମ୍ଭ କରାଯାଇଛି । କଟକ ଜିଲ୍ଲାର ମୋଟ ୯ଟି ସ୍ୱାସ୍ଥ୍ୟକେନ୍ଦ୍ରକୁ ପ୍ରଥମ ପର୍ଯ୍ୟାୟରେ ଏଥିରେ ସାମିଲ କରାଯାଇଥିବା ବେଳେ ବୟାଳିଶମୌଜା ବେଂଟକାର ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର କୁ ଏହି ଯୋଜନାରେ ସାମିଲ କରାଯାଇଛି । ଏହି ପରିପ୍ରେକ୍ଷିରେ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ବେଂଟକାର ପଂଚାୟତ ସଭାପତି ମିହିର ରଂଜନ ପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ କଟକସଦର ବିଧାୟକ ଚନ୍ଦ୍ର ସାରଥି ବେହେରା ଯୋଗ ଦେଇ ମୁଖ୍ୟମନ୍ତ୍ରୀଙ୍କ ଏଭଳି ସାଧୁ ପ୍ରୟାସକୁ ଶତ ଧନ୍ୟବାଦ ପ୍ରଦାନ କରିଥିଲେ । କଟକସଦର ତଥା ବୟାଳିଶମୌଜା ଅଂଚଳର ବହୁ ବୁଦ୍ଧିଜୀବୀ ସଭାରେ ଉପସ୍ଥିତ ରହି ମୁଖ୍ୟମନ୍ତ୍ରୀଙ୍କ ସଦରବାସୀଙ୍କୁ ଦିଆଯାଇଥିବା ଏହି ଉପହାର ନିମନ୍ତେ କୃତ ଜ୍ଞତା ପ୍ରଦାନ କରିଥିଲେ । ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ବସନ୍ତ କୁମାର ସାହୁ ତଥା ସମସ୍ତ କର୍ମଚାରୀ ବିଧାୟକଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେବା ସହିତ ଲକ୍ଷାଧିକ ଲୋକଙ୍କ ର ସ୍ୱାସ୍ଥ୍ୟସେବା ପ୍ରଦାନ ଦିଗରେ ଏକ ଯୁଗାନ୍ତକାରୀ ପରିବର୍ତ୍ତନ ଆସିବ ବୋଲି ମତବ୍ୟକ୍ତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସଦର ସଭାପତି ପ୍ରମୋଦ ମହାପାତ୍ର,ସମର ବେହେରା,ବିଭୂତି ଭୂଷଣ ପରିଡା, ଗୌତମ ପରିଡା,ପ୍ରଫୁଲ ମହାପାତ୍ର,ସ୍ୱାଧିନ ଷଢଙ୍ଗୀ, ଅଧାପକ ଶେଖ କଲ୍ଲିମୁଲ୍ଲା ,ବୀରବର ଲେଙ୍କା,ଶିବ ଶଙ୍କର ମଲ୍ଲିକ,ବିନୋଦ ବେହେରା ପ୍ରମୁଖ ଉପସ୍ଥିତ ରହି ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

### ମାଗଣା ଚକ୍ଷୁ ପରୀକ୍ଷା ଓ ଚିକିତ୍ସା ଶିବିର

ବଲାଙ୍ଗିର, (ପି.ଏନ): ଜ୍ଞାନ ବିହାର ବିଦ୍ୟାପୀଠ, ଆଦର୍ଶ ପଡା, ବଲାଙ୍ଗୀର ଓ ସୁପ୍ରିମ୍ ଟାସ୍କ ଜେନେରାଲ ହସ୍ପିଟାଲ, ନେତ୍ରନିକେତନ, ବଲାଙ୍ଗୀରଙ୍କ ମିଳିତ ଉଦ୍ୟମରେ କଲେଜ ଛକ ସ୍ଥିତ ସାଇ ମନ୍ଦିର ଠାରେ ଏକ ମାଗଣା ଚକ୍ଷୁ ପରୀକ୍ଷା ଓ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି । ସୁପ୍ରିମଟାସ୍କ ହସ୍ପିଟାଲ ଅତିରିକ୍ତ ନିର୍ଦ୍ଦେଶକ ପ୍ରବୀଣ ନାଗଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ଜ୍ଞାନ ବିହାର ସ୍କୁଲ ନିର୍ଦ୍ଦେଶକ ସୁରେନ୍ଦ୍ର କୁମାର ସାହୁଙ୍କ ସହାୟତାରେ ଘରୋଇ ବିଦ୍ୟାଳୟ ସଂଘ (ପିଏସଏ)ର ପ୍ରେସିଡେଂଟ ତଥା ମୋଂଟେସୋରି ସ୍କୁଲ ନିର୍ଦ୍ଦେଶକ ରବି ଚନ୍ଦ୍ର ଉଦ୍ଘାତା ଫିତା କାଟି ଡଃ. ସିଦ୍ଧେଶ୍ୱର ମିଶ୍ର, ମନୋଜକାନ୍ତ ନାଗ, ସୁରେନ୍ଦ୍ର ନାଗଙ୍କ ଉପସ୍ଥିତିରେ ଶିବିରର ଉଦ୍ଘାଟନ କରିଥିଲେ ।କାର୍ଯ୍ୟକ୍ରମରେ ଡା. ମାଧୁରୀ. ଭି ଥାଲମ, ଡଃ. ପ୍ରିୟଦର୍ଶିନୀ ନନ୍ଦ ରୋଗୀମାନଙ୍କ ଚକ୍ଷୁ ପରୀକ୍ଷା କରିଥିଲେ ଓ ହସ୍ପିଟାଲ କର୍ମଚାରୀ ସିମନ ପାଲ, ରଞ୍ଜନା ବାରିକ,ପ୍ରକାଶ ବାରିକ, ବିଭୁତି ଭୂଷଣ ଭଞ୍ଜ, ଚିନ୍ମୟ ନନ୍ଦ, ଇନୋଷ ଛତ୍ରିଆ, ଆଦିତି ଓ ଜେନିମା ପ୍ରମୁଖ ଯୋଗ ଦେଇଥିଲେ । ଜ୍ଞାନ ବିହାର ସ୍କୁଲର ଛାତ୍ର ପ୍ରୀତମ ମିଶ୍ର, ଋତୁରାଜ ଷାଣ୍ଢ, ସୁମିତ ପଟେଲ, ବିକାଶ ଷାଣ୍ଢ, ଆୟୁଷ ଭଞ୍ଜ, ଆଶୁତୋଷ ଯୋଷୀ, ମନୋଜୀତ ସାହୁ, ଆୟୁଷ ହୋତା ପ୍ରମୁଖ ଅତିଥିମାନଙ୍କୁ ଫୁଲତୋଡା ଦେଇ ସ୍ୱାଗତ କରିଥିଲେ ।

## ସମାଜସେବୀ ଶ୍ରୀମତୀ ସ୍ନେହମୟୀ ଆଚାର୍ଯ୍ୟଙ୍କୁ 'ଆଇରନ ଲେଡି ଅଫ ଇଣ୍ଡିଆ' ସଂମ୍ମାନ ପ୍ରଦାନ




ପାରାଦ୍ୱୀପ/କୁଜଙ୍ଗ, (ପି.ଏନ): କୁଜଙ୍ଗ ବ୍ଲକ ଅନ୍ତର୍ଗତ ପଙ୍କପାଳ ଗ୍ରାମପଞ୍ଚାୟତ ଜହ୍ନାପାଳ ଗ୍ରାମର ସମାଜସେବୀ ଶ୍ରୀମତୀ ସ୍ନେହମୟୀ ଆଚାର୍ଯ୍ୟଙ୍କୁ ରାଜଧାନୀ ଦିଲ୍ଲୀର ନୂଆଦିଲ୍ଲୀ ଫରିଦାବାଦ ସ୍ଥିତ 'ମ୍ୟାଜିକ ବୁକ ଅଫ ରେକର୍ଡସ'ଭାରତ ସରକାରଙ୍କ ଦ୍ୱାରା ଅନୁମୋଦିତ ଏକ ଜାତୀୟ ଅନୁଷ୍ଠାନର ଚଳିତ ୨୦୨୩ ବାର୍ଷିକ ଉତ୍ସବ ସମାରୋହରେ ଭବ୍ୟ ବର୍ଣ୍ଣାଢ୍ୟ ପରିବେଶରେ ଭାରତୀୟ ମହିଳା ମାନଙ୍କ ମଧ୍ୟରେ ଶ୍ରୀମତୀ ଆଚାର୍ଯ୍ୟଙ୍କ ଦ୍ୱାରା କରାଯାଉଥିବା ସାମାଜିକ କର୍ମ,ଦିନ,ଦୁଖୀ, ଅସହାୟ,ବିକଳାଙ୍ଗ ଓ ବେସାହାରା ବୃଦ୍ଧବୃଦ୍ଧା ମଣିଷକୁ ଭଲ ପାଇବାର ଅସିମ ଧର୍ଯ୍ୟ ଓ ସାହସମୟ ହୃଦୟଟିଏ ପାଇଁ ତାଙ୍କର ସାମାଜିକ ସେବାମୂଳକ କର୍ମ ନିମନ୍ତେ 'ଆଇରନ ଲେଡି ଅଫ ଇଣ୍ଡିଆ' ଗାରିମାମୟ ସଂମ୍ମାନ ପ୍ରଦାନ କରାଯାଇ ଅଛି କ୍ଷ ଶ୍ରୀମତୀ ଆଚାର୍ଯ୍ୟ ନିଜେ ଏକ ସାମାଜିକ ଓ ଆଧ୍ୟାତ୍ମିକ ବାଦୀ ଚାରିଟେବୁଲ ଟ୍ରଷ୍ଟ ସଂଗଠନ କରି ସରକାରୀ ସ୍ତରରେ ପଞ୍ଜିକୃତ ଏହି ଅନୁଷ୍ଠାନ ବ୍ୟାସ ଫାଉଣ୍ଡେସନ ନାମରେ ନାମିତ କରାଇ ସାରା ଓଡ଼ିଶାରେ ନିଜର ଜନସେବା ଜାରିରଖିଛନ୍ତି କ୍ଷ ସୂଚନା ଥାଉକି ପରିବାର ମଧ୍ୟରୁ ବିତାଡିତ, ଅସହାୟ,ବେସାହାରା,ସ୍ୱାମୀ ପରିତ୍ୟକ୍ତା ମହିଳା କି ପୁରୁଷ ଟିଏ କିମ୍ବା ସମାଜରେ ଅବାଂଛିତ ଗର୍ଭଧାରଣ କରିଥିବା ନାରୀଟି ଦିସାହୀନ ହୋଇ ଆତ୍ମହତ୍ୟାକୁ ଆପଣେଇ ନେଉଥିବା ଏବଂ ପୁତ୍ରବୋହୁଙ୍କ ଦ୍ୱାରା ପ୍ରତାରିତ ହୋଇ ଘରୁ ବିତାଡିତ ହୋଇ ଭିକ୍ଷା ବୃତ୍ତି କରୁଥିବା ସହସହ ବୃଦ୍ଧବୃଦ୍ଧା ଗରିବ ଖଟିଖିଆ ପରିବାର ଟିର ଆର୍ଥିକ ଅନାଟନରେହେଉ କି ଦୁରା ରୋଗ୍ୟ ବ୍ୟାଧିରେ ପୀଡିତ ହୋଇ ଚିକିତ୍ସା ପାଇପାରୁ ନଥିବା ଅସହାୟଙ୍କୁ ଶ୍ରୀମତୀ ଆଚାର୍ଯ୍ୟ ଦେବଦୁତ ଭାବେ ଉଭାହୋଇ ନିଜର ମାତୃ ବତ୍ସଳ ହୃଦୟରେ ସ୍ନେହର ପରସ ଦେଇଥାନ୍ତି କ୍ଷ ଯାହାର ଦିଗଦର୍ଶନ ଆଜି ଜିଲ୍ଲା କାହିଁ ସାରା ରାଜ୍ୟରେ ବିଭିନ୍ନ ସରକାରୀ ଓ ବେସରକାରୀ ସଂଗଠନ ଠାରୁ ପୁରସ୍କାର ଗ୍ରହଣ କରି ସମ୍ବର୍ଦ୍ଧିତ ହୋଇ ଜଗତସିଂହପୁର ଜିଲ୍ଲାକୁ ଗୌରବ ଆଣିଦେଇଛନ୍ତି ଚ଼ତାଙ୍କର ଏହି ଭାରତର ଜାତୀୟ ପୁରସ୍କାର 'ଆଇରନ ଲେଡି ଅଫ ଇଣ୍ଡିଆ' ଗୌରବ ସମ୍ମାନ ବିଭୂଷିତ ହୋଇ ଓଡିଶା ପାଇଁ ଗର୍ବ ଆଣି ଦେଇ ଛନ୍ତି କ୍ଷ ଯାହାକୁ ସମସ୍ତ ଜନସାଧାରଣ ଓ ବୁଦ୍ଧିଜୀବୀ ମାନେ ପ୍ରଶଂସା କରିବା ସହିତ ଶ୍ରୀମତୀ ଆଚାର୍ଯ୍ୟଙ୍କର ଦୀର୍ଘାୟୁ ନିରାମୟ ଜୀବନ କାମନା କରିଛନ୍ତି ।

## ସିଦ୍ଧିପୁର ଗ୍ରାମରେ ଅଷ୍ଟପ୍ରହର ନାମ ଯଜ୍ଞ ପାଳିତ



ଦର୍ପଣ, (ପିଏନ): ଚଣ୍ଡିଖୋଲ ଚକ ସନ୍ନିକଟ ସିଧିପୁର ଗ୍ରାମରେ ଅଷ୍ଟପ୍ରହର ନାମ ଯଜ୍ଞ ମହାସମାରୋହରେ ପାଳିତ ହୋଇଯାଇଛି। କଳିଯୁଗରେ ଶ୍ରେଷ୍ଠମନ୍ତ୍ର ହେଉଛି ନାମଯଜ୍ଞ। ନାମଯଜ୍ଞରେ ଭଗବାନ ଶ୍ରୀକୃଷ୍ଣ ଓ ପ୍ରଭୁ ଶ୍ରୀରାମଙ୍କ ନାମକୁ ସ୍ମରଣ କରି ହରିନାମ କୀର୍ତନ କଲେ ସମସ୍ତେ ପ୍ରଭୁଙ୍କ ଆଗରେ ରହିଥାନ୍ତି। ଓଡିଶାରେ ପ୍ରଭୁ ଶ୍ରୀ ଚୈତନ୍ୟ ନବ ଦୀପରୁ ଆସି ମହାପ୍ରଭୁ ଜଗନ୍ନାଥଙ୍କ ନିକଟରେ ପହଂଚି ସେଠାରେ ମଧ୍ୟ ଲୀନ ହୋଇଥିଲେ। ତାଙ୍କ ମୁଖ୍ୟ ଉଦ୍ଦେଶ୍ୟ ଥିଲା ହରିନାମକୁ ଧରି କୀର୍ତନ କଲେ ସମସ୍ତେ ପ୍ରଭୁଙ୍କର ଭାବରେ ବନ୍ଧା ହୋଇ ରହିପାରିବେ ସେ ନେଇ ପ୍ରଥମ ଦିନ ପ୍ରତମାଖଣ୍ଡି ଗ୍ରାମର ସଂକୀର୍ତନ ମଣ୍ଡଳି ପକ୍ଷରୁ ସମସ୍ତ ସଭ୍ୟ ଓ କର୍ତାଙ୍କ୍ୱା ଦୀପକ ଦାସ, ଉପକର୍ତା ସୁବ୍ରତ ରାଉତ, ବିକାଶ ରଞ୍ଜନ ମହାପାତ୍ର, ଦିବ୍ୟଜ୍ୟୋତି ସାହୁ, ଭବାନୀ ପ୍ରସାଦ ବେହେରା, ଅମର ଖଣ୍ଡାଇ, ନତ୍ୟାନନ୍ଦ ଖିଲାର, ଶୁଭେନ୍ଦୁ ରାଉତ, ବିଭୁଦତ ବେହେରା, ଜ୍ଞାନରଞ୍ଜନ ସାହୁ, ପୂର୍ଣ୍ଣଚନ୍ଦ୍ର ମହାପାତ୍ର ସମେତ ପୁଜକ ବ୍ରହ୍ମଣ ପୋଖରୀ ପାଖକୁ ଯାଇ ପୂଜାର୍ଚ୍ଚନା କରି କଳସରେ ପୁଣ୍ୟ୍‌ଜଳ ଆଣି ଅଷ୍ଟପ୍ରହର ଗାଦି ନିକଟରେ ପହଂଚିଥିଲେ। ଭୋର ସମୟରୁ କୀର୍ତନ ମଣ୍ଡଳି ସନ୍ଧ୍ୟା ୬ ଗଟିକା ପର୍ଯ୍ୟନ୍ତ ନାମ ସଂକୀର୍ତନ କରିଥରଲେ। ସନ୍ଧ୍ୟା ସମୟରେ ଗୋାପଳପୁର, ରାୟପଡା, ଶ୍ରୀରାମପୁର, ନିସିମଳା ସମେତ ଅନ୍ୟ କୀର୍ତନମଣ୍ଡଳି ମାନେ ପହଂଚି ପ୍ରଭୁଙ୍କ ନିକଟରେ କୀର୍ତନ କରି ଭାବ ସୃଷ୍ଟି କରିଥିଲେ। ଆଜି ମଧ ନଗର କୀର୍ତନ କରାଯାଇଥିଲା। ପ୍ରଥମାଖଣ୍ଡି ଗ୍ରାମର ସଂକୀର୍ତନ ମଣ୍ଡଳି ଗ୍ରାମର ଉତ୍ସାହୀ ଯୁବକମାନଙ୍କ ସହିତ କର୍ତା ଶ୍ରୀ ଦାସ ପ୍ରଭୁଙ୍କୁ ଗୋଟେ ବିମାନରେ ବସାଇ ଗ୍ରାମ ଠାକୁରାଣୀଙ୍କ ପାଖରେ ପହଂଚିଥିଲେ। ସେଠାରେ ଗୋପାଳପୁର ଗ୍ରାମର ଠାକୁରାଣୀଙ୍କ ଠାରେ ପହଂଚି ଗୋପାଳପୁର ଗ୍ରାମ, ନୂଆପଡା ଗ୍ରାମ ପରିଭ୍ରମଣ କରି ସିଧିପୁରୁ ଗ୍ରାମରେ ପହଂଚିଥିଲେ। ଉପରୋକ୍ତ ୩ ଖଣ୍ଡ ଗ୍ରାମରେ ନାମ ସଂକୀର୍ତନ କରି ପରିଭ୍ରମଣ ସମୟେ ପ୍ରତ୍ୟେକ ଘର ସମ୍ମୁଖରେ ମହିଳା ମାନେ କଳସ ବସାଇ ପ୍ରଭୁଙ୍କ ପୂଜାର୍ଚ୍ଚନ ।କରିଥିଲେ। ଆନନ୍ଦ ଉଲ୍ଲାସ ମଧ୍ୟରେ ନାମ ସଂକୀର୍ତନ କରାଯାଇଥିଲା। ସିଦ୍ଧିପୁର ଗ୍ରାମର ସମସ୍ତ ମହିଳା ଓ ପୁରୁଷ ମାନେ ସମ୍ପୂର୍ଣ୍ଣ ସହ ଯୋଗ କରି ଉତ୍ସବକୁ ମୁଖରିତ କରିଥିଲେ

ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)

NURSERY (3+)

LKG, UKG, STD-I TO V

25% reservation as per RTE Act (2009)



FIND THE DIFFERENCE

- Surveillance through CCTV Camera
- Small Classes
- Congenial Environment
- Intimate, Safe & Secured Place
- Experienced & loving teachers
- Individual attention to each child
- Spacious Playground
- AC Activity Room
- Transport Facilities

TUITION CLASSES for Std I to Std V
Timing: 5 PM to 6.30 PM

MAHARISHI PUBLIC SCHOOL

N4-F/24, IRC Village, Nayapalli, Bhubaneswar, Phone: 0674-2558884,2550786

E-mail: maharishipublic13@gmail.com

25% Seats reserved in Std. 1 under RTE Act

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray